# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୧୩/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, August 13/2025 | Page 14 | ₹ 7.00 | DHENKANAL

୫୧ଶ ଭାଗ ୨୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 259 | ମୂଲ୍ୟ ₹୭/-








ଭୋଟ ଚୋରି ଏବଂ ବିହାରରେ ଏସ୍‌ଆଇଆର୍ ପ୍ରସଙ୍ଗକୁ ନେଇ ମଙ୍ଗଳବାର ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସଠାରେ କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ନେତୃତ୍ୱରେ ଇଣ୍ଡିଆ ବ୍ଲକ୍‌ର ଏମ୍‌ପିମାନେ ଟି-ଶାର୍ଟ ପିନ୍ଧି ପ୍ରତିବାଦ କରୁଛନ୍ତି।

# ପିକ୍ଚର ବାକି ଅଛି: ରାହୁଲ

**ବିହାର ବିଧାନସଭା ଭୋଟ ପୂର୍ବରୁ ନିର୍ବାଚନ କମିଶନଙ୍କ ଏସ୍‌ଆଇଆର୍ କେବଳ ରାଜ୍ୟରେ ନୁହେଁ ବରଂ ପୂରା ଦେଶରେ ବିତର୍କ ସୃଷ୍ଟି କରିଛି। ଭୋଟର ତାଲିକା ସଂଶୋଧନ ଉଦ୍ଦେଶ୍ୟରେ ଆୟୋଗଙ୍କ ଏହି ଅଭିଯାନକୁ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରୁଛନ୍ତି। ନାଗରିକଙ୍କ ମତଦାନ ଅଧିକାରକୁ ଛଡ଼ାଇନେବା ପାଇଁ ଏହି ଅଭିଯାନ ଉଦ୍ଦିଷ୍ଟ ବୋଲି ସେମାନେ କହୁଛନ୍ତି। ତେବେ କେବଳ ଏସ୍‌ଆଇଆର୍ ନୁହେଁ, ମହାରାଷ୍ଟ୍ର ଓ କର୍ନାଟକରେ ଭାଜପାକୁ ଜିତାଇବା ପାଇଁ କମିଶନ ଭୋଟ ଚୋରି କରୁଥିଲେ ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଭିଯୋଗ ଆଣି ପ୍ରମାଣ ଦେଖାଇଥିଲେ। ଏନେଇ ଇସି ତାଙ୍କୁ ସ୍ୱାକ୍ଷର ସମ୍ବନ୍ଧିତ ସତ୍ୟପାଠ ମାଗିଥିବାବେଳେ ରାହୁଲ ତାହା ଦାଖଲ କରିନାହାନ୍ତି। ଏସ୍‌ଆଇଆର୍ ଏବଂ ଭୋଟ ଚୋରି ଅଭିଯୋଗକୁ ନେଇ ସଂସଦରେ ଅଚଳାବସ୍ଥା ଜାରି ରହିଥିବାବେଳେ ନିର୍ବାଚନ କମିଶନ 'ଜଣେ ବ୍ୟକ୍ତି ଏକ ଭୋଟ' ସିଦ୍ଧାନ୍ତକୁ କାର୍ଯ୍ୟକାରୀ କରିବା ପାଇଁ ନିଜ ଦାୟିତ୍ୱକୁ ସୁଚାରୁରୂପେ ତୁଲାଉନାହାନ୍ତି ବୋଲି ମଙ୍ଗଳବାର ରାହୁଲ କହିଛନ୍ତି। ସେ କହିଛନ୍ତି, ଏବେ ପିକ୍ଚର ବାକି ଅଛି। ସୋମବାର ବିରୋଧୀ ନେତାମାନେ ନିର୍ବାଚନ ସଦନକୁ ବିକ୍ଷୋଭ ଶୋଭାଯାତ୍ରା କରିବା ଭଳି ଆଗକୁ ଅନେକ ଦୃଶ୍ୟ ଦେଖିବାକୁ ମିଳିପାରେ ବୋଲି ଅନୁମାନ କରାଯାଉଛି।**

ନୂଆଦିଲ୍ଲୀ, ୧୨।୮ (ପି.ଟି.)

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ପୁଣିଥରେ ନିର୍ବାଚନ କମିଶନ (ଇସି)ଙ୍କୁ ଟାର୍ଗେଟ କରିଛନ୍ତି। 'ଜଣେ ବ୍ୟକ୍ତି ଏକ ଭୋଟ' ସିଦ୍ଧାନ୍ତକୁ କାର୍ଯ୍ୟକାରୀ କରିବା ପାଇଁ ଇସି ନିଜ କର୍ତ୍ତବ୍ୟକୁ ନିଭାଉନାହାନ୍ତି ବୋଲି ରାହୁଲ କହିଛନ୍ତି। ଭୋଟର ତାଲିକାରେ ଅନିୟମିତତା ନେଇ ନିଜ ଦାବିକୁ ରାହୁଲ ପୁଣିଥରେ ଦୋହରାଇ କହିଛନ୍ତି, ପିକ୍ଚର ଏବେ ବାକି ଅଛି। ସମ୍ବିଧାନକୁ ରକ୍ଷା କରିବା ପାଇଁ ତାଙ୍କ ଦଳ ସର୍ବଦା ପ୍ରୟାସ କରିବ।

ସଂସଦ ଭବନ ପରିସରରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରି ରାହୁଲ କହିଛନ୍ତି, ଭୋଟ ଚୋରି କେବଳ ଗୋଟିଏ ସିଟ୍‌ରେ ହୋଇନାହିଁ। ଅନେକ ସିଟ୍‌ରେ ଏପରି ମାମଲା ଦେଖିବାକୁ ମିଳିଛି। ଜାତୀୟ ସ୍ତରରେ ଏକ ବ୍ୟବସ୍ଥିତ ଢଙ୍ଗରେ ଭୋଟ ଚୋରି କରାଯାଉଛି। ଏନେଇ ଇସି ଭଲ ଭାବେ ଅବଗତ ଥିବା ସେ କହିଛନ୍ତି। ପୂର୍ବ ଇସି କହୁଥିଲେ, ପ୍ରମାଣ ଦିଅ। ଏବେ ପ୍ରମାଣ ଦିଆଯାଇଛି। ତଥାପି ଇସିଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। 'ଜଣେ ବ୍ୟକ୍ତି ଏକ ଭୋଟ' ସିଦ୍ଧାନ୍ତ ହେଉଛି ସମ୍ବିଧାନର ମୂଳଦୁଆ। ଏହାକୁ କାର୍ଯ୍ୟକାରୀ କରିବା ହେଉଛି ଇସିଙ୍କ ପ୍ରମୁଖ କର୍ତ୍ତବ୍ୟ। ଇସି ଉକ୍ତ କର୍ତ୍ତବ୍ୟକୁ ନିଭାଉ ନାହାନ୍ତି। ବିହାରର ଭୋଟର ତାଲିକାରେ ୧୨୪ ବର୍ଷୀୟା ମିନ୍ତା ଦେବୀଙ୍କ ନାଁ ଥିବା ନେଇ ପଚରାଯିବାରୁ ରାହୁଲ କହିଛନ୍ତି, ଏହା ଏକମାତ୍ର ମାମଲା ନୁହେଁ, ଏପରି ଅନେକ ମାମଲା ରହିଛି।



ରାହୁଲ ଗାନ୍ଧୀ

ଅନ୍ୟପକ୍ଷେ, ବିହାରରେ ଏସ୍‌ଆଇଆର୍ ଏବଂ ଭୋଟ ଚୋରି ପ୍ରସଙ୍ଗକୁ ନେଇ ମଙ୍ଗଳବାର ମଧ୍ୟ ସଂସଦର ଉଭୟ ଗୃହରେ ଅଚଳାବସ୍ଥା ଦେଖାଦେଇଛି। ଉଭୟ ପ୍ରସଙ୍ଗକୁ ନେଇ ବିରୋଧୀ ଇଣ୍ଡିଆ ବ୍ଲକ୍‌ର ଅନେକ ଏମ୍‌ପି ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସଠାରେ ପ୍ରତିବାଦ କରିଛନ୍ତି। ଏହି ଅବସରରେ ଏମ୍‌ପିମାନେ ଧଳାରଙ୍ଗର ଟି-ଶାର୍ଟ ପିନ୍ଧିଥିଲେ। ଉକ୍ତ ଶାର୍ଟରେ ବିହାର ଭୋଟର ତାଲିକାରେ ଥିବା ୧୨୪ ବର୍ଷୀୟା ମିନ୍ତା ଦେବୀଙ୍କର ନାମ ରହିଥିଲା। 'ଆମ ଭୋଟ ଆମ ଅଧିକାର ଆମ ଲଢ଼େଇ' ଲେଖାଥିବା ବ୍ୟାନର ସହ ଇଣ୍ଡିଆ ବ୍ଲକ୍‌ର ଏମ୍‌ପିମାନେ ଇସି ଏବଂ କେନ୍ଦ୍ର ସରକାର ବିରୋଧୀ ସ୍ଲୋଗାନ୍ ଦେଇ ପ୍ରତିବାଦ କରିଥିଲେ। ତେବେ ସଂସଦରେ ଜାରି ରହିଥିବା ଅଚଳାବସ୍ଥା ପାଇଁ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛି। ବିହାର ଭୋଟର ତାଲିକାରେ ଏସ୍‌ଆଇଆର୍‌କୁ ନେଇ ଆଲୋଚନା ପାଇଁ ମୋଦି ସରକାର ପ୍ରସ୍ତୁତ ନୁହନ୍ତି। କେନ୍ଦ୍ରର ଏହି ଜିଦ୍ ଯୋଗୁ ସଂସଦର ଉଭୟ ଗୃହ ବାରମ୍ବାର ମୁଲତବୀ ହେଉଛି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।

## ସଂକ୍ଷେପରେ

### ବେଲୋଚ ଗୋଷ୍ଠୀକୁ ଆତଙ୍କବାଦୀ ସଂଗଠନ ଘୋଷଣା କଲା ଆମେରିକା

ୱାଶିଂଟନ୍, ୧୨।୮

ପାକିସ୍ତାନର ବିଚ୍ଛିନ୍ନତାବାଦୀ ବେଲୋଚ ଲିବରେଶନ ଆର୍ମି (ବିଏଲ୍‌ଏ) ଏବଂ ଏହାର ଶାଖା ମଜିଦ ବ୍ରିଗେଡ୍‌କୁ ଆମେରିକା ପରରାଷ୍ଟ୍ର ବିଭାଗ ବିଦେଶୀ ଆତଙ୍କବାଦୀ ସଂଗଠନ ଘୋଷଣା କରିଛି। ୨୦୧୯ରୁ ବିଏଲ୍‌ଏକୁ ସ୍ୱତନ୍ତ୍ର ଭାବେ ନାମିତ ବୈଶ୍ୱିକ ଆତଙ୍କବାଦୀ (ଏସ୍‌ଡିଜିଟି)ବର୍ଗରେ ସାମିଲ କରାଯାଇଥିଲା। ଏବେ ପାକ୍ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଅସିମ ମୁନିର ଆମେରିକା ଗସ୍ତରେ ଥିବାବେଳେ ବିଏଲ୍‌ଏକୁ ଆତଙ୍କବାଦୀ ସଂଗଠନ ଘୋଷଣା କରାଯାଇଛି। ଦୁଇ ଦେଶ ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର ହୋଇଛି, ଯାହା ଫଳରେ ବେଲୁଚିସ୍ତାନର ତୈଳ ଭଣ୍ଡାରରେ ଆମେରିକୀୟ କମ୍ପାନୀକୁ ପ୍ରବେଶ ଅନୁମତି ମିଳିପାରିବ। ଦୀର୍ଘ ଦଶନ୍ଧି ଧରି ବିଏଲ୍‌ଏ ବେଲୁଚିସ୍ତାନ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ଆନ୍ଦୋଳନର ପ୍ରମୁଖ ସଂଗଠନ ରହିଆସିଥିଲା।

### ଦିଲ୍ଲୀ-ଏନ୍‌ସିଆର୍‌ର ପୁରୁଣା ଗାଡ଼ି ମାଲିକଙ୍କୁ ସୁପ୍ରିମକୋର୍ଟଙ୍କ ଆଶ୍ୱସ୍ତି

ନୂଆଦିଲ୍ଲୀ, ୧୨।୮

ଦିଲ୍ଲୀ-ଏନ୍‌ସିଆର୍‌ରେ ୧୦ ବର୍ଷ ପୁରୁଣା ଡିଜେଲ ଏବଂ ୧୫ ବର୍ଷ ପୁରୁଣା ପେଟ୍ରୋଲ ଗାଡ଼ିର ମାଲିକଙ୍କୁ ମଙ୍ଗଳବାର ସର୍ବୋଚ୍ଚ ଅଦାଲତ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ପୁରୁଣା ଗଡ଼ିର ମାଲିକଙ୍କ ବିରୋଧରେ କୌଣସି ଜୋର ଜବରଦସ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ବାୟୁ ପ୍ରଦୂଷଣ ରୋକିବାକୁ ଦିଲ୍ଲୀ-ଏନ୍‌ସିଆର୍‌ରେ ୧୦ ବର୍ଷ ପୁରୁଣା ଡିଜେଲ ଏବଂ ୧୫ ବର୍ଷ ପୁରୁଣା ପେଟ୍ରୋଲ ଗାଡ଼ି ଚଳାଚଳକୁ ନିଷେଧ କରିବା ପାଇଁ ଦିଲ୍ଲୀ ସରକାରଙ୍କ ପୁନର୍ବିଚାର ଆବେଦନର ଶୁଣାଣି ବେଳେ ସିଜେଆଇ ବି.ଆର୍. ଗବଇ, ଜଷ୍ଟିସ୍ ବିନୋଦ କେ ଚନ୍ଦ୍ରନ୍ ଏବଂ ଏନ୍.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ୪ ସପ୍ତାହ ପରେ ପରବର୍ତ୍ତୀ ଶୁଣାଣି ହେବ। ସେପର୍ଯ୍ୟନ୍ତ ଦିଲ୍ଲୀ-ଏନ୍‌ସିଆର୍‌ର ପୁରୁଣା ଗାଡ଼ି ମାଲିକଙ୍କୁ ଆଶ୍ୱସ୍ତି ମିଳିଛି।

### ସିବିଏସ୍‌ଇ ପାଠ୍ୟକ୍ରମରେ ସାମିଲ ହେବ ନୂଆ ଆପରାଧିକ ଆଇନ

ନୂଆଦିଲ୍ଲୀ, ୧୨।୮ (ପି.ଟି.)

ଆଗାମୀ ୨୦୨୬-୨୭ ଶିକ୍ଷାବର୍ଷରୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ର ଆଇନଗତ ଅଧ୍ୟୟନ ପାଠ୍ୟକ୍ରମରେ ସମ୍ବିଧାନର ଧାରା ୩୭୦ ଏବଂ ତିନି ତଲାକ ଆଇନ ରଦ୍ଦ ସମେତ ନୂଆ ଆପରାଧିକ ଆଇନ ସାମିଲ ହେବ। ସିବିଏସ୍‌ଇର କରିକୁଲମ୍ କମିଟି ଏହି ନିଷ୍ପତ୍ତିକୁ ଅନୁମୋଦନ କରିଥିବାବେଳେ ଗଭର୍ଣ୍ଣିଂ ବଡ଼ି ମଞ୍ଜୁରୀ ପ୍ରଦାନ କରିଛି। ଉପନିବେଶୀୟ ଯୁଗର ପୁରୁଣା ଆପରାଧିକ ଆଇନ ବଦଳରେ ଅଣାଯାଇଥିବା ନୂଆ ଆଇନ ସମ୍ପର୍କରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ର ପଢ଼ିବେ।

## ୩ ଜଣିଆ ତଦନ୍ତ କମିଟି ଘୋଷଣା କଲେ ବାଚସ୍ପତି

ନୂଆଦିଲ୍ଲୀ, ୧୨।୮

**ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ**

ସରକାରୀ ବାସଭବନରୁ ବିପୁଳ ଟଙ୍କା ମିଳିବା ଘଟଣାରେ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଯଶୱନ୍ତ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆସିଥିବାବେଳେ ଅଭିଯୋଗର ପ୍ରମାଣ ପାଇଁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ମଙ୍ଗଳବାର ୩ ଜଣିଆ ତଦନ୍ତ କମିଟି ଗଠନ କରିଛନ୍ତି। କମିଟିରେ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଅରବିନ୍ଦ କୁମାର, ମାଡ୍ରାସ୍ ହାଇକୋର୍ଟର ମୁଖ୍ୟ ବିଚାରପତି ମନୀନ୍ଦ୍ର ମୋହନ ଶ୍ରୀବାସ୍ତବ ଏବଂ କର୍ନାଟକ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବି. ବାସୁଦେବ ଆଚାର୍ଯ୍ୟ ରହିଛନ୍ତି। ଯଥାଶୀଘ୍ର ସମ୍ଭବ କମିଟି ଏହାର ରିପୋର୍ଟ ଦାଖଲ କରିବ। ତଦନ୍ତ କମିଟି ରିପୋର୍ଟ ଆସିବା ପର୍ଯ୍ୟନ୍ତ ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଅଟକି ରହିବ ବୋଲି ବିର୍ଲା କହିଛନ୍ତି।

ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ସରକାର ପୂର୍ବରୁ ମହାଭିଯୋଗ ପ୍ରସ୍ତାବର ପ୍ରକ୍ରିୟା ଆରମ୍ଭ କରିଥିଲେ। ଜଷ୍ଟିସ୍ ବର୍ମାଙ୍କ ବହିଷ୍କାର ପାଇଁ ଲୋକ ସଭାର ୧୪୫ ଜଣ ଏବଂ ରାଜ୍ୟ ସଭାର ୬୩ ଜଣ ସଦସ୍ୟ ସମ୍ପୃକ୍ତ ଗୃହର ପ୍ରିଜାଇଡିଂ ଅଫିସରମାନଙ୍କୁ ନୋଟିସ ଦେଇଥିଲେ। ନୋଟିସ୍‌ରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଭାଜପା ଏମ୍‌ପି ରବିଶଙ୍କର ପ୍ରସାଦ, ଅନୁରାଗ ଠାକୁର, ଏନ୍‌ସିପିର ସୁପ୍ରିୟା ସୁଲେ ପ୍ରମୁଖ ସ୍ୱାକ୍ଷର କରିଥିଲେ। ସମ୍ବିଧାନର ଅନୁଚ୍ଛେଦ ୧୨୪, ୨୧୭ ଏବଂ ୨୧୮ ଅନୁଯାୟୀ ଲୋକ ସଭା ବାଚସ୍ପତିଙ୍କ ନିକଟରେ ନୋଟିସ ଦାଖଲ କରାଯାଇଥିଲା। ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ବିରୋଧୀ ସମର୍ଥିତ ନୋଟିସ ଗ୍ରହଣ କରିବା ତାଙ୍କ ହଠାତ୍ ଇସ୍ତଫା ପଛର ଅନ୍ୟତମ କାରଣ ବୋଲି କୁହାଯାଏ।

## ରିଲାଏନ୍ସର ଜାମନଗର ରିଫାଇନାରି ଉପରେ ଆକ୍ରମଣ ପାଇଁ ମୁନିରଙ୍କ ଧମକ

ୱାଶିଂଟନ୍, ୧୨।୮

ପାକିସ୍ତାନୀ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଅସିମ୍ ମୁନିର ୨ ଦିନ ପୂର୍ବରୁ ଆମେରିକା ମାଟିରୁ ଭାରତକୁ ପରମାଣୁ ଆକ୍ରମଣର ଧମକ ଦେଇଥିବାବେଳେ ବହିର୍ବ୍ୟାପାର ମନ୍ତ୍ରଣାଳୟ ଏହାର କଡ଼ା ଜବାବ ଦେଇଥିଲା। ଆମେରିକାରେ ମୁନିର ଭାରତ ବିରୋଧରେ ଉତ୍ତେଜନାପୂର୍ଣ୍ଣ ଏବଂ ଆକ୍ରମଣାତ୍ମକ ଭାଷଣ ଦେବା ଅବସରରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଗୁଜରାଟ ଜାମନଗରସ୍ଥିତ ରିଫାଇନାରି ଉପରେ ଆକ୍ରମଣ କରିବାକୁ ସଙ୍କେତ ଦେଇଛନ୍ତି। ପାକିସ୍ତାନର କୌଣସି ସାମରିକ ମୁଖ୍ୟ ଭାରତର ଗୁରୁତ୍ୱପୂର୍ଣ୍ଣ ତୈଳ ଭିତ୍ତିଭୂମି ଉପରେ ଆକ୍ରମଣ କରିବାକୁ ଚାହିଁବା ଏହା ପ୍ରଥମ ଘଟଣା। ଫ୍ଲୋରିଡାର ଟାମ୍ପାଠାରେ ଏକ ଘରୋଇ ନୈଶଭୋଜି ସମାବେଶରେ ଉଦ୍‌ବୋଧନ ଦେଇ ମୁନିର ଏକ ସୋସିଆଲ ମିଡିଆ ପୋଷ୍ଟର ଅବତାରଣା କରି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କୁ ଟାର୍ଗେଟ କରିଥିଲେ। ଅମ୍ବାନୀ ଭାରତର ଆର୍ଥିକ ସାମର୍ଥ୍ୟ ଓ ବୈଶ୍ୱିକ ସ୍ଥିତି ସହ ଯୋଡ଼ି ହୋଇଥିବାରୁ ମୁନିର ତାଙ୍କ ନାମ ନେଇଥିବା ଜଣାପଡୁଛି।

ପାକିସ୍ତାନର ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ-ଜର୍ଦ୍ଦାରୀ ଭାରତର ସିନ୍ଧୁ ନଦୀ ଜଳ ଅଟକାଇବା ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। ପାକିସ୍ତାନ ସବୁବେଳେ ଶାନ୍ତି ଚାହିଁ ଆସିଛି। ଯଦି ଭାରତ ଯୁଦ୍ଧ କରିବାକୁ ବାଧ କରେ, ତେବେ ଆମେ ପଛକୁ ହଟିବ ନାହିଁ ବୋଲି ସେ କହିଛନ୍ତି। ସିନ୍ଧୁ ନଦୀ ଜଳ ବନ୍ଦ କଲେ ପାକିସ୍ତାନର ପ୍ରତ୍ୟେକ ପ୍ରଦେଶର ଲୋକେ ଲଢ଼େଇ ପାଇଁ ପ୍ରସ୍ତୁତ ରହିବେ ବୋଲି ବିଲାୱଲ କହିଛନ୍ତି।

## ସୀମାରେ ରେଳପଥ ନିର୍ମାଣ ପାଇଁ ଚାଇନାର ଯୋଜନା

ନୂଆଦିଲ୍ଲୀ, ୧୨।୮

**ଭାରତର ଚିନ୍ତା ବଢ଼ାଇଲା**

ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ନିକଟରେ ଚାଇନା ରେଳଲାଇନ୍ ନିର୍ମାଣ ପାଇଁ ଏହାର ୨୦୦୮ର ଯୋଜନାକୁ ପୁନରୁଜୀବିତ କରିଛି। ଏହି ତିବ୍ବତ-ଜିନ୍‌ଜିଆଙ୍ଗ ରେଳଲାଇନ ଦେଇ ଭାରତ ସୀମା ନିକଟକୁ ବେଜିଂ ସୈନ୍ୟ ଓ ଅସ୍ତ୍ରଶସ୍ତ୍ର ଆଦି ପଠାଇବାରେ ସହାୟକ ହେବ। ଚାଇନା ନିୟନ୍ତ୍ରଣରେ ଥିବା ଭାରତୀୟ ଅଞ୍ଚଳ ଅକ୍‌ସାଇ ଚୀନ୍ ଦେଇ ଏହି ରେଳଲାଇନ ନେପାଳ ସୀମା ପର୍ଯ୍ୟନ୍ତ ଯିବ।

୨୦୦୬ରେ ଚାଇନା ପ୍ରଥମ ଥର ପାଇଁ ସମୁଦ୍ର ପତ୍ତନରୁ ୪,୦୦୦ ମିଟର ଉଚ୍ଚରେ ଅବସ୍ଥିତ ଗୋଲମୁଣ୍ଡ-ଲାସା ରେଳଲାଇନ ନିର୍ମାଣ କରି ଯାତ୍ରୀବାହୀ ଟ୍ରେନ୍ ଚଳାଇଥିଲା। ଏହା ପରେ ବେଜିଂ ୨୦୧୪ରେ ଲାସା-ଶିଗାଟ୍‌ସେ ଏବଂ ୨୦୨୧ରେ ଲାସା-ନିଙ୍ଗଚି ରେଳଲାଇନ୍ ନିର୍ମାଣ କରିଥିଲା। ଏବେ ଏହା ବିଶ୍ୱର ଛାତ କୁହାଯାଉଥିବା ତିବ୍ବତ ଦେଇ ରେଲ୍ ନେଟ୍‌ୱର୍କ ବଢ଼ାଇବାକୁ ଯୋଜନା କରିଛି। ଭାରତ ସୀମାକୁ ଲାଗି ଏହି ରେଳଲାଇନ ନୂଆଦିଲ୍ଲୀ ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି କୁହାଯାଉଛି। ୫୦ ଦଶକରେ ଯେତେବେଳେ ଚାଇନା ଅକ୍‌ସାଇ ଚୀନ୍ ଦେଇ ଜିନ୍‌ଜିଆଙ୍ଗ-ତିବ୍ବତ ହାଇୱେ ନିର୍ମାଣ ଆରମ୍ଭ କଲା ଏହାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେବା ସହ ୧୯୬୨ର ଭାରତ-ଚାଇନା ଯୁଦ୍ଧର ରୂପ ନେଇଥିଲା। ବର୍ତ୍ତମାନର ନୂଆ ରେଳଲାଇନ ଯୋଜନା ଭାରତ ପାଇଁ ଚିନ୍ତାଜନକ ହୋଇଛି। କାରଣ ଏହା ଭାରତର ଅକ୍ସାଇ ଚୀନ୍ ଦେଇ ଯାଉଛି ଏବଂ ଏଲ୍‌ଏସି ପାଖାପାଖି ନିର୍ମାଣ ହେବାକୁ ଯାଉଛି।

## 'ଦଣ୍ଡାଦେଶ ପୂରଣ କରିଥିବା କଏଦୀଙ୍କୁ ମୁକ୍ତ କର'

ନୂଆଦିଲ୍ଲୀ, ୧୨।୮

ଯେଉଁ କଏଦୀମାନେ ଦଣ୍ଡ ଅବଧି ପୂରଣ କରିସାରିଛନ୍ତି ସେମାନଙ୍କୁ ତୁରନ୍ତ ମୁକ୍ତ କରାଯିବାକୁ ସୁପ୍ରିମକୋର୍ଟ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଦଣ୍ଡାଦେଶ ପୂରଣ କରିସାରିଥିବା କେତେଜଣ କଏଦୀଙ୍କୁ ଜେଲରେ ରହିବାକୁ ପଡୁଥିବା କହି ଜଷ୍ଟିସ୍ ବି.ବି. ନାଗରତ୍ନା ଓ ଜଷ୍ଟିସ୍ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦଣ୍ଡ ଅବଧି ପୂରଣ କରିଥିବା କଏଦୀ ଅନ୍ୟ ମାମଲାରେ ଦୋଷୀ ନ ଥିଲେ, ତୁରନ୍ତ ସେମାନଙ୍କୁ ମୁକ୍ତ କରିବାକୁ ସର୍ବୋଚ୍ଚ ଅଦାଲତ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଗୃହ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୦୨ର ଚର୍ଚ୍ଚିତ ନୀତୀଶ କଟାରା ହତ୍ୟାକାଣ୍ଡର ଅପରାଧୀ ସୁଖଦେବ ଯାଦବ ଓରଫ ପହଲବାନଙ୍କୁ ଜେଲରୁ ମୁକୁଳାଇବା ପାଇଁ ନିର୍ଦ୍ଦେଶ ଦେବାବେଳେ ସୁପ୍ରିମକୋର୍ଟ ଏହି ଟିପ୍ପଣୀ କରିଛନ୍ତି।



ବିଶ୍ୱ ହାତୀ ଦିବସ ଅବସରରେ ମଙ୍ଗଳବାର ଜୟପୁରର ଆମେର ଦୁର୍ଗଠାରେ ପର୍ଯ୍ୟଟକମାନେ ହାତୀ ସବାରିର ମଜା ନେଉଛନ୍ତି।

## ଫୁର୍‌ସତ୍

### ପୁଅକୁ ଜେଲରୁ ମୁକୁଳାଇବା ପାଇଁ ୯୦ ବର୍ଷ ବୟସରେ ଆଇନ ଛାତ୍ରୀ

ବେଜିଂ

ପୂର୍ବ ଚାଇନାର ଝେଜିୟାଙ୍ଗ୍ ପ୍ରଦେଶରେ ଜଣେ ୯୦ ବର୍ଷୀୟା ମହିଳା 'ନୋନାଜେନାରିଆନ ହେ' ସମ୍ପ୍ରତି ଚର୍ଚ୍ଚାରେ ରହିଛନ୍ତି। ଏକ ୧୧୭ ମିଲିୟନ ୟୁଆନ୍ (ପ୍ରାୟ ୧୪୩ କୋଟି ଟଙ୍କା)ର ହାଇପ୍ରୋଫାଇଲ୍ ବ୍ଲାକ୍‌ମେଲ୍ ମାମଲାରେ 'ହେ'ଙ୍କ ପୁଅ ଲିନ୍ (୫୭)ଙ୍କୁ ଅଭିଯୁକ୍ତ କରି ପୋଲିସ ଗିରଫ କରିଛି। ତେଣୁ ପୁଅକୁ ଜେଲରୁ ମୁକୁଳାଇବା ପାଇଁ 'ହେ' ଆଇନ ପାଠ ପଢ଼ିବା ଆରମ୍ଭ କରିଛନ୍ତି। ପୁଅର ଗିରଫଦାରୀ ପରେ ସେ ପ୍ରତିଦିନ କୋର୍ଟକୁ ଯାଇ ଲିନ୍ ଫସିଥିବା ବ୍ଲାକ୍‌ମେଲ୍ ମାମଲା ସହ ଜଡିତ ଡକ୍ୟୁମେଣ୍ଟଗୁଡ଼ିକୁ ପଢ଼ନ୍ତି ଏବଂ ଫୌଜଦାରି ଆଇନ ଉପରେ ଗଭୀର ଅଧ୍ୟୟନ କରନ୍ତି ବୋଲି ସାଉଥ୍ ଚାଇନା ମର୍ନିଂ ପୋଷ୍ଟରେ ଏକ ରିପୋର୍ଟ ପ୍ରକାଶ ପାଇଛି।

ସ୍ଥାନୀୟ ଉଦ୍ୟୋଗପତି ହୁଆଙ୍ଗ୍‌ଙ୍କୁ ବ୍ଲାକ୍‌ମେଲିଂ କରିବା ଅଭିଯୋଗରେ ୨୦୨୩ ଏପ୍ରିଲରେ ଲିନ୍ ଗିରଫ ହୋଇଥିଲେ। ୨୦୦୯ରେ ଚାଇନାର ସବୁଠାରୁ ୧୦୦ ଧନୀ ବ୍ୟକ୍ତିଙ୍କ ମଧ୍ୟରେ ହୁଆଙ୍ଗ୍‌ଙ୍କ ନାମ ରହିଥିଲା। ଏକ ଗ୍ୟାସ୍ ଉତ୍ପାଦନ ବ୍ୟବସାୟରେ ଲିନ୍‌ଙ୍କ ସହ ହୁଆଙ୍ଗ ଅଂଶୀଦାର ଥିଲେ। ତେବେ ହୁଆଙ୍ଗ୍ ବାରମ୍ବାର ବିଳମ୍ବରେ ପେମେଣ୍ଟ ଦେଉଥିବା ଯୋଗୁ ଲିନ୍‌ଙ୍କ କାରଖାନା ବନ୍ଦ ହୋଇଯାଇଥିଲା ଏବଂ ସେ ବହୁ କ୍ଷତି ସହିଥିଲେ। ୨୦୧୪ରୁ ୨୦୧୭ ମଧ୍ୟରେ ଲିନ୍ ଏବଂ ତାଙ୍କ ଆକାଉଣ୍ଟାଣ୍ଟ ହୁଆଙ୍ଗଙ୍କୁ ଧମକ ଦେଇ ଟିକସ ବିଭାଗରେ ତାଙ୍କ ବିରୋଧରେ ଅଭିଯୋଗ କରିବେ ବୋଲି କହିଥିଲେ ଏବଂ ତାଙ୍କଠାରୁ ୧୧୭ ନିୟୁତ ୟୁଆନ୍ ଆଦାୟ କରିଥିଲେ। ଘଟଣା ସମ୍ପର୍କରେ ୨୦୨୩ର ପ୍ରାରମ୍ଭରେ ହୁଆଙ୍ଗ୍ ପୋଲିସ ନିକଟରେ ଅଭିଯୋଗ କରି ଲିନ୍‌ଙ୍କ ବିରୋଧରେ ଏତଲା ଦେଇଥିଲେ। ହୁଆଙ୍ଗ୍‌ଙ୍କ ଅଭିଯୋଗ ଆଧାରରେ ପୋଲିସ ଲିନ୍‌ଙ୍କୁ ଗିରଫ କରିଥିଲା।

ଯେତେବେଳେ 'ହେ' ପ୍ରଥମଥର ପାଇଁ ନିଜ ପୁଅକୁ ହାତକଡ଼ିରେ ଦେଖିଥିଲେ, ସେ ଭାବପ୍ରବଣ ହୋଇ ପୁଅ ପାଇଁ ଆଇନଗତ ଲଢ଼େଇ ଲଢ଼ିବେ ବୋଲି ନିଷ୍ପତ୍ତି ନେଇଥିଲେ। ସେ ବିଭିନ୍ନ ପୁସ୍ତକରୁ ଫୌଜଦାରି ଆଇନ ଏବଂ ଫୌଜଦାରି ଦଣ୍ଡବିଧି ସମ୍ପର୍କରେ ଅଧ୍ୟୟନ କରିବା ଆରମ୍ଭ କରିଥିଲେ। ସେହିପରି ସେ କୋର୍ଟର ବିଭିନ୍ନ ପୁରୁଣା ମାମଲା ମଧ୍ୟ ପଢ଼ିଥିଲେ ଏବଂ ପୁଅ ପାଇଁ ଓକିଲାତି କରିବା ଆରମ୍ଭ କରିଥିଲେ।



ନୋନାଜେନାରିଆନ ହେ

### ଅଭିନେତ୍ରୀରୁ ସନ୍ନ୍ୟାସିନୀ

ମୁମ୍ବାଇ

ଟିଭି ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ ନୂପୁର ଅଲଙ୍କାର ତାଙ୍କ କ୍ୟାରିଅରରେ ପ୍ରାୟ ୧୫୭ଟି ଭିନ୍ନ ଭିନ୍ନ ଟିଭି ଧାରାବାହିକରେ କାର୍ଯ୍ୟ କରିଛନ୍ତି। ଏହିସବୁ ଧାରାବାହିକରେ ସେ ବିଭିନ୍ନ ଚରିତ୍ର ମାଧ୍ୟମରେ ଅନେକବାର ଦର୍ଶକଙ୍କ ପ୍ରଶଂସା ସାଉଣ୍ଟିଛନ୍ତି। ତେବେ ସମ୍ପ୍ରତି ସେ ଅଭିନୟ ଜଗତରୁ ଦୂରେଇ ଯାଇ ଆଧ୍ୟାତ୍ମିକତାର ପଥ ଆପଣାଇଛନ୍ତି। ନୂପୁର ୨୦୨୨ ପରଠାରୁ ଅଭିନୟ ଜଗତରେ ନଜରକୁ ଆସି ନାହାନ୍ତି। ଗୁରୁ ଶମ୍ଭୁ ଶରଣ ଝାଙ୍କ ମାର୍ଗଦର୍ଶନରେ ସେ ସନ୍ନ୍ୟାସିନୀ ପାଲଟିଥିବା ନେଇ ମଙ୍ଗଳବାର ଏକ ସାକ୍ଷାତ୍‌କାରରେ ନୂପୁର କହିଛନ୍ତି। ସେ କହିଛନ୍ତି, ଆଧ୍ୟାତ୍ମିକତା ପ୍ରତି ପିଲାବେଳୁ ତାଙ୍କର ଆକର୍ଷଣ ରହିଥିଲା। ଅଭିନୟ କ୍ଷେତ୍ରରୁ ମୋହ ଭଙ୍ଗ ହେବା ପରେ ସେ ନିଜକୁ ଆଧ୍ୟାତ୍ମିକତା କ୍ଷେତ୍ରରେ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ କରିବାକୁ ନିଷ୍ପତ୍ତି ନେଇଥିଲେ। ବର୍ତ୍ତମାନ ଜଣେ ସନ୍ନ୍ୟାସିନୀ ଭାବେ ସେ ନିଜ କର୍ତ୍ତବ୍ୟ କରୁଛନ୍ତି ଏବଂ ଅଭିନୟ ଜଗତକୁ ଆଦୌ ମିସ୍ କରୁନାହାନ୍ତି ବୋଲି ନୂପୁର କହିଛନ୍ତି।

ସନ୍ନ୍ୟାସିନୀ ଜୀବନ ବିତାଉଥିବା ନୂପୁର ଏବେ ଭିକ୍ଷା ମାଗି କ୍ଷୁଧା ମେଣ୍ଟାଉଥିବା ସହ ଭଗବାନ୍‌ଙ୍କ ଶରଣରେ ରହୁଛନ୍ତି। ଅଭିନୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବେଳେ ସେ ନିଜର ଲୋକପ୍ରିୟତା ଏବଂ ସଫଳତାକୁ ନେଇ ଅନେକ ସମୟ ଚିନ୍ତିତ ରହୁଥିଲେ, କିନ୍ତୁ ଏବେ ସେ ସମ୍ପୂର୍ଣ୍ଣ ଶାନ୍ତି ଅନୁଭବ କରୁଥିବା କହିଛନ୍ତି। ସେ ତଳେ ଶୋଉଛନ୍ତି ଏବଂ ଦିନକୁ ଥରେ ଭୋଜନ କରୁଛନ୍ତି। ତାଙ୍କର ଏପରି ନିଷ୍ପତ୍ତିକୁ ସମ୍ମାନ ଜଣାଇ ସ୍ୱାମୀ ଅଲଙ୍କାର ଶ୍ରୀବାସ୍ତବ ମଧ୍ୟ ତାଙ୍କୁ ପାରିବାରିକ ବନ୍ଧନରୁ ମୁକ୍ତ କରିଦେଇଥିବା ନୂପୁର କହିଛନ୍ତି।




ନୂପୁର ଅଲଙ୍କାର

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୧୩/୨୦୨୫ Bhubaneswar, Wednesday, August 13/2025 | ପୃଷ୍ଠା-୧


# ନାଗରିକତ୍ୱର ପ୍ରମାଣ ନୁହେଁ ଆଧାର

## ନିର୍ବାଚନ କମିଶନଙ୍କ ଯୁକ୍ତିକୁ ମାନିନେଲେ ସୁପ୍ରିମକୋର୍ଟ




ବିହାର ବିଧାନସଭା ଭୋଟ ପୂର୍ବରୁ ନିର୍ବାଚନ କମିଶନ (ଇସି)ଙ୍କ ସ୍ପେଶିଆଲ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍ଆଇଆର୍)କୁ ନେଇ ଉଠିଥିବା ବିବାଦ ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟରେ ୧୦ରୁ ଊର୍ଦ୍ଧ୍ୱ ପିଟିଶନ ଦାଖଲ ହୋଇଛି। ଜୁଲାଇ ୧୦ରେ ଅଦାଲତ ଏହାର ଶୁଣାଣି କରି ଇସିଙ୍କୁ ଆଧାର, ଭୋଟର ଆଇଡି ଏବଂ ରାଶନ କାର୍ଡକୁ ନାଗରିକତ୍ୱ ସପକ୍ଷରେ ବୈଧ ଦସ୍ତାବିଜ ରୂପେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଜୁଲାଇ ୨୨ ତାରିଖରେ କମିଶନ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲେ, ଯାହାକୁ ସୁପ୍ରିମକୋର୍ଟ ମଙ୍ଗଳବାର ଯଥାର୍ଥ କହି ସମର୍ଥନ ଜଣାଇଛନ୍ତି। ଆଧାରକୁ ନାଗରିକତ୍ୱର ପ୍ରମାଣ ଭାବେ ଗ୍ରହଣ କରା ନ ଯିବା ନେଇ ଇସିଙ୍କ ଆଭିମୁଖ୍ୟ ଠିକ୍ ବୋଲି ଶୀର୍ଷ ଅଦାଳତ ମାନିନେଇଛନ୍ତି।

ନୂଆଦିଲ୍ଲୀ,୧୨।୮

ନାଗରିକତ୍ୱ ପ୍ରମାଣ ପାଇଁ ଆଧାରକୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଆଭିମୁଖ୍ୟକୁ ସୁପ୍ରିମକୋର୍ଟ ମଙ୍ଗଳବାର ସମର୍ଥନ ଜଣାଇଛନ୍ତି। ନାଗରିକତ୍ୱର ସ୍ୱତନ୍ତ୍ର ଯାଞ୍ଚ ହେବା ଜରୁରୀ ବୋଲି ସର୍ବୋଚ୍ଚ ଅଦାଲତ ମତ ଦେଇଛନ୍ତି। ବିହାରରେ ଭୋଟର ତାଲିକାର ଏସ୍ଆଇଆର୍‌କୁ ଚ୍ୟାଲେଞ୍ଜ କରି ଦାଏର ଅନେକ ପିଟିଶନ୍‌ର ଶୁଣାଣି ବେଳେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜୟମାଲ୍ୟା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ, ନାଗରିକତ୍ୱ ପ୍ରମାଣ ଭାବେ ଆଧାରକୁ ନିର୍ଣ୍ଣାୟକ ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଇସିଙ୍କ କହିବା ଠିକ୍। ଏହାକୁ ଯାଞ୍ଚ କରିବାକୁ ହେବ ବୋଲି ଆବେଦନକାରୀ ☞ ପୃଷ୍ଠା-୨

# ଓଡ଼ିଶାରେ ହେବ ୨ ସେମିକଣ୍ଡକ୍ଟର ପ୍ରକଳ୍ପ

## କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ,୧୨।୮(ପି.ଟି.)

ଓଡ଼ିଶାରେ ୨ଟି ସମେତ ଦେଶରେ ମୋଟ ୪ଟି ସେମିକଣ୍ଡକ୍ଟର ପ୍ରକଳ୍ପ ନିର୍ମାଣକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଅନ୍ୟ ୨ଟି ଚିପ୍ କାରଖାନା ପଞ୍ଜାବ ଓ ଆନ୍ଧ୍ରପ୍ରଦେଶରେ ହେବ ବୋଲି କ୍ୟାବିନେଟ୍ ବୈଠକ ପରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ସୂଚନା ଦେଇଛନ୍ତି। ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ଅଧୀନରେ ଉକ୍ତ ☞ ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ବୁଲା କୁକୁର**


# ୩ ଦିନରେ ୪ ନାବାଳିକାଙ୍କୁ ବଳାତ୍କାର

- ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର, ଜେଲ ଗଲେ ପିଉସା
- ଘରେ ପଶି ନାବାଳିକାଙ୍କ ସହ ବର୍ବରତା, ଭିଣୋଇ ଗିରଫ

ରାଜନଗର/ପଟ୍ଟାମୁଣ୍ଡାଇ/କୁଜଙ୍ଗ,୧୨।୮(ଭାସ୍କର ରାଉତରାୟ/କଳ୍ପତରୁ ନାୟକ/ ମନୋଜ ପ୍ରଧାନ)

ଦଶମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକା ରକ୍ଷାବନ୍ଧନ ଦିନ ଗାଁ ରାସ୍ତାରେ ଯାଉଥିବା ସମୟରେ ପିଉସା ଝୁଡୁରୁକୁଣୀ ମୂର୍ତ୍ତି କିଣିଦେବା ବାହାନାରେ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇଯାଇଥିଲେ। ପରେ ଛାତ୍ରୀଙ୍କୁ ପିଉସା ଓ ଅନ୍ୟ ୪ ଜଣ ଯୁବକ ଗଣବଳାତ୍କାର କରିଥିଲେ। ଏପରି କି ଘଟଣା ସମ୍ପର୍କରେ ମୁହଁ ଖୋଲିଲେ ଏହାର ପରିଣାମ ଭୋଗିବ ବୋଲି ସେମାନେ ତାଙ୍କୁ ଧମକ ଦେଇଥିଲେ। ଅଗଷ୍ଟ ୯ରେ ଘଟିଥିବା ଏହି ବର୍ବର ଘଟଣା ସମ୍ପର୍କରେ ପୀଡ଼ିତା ସୋମବାର ରାଜନଗର ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରି ମୁଖ୍ୟ ଅଭିଯୁକ୍ତ ପିଉସାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟ ୪ ଜଣଙ୍କୁ ଅଟକ ରଖିଛି। ସେହିପରି ସୋମବାର ସନ୍ଧ୍ୟାରେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ୍ ଅଭୟଚାନ୍ଦପୁର ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ଝିଅଙ୍କ ମା'ବାପା ବଜାରକୁ ଯାଇଥିଲେ। ନାବାଳିକାଙ୍କୁ ଘରେ ଏକୁଟିଆ ପାଇ ସମ୍ପର୍କୀୟ ଭିଣୋଇ ତାଙ୍କୁ ବଳାତ୍କାର କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

୩ ଦିନ ମଧ୍ୟରେ ବିଭିନ୍ନ ସ୍ଥାନରେ ୪ ଜଣ ନାବାଳିକାଙ୍କୁ ବଳାତ୍କାର କରାଗଲାଣି। ଅଗଷ୍ଟ ୯ ରକ୍ଷାବନ୍ଧନ ଦିନ ମୟୂରଭଞ୍ଜ ☞ ପୃଷ୍ଠା-୨




# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଆମେରିକା ପ୍ରଡକ୍ଟକୁ ଓଡ଼ିଶାରେ ବ୍ୟାନ୍ କରିବା ଦାବିରେ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ସକାଳ ୯ଟା।
- ସଂଯୁକ୍ତ କୃଷକ ମୋର୍ଚ୍ଚା କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକର ମିଳିତ ମଞ୍ଚ ଓଡ଼ିଶା ୟୁନିଟ୍ ପକ୍ଷରୁ ଆମେରିକାର ଟ୍ରମ୍ପ ସରକାରଙ୍କ ଭାରତ ଉପରେ ଟାରିଫ ଏବଂ ବହୁରାଷ୍ଟ୍ରୀୟ କର୍ପୋରେଟର ଲୁଣ୍ଠନ ବିରୋଧରେ 'ଦେଶବ୍ୟାପୀ କର୍ପୋରେଟ୍ ଭାରତ ଛାଡ ଆନ୍ଦୋଳନ', ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଅଙ୍ଗୀକା ପକ୍ଷରୁ ଗୁରୁ ପୂଜନ ଉତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ମେଘ ଉତ୍ସବ 'ଶ୍ରାବଣୀ', ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- 'ସମୟ' ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ:ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ଆସୋସିଏସନ୍(ଓଡ଼ିଶା ଭବନ),ୟୁନିଟ୍-୩, ସମୟ:ଅପରାହ୍ନ ୪ଟା।
- ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ସମୟ: ଅପରାହ୍ନ ୪ଟା।

### କଟକ
- କଂଗ୍ରେସ ପକ୍ଷରୁ ସିଏମ୍‌ସି କମିଶନରଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ସିଏମ୍‌ସି କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

### ବାଲେଶ୍ୱର
- ଦିବଂଗତ ବିଧାୟକ ମଦନ ମୋହନ ଦତ୍ତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଷ୍ଟେସନ ଛକ ନିକଟ, ବାଲେଶ୍ୱର, ସମୟ: ସକାଳ ୯ଟା।
- ବିଶ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ହର ଘର ତ୍ରିରଙ୍ଗା ପ୍ରତିଯୋଗିତା କାର୍ଯ୍ୟକ୍ରମ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୁପସା, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଭାଜପା ପକ୍ଷରୁ ତ୍ରିରଙ୍ଗା ପଦଯାତ୍ରା, ସ୍ଥାନ: ଗାନ୍ଧୀ ସ୍ମୃତିଭବନଠାରୁ ସିନେମାଛକ ପର୍ଯ୍ୟନ୍ତ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ଖୋ ପ୍ରତିଯୋଗିତା, ସ୍ଥାନ: ଜିଲା ସ୍କୁଲ ପରିସର, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ମନ୍ଦିର ଛକ ନିକଟରୁ ହାଟାଗଡ ପର୍ଯ୍ୟନ୍ତ, ରେମୁଣା, ସମୟ: ଅପରାହ୍ନ ୩ଟା।

### ଭଦ୍ରକ
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ନୂଆନନ୍ଦ କଷ୍ଟିମଙ୍ଗଳା ପୀଠ, ତିହିଡ଼ି, ସମୟ: ସକାଳ ୯ଟା।
- ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଚାନ୍ଦବାଲି, ଘଣ୍ଟେଶ୍ୱର, ସମୟ: ଅପରାହ୍ନ ୪ଟା।

### କେନ୍ଦୁଝର
- ତ୍ରିରଙ୍ଗା ଯାତ୍ରା, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ: ସକାଳ ୭ଟା।
- ସଙ୍କୁଳସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଆନନ୍ଦପୁର ଶିଶୁ ବିଦ୍ୟାମନ୍ଦିର,ସମୟ:ପୂର୍ବାହ୍ନ ୧୦ଟା।
- ଭାଜପାର ତ୍ରିରଙ୍ଗା ଯାତ୍ରା, ସ୍ଥାନ: ପାଟଣା ବ୍ଲକ ମହାତ୍ମାଗାନ୍ଧୀ ଛକ,ସମୟ:ପୂର୍ବାହ୍ନ ୧୦ଟା।

### ମୟୂରଭଞ୍ଜ
- ଗୋପବନ୍ଧୁନଗର ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଝୁଣ୍ଟା ହାଟ ଛକ, ସମୟ: ସକାଳ ୯ଟା।
- ହ୍ୟାଣ୍ଡଲୁମ ଷ୍ଟେଡ ପ୍ରଦର୍ଶନୀ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ସୀମାନ୍ତ ମହାବିଦ୍ୟାଳୟର ୪୬ ତମ ପ୍ରତିଷ୍ଠା ଦିବସ,ସ୍ଥାନ: ମହାବିଦ୍ୟାଳୟ ପରିସର, ଖଡ଼ପୋଖରିଆ, ସମୟ: ଅପରାହ୍ନ ୨ଟା।
- ପୁର୍ଣ୍ଣପ୍ରଜ୍ଞା ଉପଲକ୍ଷେ ଦ୍ୱିତୀୟ ପ୍ରସ୍ତୁତି ବୈଠକ, ସ୍ଥାନ: ତ୍ରିଡ଼ା ବସ୍ଷ୍ଟାଣ୍ଡ, ମୋରଡ଼ା, ସମୟ:ସନ୍ଧ୍ୟା ୭ଟା।

### ବ୍ରହ୍ମପୁର
- ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ଓ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ପ୍ରତିବାଦ, ସ୍ଥାନ: ପୁରୁଣା ବସ୍ଷ୍ଟାଣ୍ଡ,ସମୟ: ପୂର୍ବାହ୍ନ ୧୦ଟା।
- ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ଓ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ପ୍ରତିବାଦ, ସ୍ଥାନ: ପୁରୁଣା ବସ୍ଷ୍ଟାଣ୍ଡ,ସମୟ: ପୂର୍ବାହ୍ନ ୧୦ଟା।

### କନ୍ଧମାଳ
- ସ୍ୱାଧୀନତା ଦିବସ ପରେଡର ଶେଷ ପୂର୍ବାଭ୍ୟାସ, ସ୍ଥାନ: ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ଫୁଲବାଣୀ, ସମୟ: ସକାଳ ୮ଟା।
- ଓଡ଼ିଶା ରାଜସ୍ୱ ଅମଲା ସଂଘର ପ୍ରତୀକ ଧାରଣା, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ବାଲିଗୁଡ଼ା, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ସାମୂହିକ ପରେଡ ଅଭ୍ୟାସ, ସ୍ଥାନ: ହେଲିପ୍ୟାଡ୍ ପଡ଼ିଆ ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୦.୩୦।
- ମହିଳା ସୁରକ୍ଷା ମଞ୍ଚ ଓ ଗ୍ରାମବାସୀଙ୍କ ତରଫରୁ ସର୍ବସାଧାରଣ ବୈଠକ, ସ୍ଥାନ: ମା ପାଟଖଣ୍ଡା ମନ୍ଦିର ସଭାଗୃହ ବାଲିଗୁଡ଼ା, ସମୟ: ଅପରାହ୍ନ ୨ଟା।

### ଗଜପତି
- ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ସେଞ୍ଚୁରିଅନ ୟୁନିଭର୍ସିଟି, ସମୟ: ପୂର୍ବାହ୍ନ ୧୦ଟା।

### ଢେଙ୍କାନାଳ
- ହରଘର ତ୍ରିରଙ୍ଗା-୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ଇଣ୍ଡିରେଟ ଢେଙ୍କାନାଳ, ସମୟ: ସକାଳ ୮ଟା।

### ଅନୁଗୋଳ
- ଆଠମଲ୍ଲିକ ନଗର ଭାଜପା ପକ୍ଷରୁ ତ୍ରିରଙ୍ଗା ରାଲି, ସ୍ଥାନ: ଆଠମଲ୍ଲିକ ବସ୍ଷ୍ଟାଣ୍ଡ, ସମୟ: ସକାଳ ୮ଟା।
- ଆଠମଲ୍ଲିକ ଏନ୍‌ସିସି ତରଫରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ମାଣିକପଥରଠାରୁ ସ୍ମାର୍ଟ ପାର୍କର ରାସ୍ତା ପାର୍ଶ୍ୱ, ସମୟ: ଅପରାହ୍ନ ୪ଟା।

### ଜଗତ୍‌ସିଂହପୁର
- ପାରାଦୀପ ପୌରପରିଷଦ ପକ୍ଷରୁ ସ୍ୱାୟତ୍ତଶାସନ ଉପଲକ୍ଷେ ସମୂହ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ୧ ନମ୍ବର ୱାର୍ଡ, ନେହେରୁ ବଙ୍ଗଳା, ପାରାଦୀପ, ସମୟ: ସକାଳ ୭ଟା।
- ଛାତ୍ରୀଛାତ୍ରଙ୍କୁ ନେଇ ନିଶାମୁକ୍ତି ଅଭିଯାନ କାର୍ଯ୍ୟକ୍ରମ: ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୯ଟା।

### କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜର୍ଣ୍ଣିଲୋ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

### ଯାଜପୁର
- ନିଶାମୁକ୍ତି ଭାରତ ଅଭିଯାନ ଅବସରରେ ଶପଥ ଗ୍ରହଣ ଉତ୍ସବ, ସ୍ଥାନ: ବ୍ୟାସନଗର ସ୍ୱୟଂଶାସିତ କଲେଜ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

### ନୟାଗଡ଼
- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ୩ୟ ଦିବସ, ସ୍ଥାନ:ଦଶପଲ୍ଲା ବ୍ଲକ ସାତପାଟଣାର ପଣସପାଟଣା, ସମୟ: ସକାଳ ୭ଟା(ପାରାୟଣ), ସନ୍ଧ୍ୟା ୭ଟା (ପ୍ରବଚନ)।
- ହର୍‌ଘର୍ ତ୍ରିରଙ୍ଗା, ଘର୍ ଘର୍ ସ୍ୱଚ୍ଛତା ଅଭିଯାନ, ସ୍ଥାନ: ନୟାଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟାଳୟ, ସମୟ:ସକାଳ ୭ଟା ୩୦।
- ଭିତ୍ତିଭୂମି ବ୍ୟବସ୍ଥା ନ କରି ଅନ୍‌ଲାଇନ ଉପସ୍ଥାନକୁ ବିରୋଧ କରି ଶିକ୍ଷକଙ୍କ ଆନ୍ଦୋଳନ, ସ୍ଥାନ:ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

### ରାୟଗଡ଼ା
- ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ମୁଖ୍ୟ ସ୍ରୋତ ଲିଙ୍ଗ ଆନ୍ତର୍ଭୁକ୍ତିକରଣ ସମ୍ପର୍କିତ କର୍ମଶାଳା,
- ସ୍ଥାନ: କାମ୍ପ ମାଲିଗାଁ ଗ୍ରାମ ପଞ୍ଚାୟତ ସଭା ଗୃହ,ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।

### ନବରଙ୍ଗପୁର
- ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିରଙ୍ଗା ଯାତ୍ରା, ସ୍ଥାନ: କୋଷାଗୁମୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

### କୋରାପୁଟ
- ଜିଲା ରାଜସ୍ୱ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ନିଶାମୁକ୍ତ ଭାରତ ଅଭିଯାନ, ସ୍ଥାନ: ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ସୁରଜ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଓସ୍ୱାନ ସମ୍ମିଳନୀ ଗୃହ, କୋରାପୁଟ, ସମୟ:ପୂର୍ବାହ୍ନ ୧୦ଟା ୩୦।
- ହର ଘର ତିରଙ୍ଗା ଶୋଭାଯାତ୍ରା, ସ୍ଥାନ: ସଦର ମହକୁମା, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ବିଧାୟକଙ୍କ ବିଭିନ୍ନ ଯୋଜନାର ସମୀକ୍ଷା, ସ୍ଥାନ: ପାଙ୍ଗଲୁଙ୍ଗ ଓ ଗୋଲୁର ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା, ଅପରାହ୍ନ ୩ଟା।
- ୧୧ତମ କୃଷି ସେନସସ୍ ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।

### ମାଲକାନଗିରି
- ଜିଲା ସାମାଜିକ ସୁରକ୍ଷା କଲ୍ୟାଣ ବିଭାଗ ପକ୍ଷରୁ ନିଶା ନିବାରଣ ସଚେତନତା, ସ୍ଥାନ: ବାଲିମେଳା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ନିଶାମୁକ୍ତ ଭାରତ ଅଭିଯାନ ସମ୍ବନ୍ଧୀୟ ବୈଠକ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୧ ଟା।

### ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନ ପକ୍ଷରୁ ହର ଘର ତ୍ରିରଙ୍ଗା ଅଭିଯାନ ଶୁଭାରମ୍ଭ, ସ୍ଥାନ : ସହୀଦ ସ୍ତମ୍ଭ ଛକ, ସମୟ ସକାଳ ୭ଟା।
- ଜିଲା ଅମଲା ସଂଘର ଧାରଣା, ସ୍ଥାନ: ଜିଲାପାଳ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଚାରା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: କୁଚିଣ୍ଡା ଶ୍ରମିକ ଭବନ, ସମୟ: ଅପରାହ୍ନ ୩ଟା।

### ବଲାଙ୍ଗୀର
- ତ୍ରିରଙ୍ଗା ଯାତ୍ରା, ସ୍ଥାନ: ଖପ୍ରାଖୋଲ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ରାଜସ୍ୱ ଅମଲା ସଂଘର ଧାରଣା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

### ବରଗଡ଼
- ଗଙ୍ଗାଧର ମେହେର ଜୟନ୍ତୀ, ସ୍ଥାନ: କଦଳୀପାଲି, ବରପାଲି, ସମୟ: ଅପରାହ୍ନ ୧ଟା।

### ରାଉରକେଲା
- ରାଉରକେଲା ରାଜସ୍ୱ ଅମଲା ସଂଘର ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ପାନପୋଷ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୮ଟା।
- ତ୍ରିଦିବସୀୟ ଜନ୍ମାଷ୍ଟମୀ ଉତ୍ସବ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: କଲ୍ୟାଣ ମଣ୍ଡପ, ହନୁମାନ ବାଟିକା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ରାଉରକେଲା କଲେଜରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୧ଟା।

### ସୁନ୍ଦରଗଡ଼
- 'ବ୍ରହ୍ମା କୁମାରୀ' ପକ୍ଷରୁ ସଚେତନତା ଶିବିର, ସ୍ଥାନ: କିଞ୍ଜିରିକେଲା କଲେଜ, ସମୟ: ମଧ୍ୟାହ୍ନ ୧୨ଟା।
- ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନ୍ତର୍ଗତ ଦେଶାତ୍ମବୋଧକ ଓ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ,ସୁନ୍ଦରଗଡ, ସମୟ: ଅପରାହ୍ନ ୩ଟା।

### କଳାହାଣ୍ଡି
- ନବନିର୍ମିତ ଚାଷୀ ବିଶ୍ରାମ କକ୍ଷ ଉଦ୍‌ଘାଟନ ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ଯୋରାଡବରା ପ୍ରାଥମିକ କୃଷି ସମବାୟ ସମିତି, ସମୟ: ପୂର୍ବାହ୍ନ ୧୦ଟା।
- ଅଲ ଓଡ଼ିଶା ଟେଣ୍ଟହାଉସ ଆଣ୍ଡ ସପ୍ଲାୟର୍ସ ଆସୋସିଏଶନର ବୈଠକ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛକ, ସମୟ: ପୂର୍ବାହ୍ନ ୧୦ଟା।

### ବୌଦ୍ଧ
- ହର ଘର ତ୍ରିରଙ୍ଗା ଯାତ୍ରା ଅବସରରେ ବାଇକ୍ ରାଲି, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ସକାଳ ୮ଟା।

### ସୁବର୍ଣ୍ଣପୁର
- ତରଭା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସଭା ଘର, ସମୟ: ପୂର୍ବାହ୍ନ ୧୦ଟା।
- ବାଲ୍ୟ ବିବାହମୁକ୍ତ ଗ୍ରାମପଞ୍ଚାୟତ ଉପରେ ତାଲିମ ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

### ନୂଆପଡ଼ା
- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ତୃତୀୟ ଦିବସ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମବାସୀ ଓ ଅଭିଭାବକଙ୍କ ଧାରଣା ତୃତୀୟ ଦିବସ, ସ୍ଥାନ: କୋମନା ବ୍ଲକ ଜଟଗଡ଼ ପଞ୍ଚାୟତ ସାହାଜଟ ଆଶ୍ରମ ବିଦ୍ୟାଳୟ ଗେଟ୍ ସମ୍ମୁଖ, ସମୟ: ସକାଳ ୮ଟା।
- ଇଣ୍ଡିପେଣ୍ଡେଣ୍ଟ କପ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।
- ୧୬ତମ ରାଜା ଅନୁପ ସିଂଦେଓ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଗ୍ରୁପ-ବି ସେମିଫାଇନାଲ, ସ୍ଥାନ: ରାଜା ଅର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ଖଡିଆଲ, ସମୟ: ଅପରାହ୍ନ ୪ଟା।
- ବିଦ୍ୟୁତ୍ ବିଲ ସଂଶୋଧନ ଶିବିର, ସ୍ଥାନ: ଟିପିଡବ୍ଲ୍ୟୁଓଡିଏଲ୍ ସେକ୍ସନ, ସବ୍‌ଡିଭିଜନ ଓ ଡିଭିଜନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୫ଟା ୩୦।
- କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଲଗ୍ନ ଧାର୍ଯ୍ୟ, ସ୍ଥାନ: ରାଜ ଦରବାର ଖଡିଆଲ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଅମଲା ସଂଘ ପକ୍ଷରୁ ବିକ୍ଷୋଭ ସମାବେଶ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟଠାରୁ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।

### ଝାରସୁଗୁଡ଼ା
- ବିଜୁ ପଟ୍ଟନାୟକ ସମାଜ କଲ୍ୟାଣ ସଂସ୍ଥା ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଦୋଡିହି ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ଟା।
- ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବେହେରାମାଲ ରାଧାମାଧବ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ରାଜନୀତି, ଆଇନ ଅଦାଲତ ତଥା ସାଙ୍ଗଠନିକ କାର୍ଯ୍ୟର ଆଲୋଚନାରେ ସଫଳତା ପାଇବେ। କିନ୍ତୁ ଶିକ୍ଷା, ସନ୍ତାନ ଓ ସମ୍ପର୍କ କ୍ଷେତ୍ରରେ ବିବାଦୀୟ ସ୍ଥିତି ଉପୁଜିପାରେ। ବନ୍ଧୁ ଓ ପରିବାର ଦିଗରୁ ସମୟଟି ବିଶେଷ ଅନୁକୂଳ ନୁହେଁ। ସାମାନ୍ୟ ଚେଷ୍ଟା ଦ୍ୱାରା ଯେଉଁଥିପାଇଁ ଚିନ୍ତିତ ଥିଲେ ଆଜି ତାହା ପାଇବାର ଆଶା କରାଯାଇପାରେ।

**ବୃଷ** — ଆଜି କୌଣସି ଦୂରଭିସନ୍ଧି ରଖି ପାଖ ପଡ଼ୋଶୀ ମାନେ ସହଯୋଗର ହାତ ବଢ଼ାଇପାରନ୍ତି। ଆଲୋଚନା କ୍ଷେତ୍ରରେ ବିତର୍କ ବୃଦ୍ଧି ପାଇବା କାରଣରୁ ସହମତି ନ ହୋଇପାରେ। କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆଜିର ଆନୁଷ୍ଠାନିକ କାମରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି।

**ମିଥୁନ** — ପାରିବାରିକ ଅସ୍ଥିରତାକୁ ନିୟନ୍ତ୍ରଣରେ ନ ରଖି ଅନ୍ୟକୁ ଦାୟୀକରି ସମାଲୋଚିତ ହେବେ। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ ନୂତନ କାମଟି ସମ୍ପନ୍ନ କରିପାରିବେ। ସାଂସ୍କୃତିକ କାର୍ଯ୍ୟକ୍ରମ, ରାଜନୀତି, ସଙ୍ଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ସନ୍ତାନଙ୍କ କୃତି ଓ କୃତିତ୍ୱରୁ ନିଜକୁ ଗୌରବାନ୍ୱିତ ମନେକରିବେ।

**କର୍କଟ** — ଲୁହା ଦେଖି ପାଣିଦେବା ନ୍ୟାୟରେ ମନକୁ ପାଇଲା ଭଳି କଥା କହି ଅନ୍ୟମାନଙ୍କୁ ଆପଣାର କରିପାରିବେ। ଭାଇ, ବନ୍ଧୁ ଓ କୁଟୁମ୍ବଙ୍କ ସହ ପାଟିତୁଣ୍ଡ ହୋଇପାରେ। ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି ଆତ୍ମବିଭୋର ହେବେ। କର୍ମାରମ୍ଭ, ବ୍ୟବସାୟ, ଦୂରଯାତ୍ରା ଏବଂ ବନ୍ଧୁସମ୍ପର୍କ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟିହେବ।

**ସିଂହ** — ଆଜି ଦୂରଯାତ୍ରା, ଶତ୍ରୁତାର ସମାଧାନ ଓ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଚିନ୍ତିତ ରହିବେ। ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ ପରେ ଅନୁତାପ କରିବେ। କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ନୂତନ ଯୋଜନାରମ୍ଭ କ୍ଷେତ୍ରରେ ପରିବାରବର୍ଗଙ୍କ ସହାୟତା ପାଇବେ ଓ ଆନନ୍ଦ ମନରେ କାମ କରିବେ।

**କନ୍ୟା** — ଆଜି ହସକାନ୍ଦର ତିଳତଣ୍ଡୁଳ ଛାଇ ଭଳି ମିଶ୍ରିତ ଅନୁଭୂତି ପାଇବେ। ଯେତିକି ପାଇବେ ତାହାର ଦୁଇଗୁଣା ଖର୍ଚ୍ଚକରି ମନସ୍ତାପ କରିପାରନ୍ତି। ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ଆପଣଙ୍କ ମନକୁ ବାଧିଲା ଭଳି କଥା କହିପାରେ। ବନ୍ଧୁଗହଣରେ ଆପଣଙ୍କ କାର୍ଯ୍ୟକଳାପ ଓ ଦକ୍ଷତାରୁ ପରୋକ୍ଷ ପ୍ରଶଂସିତ ହୋଇପାରନ୍ତି।

**ତୁଳା** — ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କୁ ହଁ କିମ୍ବା ନା କରିପାରିବେନାହିଁ। ଅନ୍ୟମାନଙ୍କ କଥାରେ ମୁଣ୍ଡ ପୂରାଇ ନିଜର କାମ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯିବ। ସହକର୍ମୀଙ୍କ ସହ ବିବାଦ ବୃଦ୍ଧିହେବ, ମାତ୍ର ପରକ୍ଷଣରେ ସେ ହିଁ ଆପଣଙ୍କ କାମରେ ସହଯୋଗ କରିବେ। ସତ୍‌ସଙ୍ଗ, ଧର୍ମଚର୍ଚ୍ଚା କିମ୍ବା ଆନୁଷ୍ଠାନିକ ଦିଗକୁ ମନ ବଳାଇବେ।

**ବିଛା** — ନୂତନ କାମରେ ଆତ୍ମୀୟଙ୍କ ସହାୟତା ପାଇବେ। ପରିବହନ, ଶିଳ୍ପ ଓ ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇବାରେ ସଫଳ ହେବେ। ଜମିଜମା କିଣାବିକା କ୍ଷେତ୍ରରେ ନିଜ ପରିବାରର ସଦସ୍ୟଙ୍କ ବିରୋଧାଭାସର ସମ୍ମୁଖୀନ ହୋଇପାରନ୍ତି। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇଦେଇପାରେ।

**ଧନୁ** — କର୍ମକ୍ଷେତ୍ରରେ କୌଣସି ଅସୁବିଧା ନ ହେଲେ ମଧ୍ୟ ଆର୍ଥିକ ଦିଗରୁ ସମସ୍ୟା ଲାଗି ରହିବ। ପିଲାଙ୍କ ଶିକ୍ଷାର ସଫଳତା ଏବଂ ଅନ୍ୟାନ୍ୟ କଲ୍ୟାଣମୂଳକ କାମରୁ ଖୁସି ରହିବେ। ଅନ୍ୟମନସ୍କ ଭାବରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ଚେଷ୍ଟା କରୁଥିବା କାମରେ ପୂର୍ଣ୍ଣ ସହଯୋଗ ପାଇ କାର୍ଯ୍ୟ ସାଧନ କରିପାରନ୍ତି।

**ମକର** — ପରିସ୍ଥିତି ଅନୁକୂଳ ନ ଥିଲେ ମଧ୍ୟ ମନରେ ସାହସ ବାନ୍ଧି ଦୁରୂହ କାମରେ ମୁଣ୍ଡ ପୂରାଇପାରନ୍ତି। ଅଜଣା ବ୍ୟକ୍ତିଙ୍କଠାରୁ କୌଣସି ଖବର ପାଇ ବିଚଳିତ ହେବେ। ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ** — ଆଜିର ଗ୍ରହ ସ୍ଥିତି ଅର୍ଥ, ଆଇନ ସହାୟତା, ସାଙ୍ଗଠନିକ ନେତୃତ୍ୱ ପ୍ରଦାନ କରିପାରେ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ଆଜିର କାମ ଓ କଥାରେ ସଂଯମ ରକ୍ଷା କରିବା ଭଲ। ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ମାଗିପାରନ୍ତି। କ୍ରୀଡ଼ା, ସଙ୍ଗୀତ ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ।

**ମୀନ** — ସହକର୍ମୀଙ୍କ ସହାୟତାରେ ସ୍ଥଗିତ କାମ ସମ୍ପନ୍ନ କରିବାର ଚେଷ୍ଟା କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନାହିଁ। ପରିବାରର ଆବଶ୍ୟକତା ଉପଲବ୍ଧିକରି ଧାରକରଜ କରିପାରନ୍ତି। ସାମାଜିକ ସ୍ତରରେ ପ୍ରଶଂସନୀୟ କାମକରି ବନ୍ଧୁମାନଙ୍କ ପ୍ରିୟଭାଜନ ହେବେ।

ଆଜି ଅଗଷ୍ଟ ୧୩ ତାରିଖ, ଭାଦ୍ରବ କୃଷ୍ଣପକ୍ଷର ରକ୍ଷା ପଞ୍ଚମୀ ବୁଧବାର। ଅଦ୍ୟ ଶ୍ରୀମନ୍ଦିରରେ ଏବଂ ଗୃହୀମାନଙ୍କର ରକ୍ଷା ପଞ୍ଚମୀ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସୁବର୍ଣ୍ଣ ରାହୁରେଖା ଲାଗି, ପଶ୍ଚିମ ଦ୍ୱାରରେ ଘଣ୍ଟାକର୍ଣ୍ଣ ପୂଜା, ବୁଧ୍‌ବାମନ ଓଷା ଆରମ୍ଭ। ରାଶିନକ୍ଷତ୍ର-ଦିବା ଘ.୧୦।୩୨ ମି. ପର୍ଯ୍ୟନ୍ତ ଉତ୍ତରଭାଦ୍ରପଦ/ମୀନ, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୫।୩୦ ଗତେ, ଘ.୦୭।୧୧ ମଧ୍ୟେ, ଘ.୧୦।୧୬ ଗତେ, ଘ.୧୧।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୫୧ ଗତେ, ଘ.୦୧।୨୬ ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

## ନାଗରିକତ୍ୱର ପ୍ରମାଣ...

ଆର୍‌ଜେଡି ନେତା ମନୋଜ ଝା'ଙ୍କ ତରଫରୁ ଉପସ୍ଥିତ ବରିଷ୍ଠ ଆଇନଜୀବୀ କପିଲ ସିବଲଙ୍କୁ ଜଷ୍ଟିସ୍ କାନ୍ତ କହିଥିଲେ। ତେବେ ଯାଞ୍ଚ ପ୍ରକ୍ରିୟା କାର୍ଯ୍ୟକାରୀ କରିବା କ୍ଷମତା ଇସିଆଇଙ୍କର ରହିଛି କି ନାହିଁ, ତାହା ପ୍ରଥମ ପ୍ରଶ୍ନ। ଯଦି ଏହାର କ୍ଷମତା ନ ଥାଏ, ତେବେ ଏସବୁକୁ ବନ୍ଦ କରିବାକୁ ହେବ। କିନ୍ତୁ ଯଦି କ୍ଷମତା ଥାଏ, ତେବେ ଏହା ସମସ୍ୟା ହୋଇ ନ ପାରେ ବୋଲି ବିଚାରପତି କହିଛନ୍ତି। ନିର୍ବାଚନ କମିଶନଙ୍କ ଅନୁଯାୟୀ, ୨୦୦୩ ଭୋଟର ତାଲିକାରେ ଯେଉଁମାନଙ୍କର ନାଁ ରହିଛି କିମ୍ବା ସେମାନଙ୍କ ମା'ବାପାଙ୍କ ନାଁ ଅଛି, ସେମାନଙ୍କୁ ନାଗରିକତ୍ୱ ପ୍ରମାଣ ପାଇଁ କୌଣସି ଦସ୍ତାବିଜ୍ ଦାଖଲ କରିବା ଆବଶ୍ୟକ ନାହିଁ। ତଦନୁଯାୟୀ ବିହାରର ୭.୯ କୋଟି ଭୋଟରଙ୍କ ମଧ୍ୟରୁ ପ୍ରାୟ ୬.୫ କୋଟିଙ୍କୁ ଦସ୍ତାବିଜ୍ ଦାଖଲ କରିବାକୁ ପଡ଼ିବ ନାହିଁ। ତେଣୁ ଏସ୍‌ଆଇଆର୍ ବିବାଦ ଏକ ବିଶ୍ୱାସ ହ୍ରାସ ପ୍ରସଙ୍ଗ ଭଳି ଲାଗୁଥିବା ଖଣ୍ଡପୀଠ କହିଛନ୍ତି। ଏସ୍‌ଆଇଆର୍ ଯୋଗୁ କୋଟିଏ ଭୋଟର ମତଦାନ ଅଧିକାର ହରାଇବେ ବୋଲି ପିଟିଶନର ଦର୍ଶାଇଥିବାରୁ ଏହା ଉପରେ ଖଣ୍ଡପୀଠ ପ୍ରଶ୍ନ ଉଠାଇଥିଲେ। ମୋଟ ୭.୯ କୋଟି ଭୋଟରଙ୍କ ମଧ୍ୟରୁ ୭.୨୪ କୋଟି କାଗଜପତ୍ର ଦାଖଲ କରିଛନ୍ତି। ତେଣୁ କୋଟିଏ ଭୋଟର ନିଖୋଜ ବା ମତାଧିକାରରୁ ବଞ୍ଚିତ ହେବା ଅଭିଯୋଗକୁ ସର୍ବୋଚ୍ଚ ଅଦାଲତ ଖଣ୍ଡନ କରିଛନ୍ତି। ଲୋକଙ୍କ ପାଖରେ ଆଧାର, ଭୋଟର ପରିଚୟପତ୍ର ଓ ରାଶନ କାର୍ଡ ଥାଇ ମଧ୍ୟ ନିର୍ବାଚନ କମିଶନ ଏହାକୁ ଗ୍ରହଣ କରୁନାହାନ୍ତି ବୋଲି ସିବଲ କହିଥିଲେ। ଏହାର ଜବାବରେ ଖଣ୍ଡପୀଠ ପ୍ରଶ୍ନ କରିଥିଲେ, ବିହାରରେ ରହୁଥିବା ଯେଉଁ ଲୋକଙ୍କ ପାଖରେ ଦସ୍ତାବିଜ୍ ନାହିଁ, ସେମାନଙ୍କୁ ରାଜ୍ୟର ଭୋଟର ଭାବେ ବିଚାର କରାଯିବ କି? ସେମାନଙ୍କୁ କେତେକ ଦସ୍ତାବିଜ୍ ଦେଖାଇବାକୁ ହେବ ବୋଲି ଖଣ୍ଡପୀଠ କହିଛନ୍ତି। ମା'ବାପାଙ୍କ ଜନ୍ମ ପ୍ରମାଣପତ୍ର ଓ ଅନ୍ୟ କାଗଜାତ ପାଇବାରେ ଲୋକେ ସମସ୍ୟାରେ ପଡୁଥିବା ସିବଲ କହିବାରୁ ଏହା ଉପରଠାଉରିଆ ମନ୍ତବ୍ୟ ବୋଲି ଖଣ୍ଡପୀଠ କହିବା ସହ ବିହାରରେ ଯଦି ଏମିତି ହୁଏ, ଦେଶର ଅନ୍ୟ ଭାଗରେ କ'ଣ ହେବ ବୋଲି ପ୍ରଶ୍ନ କରିଥିଲେ। ଏସ୍‌ଆଇଆର୍ ସମୟସୀମା ଏବଂ ୬୫ ଲକ୍ଷ ଭୋଟର ମୃତ କିମ୍ବା ଅନ୍ୟ ନିର୍ବାଚନମଣ୍ଡଳୀରେ ପଞ୍ଜୀକୃତ ହୋଇଥିବା ଘୋଷଣା କରାଯାଇଥିବାରୁ ଏହା ଉପରେ ବରିଷ୍ଠ ଆଇନଜୀବୀ ଅଭିଷେକ ସିଂଘଭି ଏବଂ ପ୍ରଶାନ୍ତ ଭୂଷଣ ପ୍ରଶ୍ନ ଉଠାଇଥିଲେ।

## ଓଡ଼ିଶାରେ ହେବ ୨...

ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇଛି। ଦେଶରେ ଚିପ୍ ଉତ୍ପାଦନ କାରଖାନା ନିର୍ମାଣ ବାବଦରେ ଆର୍ଥିକ ସହାୟତା ପ୍ରଦାନ ପଇଁ ଏହି ମିଶନ ଅଧୀନରେ ୭୬,୦୦୦ କୋଟି ଟଙ୍କା ରଖାଯାଇଛି। ଅଶ୍ୱିନୀଙ୍କ ସୂଚନା ଅନୁଯାୟୀ, ଭୁବନେଶ୍ୱରରେ ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ୨,୦୬୬ କୋଟି ଟଙ୍କା ବ୍ୟୟରେ ଏକ ସିଲିକନ୍ କାର୍ବାଇଡ୍ ସେମିକଣ୍ଡକ୍ଟର କାରଖାନା ପ୍ରତିଷ୍ଠା ହେବ। ସିଲିକନ୍ କାର୍ବାଇଡ୍ ଅତ୍ୟନ୍ତ ମଜଭୁତ ସାମଗ୍ରୀ, ଯାହା ଅତି ଉଚ୍ଚ ତାପମାତ୍ରାରେ ଅପରିବର୍ତ୍ତିତ ରହିଥାଏ। ଏହାକୁ ମିଶାଇଲ୍, ସାଟେଲାଇଟ୍, ଟେଲିକମ୍ ଟାୱାର, ରକେଟ୍, ରେଳ ଇଞ୍ଜିନ ଆଦିରେ ବ୍ୟବହାର କରାଯାଇଥାଏ। ଭୁବନେଶ୍ୱରରେ ନିର୍ମାଣ ହେବାକୁ ଥିବା ପ୍ଲାଣ୍ଟରୁ ବର୍ଷକୁ ୯.୬ କୋଟି ଚିପ୍ ଉତ୍ପାଦନ ହେବ। ସେହିପରି ଆମେରିକାର ବୃହତ୍ ଚିପ୍ ଉତ୍ପାଦନକାରୀ ସଂସ୍ଥା ଇଣ୍ଟେଲ୍ ସମର୍ଥିତ ୩ଡି ଗ୍ଲାସ୍ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ଓଡ଼ିଶାରେ ସ୍ଥାପନ ହେବାକୁ ଯାଉଛି। ଏଥିରେ ୧,୯୪୩ କୋଟି ଟଙ୍କା ନିବେଶ ହେବ। ହେଟେରୋଜେନିଅସ୍ ଇଣ୍ଟିଗ୍ରେଶନ ପ୍ୟାକେଜିଂ ସଲ୍ୟୁଶନ୍ସ ପ୍ରା. ଲିଃ ଏହାକୁ ସ୍ଥାପନ କରିବାକୁ ଥିବାବେଳେ ବାର୍ଷିକ ଉତ୍ପାଦନ କ୍ଷମତା ୫ କୋଟି ୟୁନିଟ୍ ରହିବ। ଆମେରିକାର ଲକ୍‌ହିଡ୍ ମାର୍ଟିନ ମଧ୍ୟ ଏହି ପ୍ରୋଜେକ୍ଟକୁ ସହାୟତା କରିବ ବୋଲି ମନ୍ତ୍ରୀ କହିଛନ୍ତି।

ଆନ୍ଧ୍ରପ୍ରଦେଶରେ ଆଡଭାନ୍ସଡ ସିଷ୍ଟମ୍ ଇନ୍ ପ୍ୟାକେଜ୍ ଟେକ୍ନୋଲୋଜିଜ୍ ଦ୍ୱାରା ୪୬୮ କୋଟି ଟଙ୍କା ବ୍ୟୟରେ ଏକ ଚିପ୍ ପ୍ୟାକେଜିଂ ପ୍ଲାଣ୍ଟ ନିର୍ମାଣକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୯.୬ କୋଟି ୟୁନିଟ୍ ରହିବ। ସେହିପରି ପଞ୍ଜାବରେ ୧୧୭ କୋଟି ଟଙ୍କା ବ୍ୟୟରେ ସିଡିଆଇଏଲ୍ ଏକ ସେମିକଣ୍ଡକ୍ଟର ପ୍ରକଳ୍ପ ନିର୍ମାଣକୁ କ୍ୟାବିନେଟ ଅନୁମୋଦନ କରିଛି। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୧୫.୮ କୋଟି ୟୁନିଟ୍ ରହିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ସେକ୍ଟରରେ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଫଳରେ ଗତ ୧୧ ବର୍ଷ ମଧ୍ୟରେ ଏହି ସେକ୍ଟର ୬ ଗୁଣ ଅଭିବୃଦ୍ଧି କରି ୧୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିବା ଅଶ୍ୱିନୀ କହିଛନ୍ତି। ଇଲେକ୍ଟ୍ରୋନିକ୍ସ ରପ୍ତାନି ୮ ଗୁଣ ବଢ଼ି ୩.୩ ଲକ୍ଷ କୋଟି ଟଙ୍କା ହୋଇଥିବାବେଳେ ମୋବାଇଲ୍ ଉତ୍ପାଦନ ୨୮ ଗୁଣ ବୃଦ୍ଧି ପାଇ ୫.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଭାରତ ୪ଟି ଦେଶ ସିଙ୍ଗାପୁର, ମାଲେସିଆ, ଜାପାନ ଓ କୋରିଆ ସହ ମିଶି ସେପ୍ଟେମ୍ବର ୨ରୁ ୪ ସେମିକନ୍ ଇଣ୍ଡିଆ ୨୦୨୫ ଆୟୋଜନ କରିବାକୁ ଯାଉଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

## ୩ ଦିନରେ ୪...

ଜିଲା ଉଦଳାରେ ଜଣେ ନାବାଳିକା ଛାତ୍ରୀଙ୍କୁ ୩ ଅଭିଯୁକ୍ତ ଘରୁ ଜଙ୍ଗଲକୁ ଟେକିନେଇ ଗଣବଳାତ୍କାର ଉଦ୍ୟମ କରିଥିଲେ। ତେବେ ଛାତ୍ରୀ ଜଣକ ସାହସିକତା ଦେଖାଇ ସେଠାରୁ ଖସିଆସିବାରେ ସକ୍ଷମ ହୋଇଥିଲେ। ଏହାର ୨ ଦିନ ପରେ ଅର୍ଥାତ୍ ୧୧ ତାରିଖରେ ବାଲେଶ୍ୱର ଜିଲା ସିମୁଳିଆ ଅଞ୍ଚଳର ଜଣେ ୯ମ ଶ୍ରେଣୀ ଛାତ୍ରୀ ଟିଉଶନରୁ ଫେରିବାବେଳେ ଜଣେ ଯୁବକ ତାଙ୍କୁ ଅପହରଣ କରି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ରାଜ୍ୟରେ ଛାତ୍ରୀ ଓ ମହିଳା ବିରୋଧୀ ଜଘନ୍ୟ ବର୍ବରତା ବଢ଼ିଚାଲିଥିବାବେଳେ ସଦ୍ୟ ଦୁଇ ଘଟଣା ଆଇନଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଉଥିବା ବିରୋଧୀଙ୍କୁ ସରକାରଙ୍କୁ ଘେରିବା ପାଇଁ ଆଉ ଏକ ଅସ୍ତ୍ର ଧରାଇଦେଇଛି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା କାଠିଆପଡ଼ା କଲେଜ ଛାତ୍ରୀ ପୋଡ଼ି ମୃତ୍ୟୁ ଘଟଣା ମନରୁ ନ ଲିଭୁଣୁ ରାଜନଗର ଥାନା ଅଞ୍ଚଳର ଜଣେ ୧୦ମ ଶ୍ରେଣୀ ଛାତ୍ରୀ (୧୪) ଶନିବାର ରକ୍ଷାବନ୍ଧନ ଦିନ ଗଣବଳାତ୍କାରର ଶିକାର ହୋଇଛନ୍ତି। ଏ ନେଇ ପୀଡିତା ସୋମବାର ରାତ୍ରି ୧୧ଟାରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଚଢ଼ାଉ କରି ରାତି ୨ଟାରେ ସମ୍ପୃକ୍ତ ପିଉସାଙ୍କ ସମେତ ୪ ଯୁବକଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରିଥିଲେ। ମଙ୍ଗଳବାର କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କାଟାରିଆ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା ଥାନାରେ ପହଞ୍ଚି ଭାରତୀୟ ନ୍ୟାୟ ସୁରକ୍ଷା ସଂହିତା ଧାରା ୧୮୦ରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛନ୍ତି। ପରେ ପୀଡିତାଙ୍କ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀମାଇନା କରାଯିବା ସହ ୫ ଜଣ ଅଟକ ଯୁବକଙ୍କ ଡାକ୍ତରୀ ପରୀକ୍ଷା ମଧ୍ୟ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ପିଉସା ଚିତ୍ତରଞ୍ଜନ ମଲିକ ଓରଫ ହାପି (୨୯)ଙ୍କୁ ପୋଲିସ ଗିରଫ କରିଛି। ଥାନାରେ ତାଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଧାରା ୭୦(୨), ୧୧୫ (୨), ୩୫୧(୩) ୬ (ଏ) ପୋକ୍‌ସୋ ଆଇନ ଅନୁସାରେ ନଂ. ୨୬୬/୨୫ ରେ ମାମଲା ରୁଜୁ କରି କେନ୍ଦ୍ରାପଡ଼ା କୋର୍ଟକୁ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ବାରିମୂଳ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟ ୪ ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିବା ଆଇଆଇସି ନରେଶ ସାହୁ କହିଛନ୍ତି।

ପୋଲିସ ସୂଚନା ମୁତାବକ, ରାଜନଗର ଥାନା ଅଞ୍ଚଳର ପୀଡ଼ିତା ରାଖୀପୂର୍ଣ୍ଣିମା ଶନିବାର ଅପରାହ୍ନ ୫ଟାରେ ଗାଁରେ ବୁଲୁଥିବା ବେଳେ ପିଉସା ଚିତ୍ତରଞ୍ଜନ ପାଖ ଦୋକାନକୁ ଡାକିଥିଲେ। ସେଠାରୁ ପିଉସା ଝିଅାରୀଙ୍କୁ ବାଇକ୍‌ରେ ଧରି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଓଉପଦାକୁ ଖୁଦୁରୁକୁଣୀ ମୂର୍ତ୍ତି କିଣିବାକୁ ବାହାରିଥିଲେ। ଓଉପଦା ନେବା ପରିବର୍ତ୍ତେ କୁନ୍ଦୁପୁର ମଶାଣିକୁ ଥିବା ମାଟି ରାସ୍ତାରେ ତାଙ୍କୁ ନେଇଥିଲେ। ଝିଅାରୀ ଏପଟେ କୁଆଡ଼େ ଯାଉଛ ବୋଲି କହିଥିଲେ ମଧ୍ୟ ପିଉସା ମଶାଣି ନିକଟରେ ଥିବା ଏକ ନିଛାଟିଆ ଜଙ୍ଗଲ ଭଳି ହୋଇଥିବା ସ୍ଥାନକୁ ନେଇ ଯାଇଥିଲେ। ଝିଅାରୀଙ୍କ ବିରୋଧ ସତ୍ତ୍ୱେ କିଛି ନ ଶୁଣି ପିଉସା ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଚିତ୍କାର ଶୁଣି ଅନ୍ୟ ୪ ଜଣ ଯୁବକ ଆସି ତାଙ୍କୁ ଟଣାଓଟରା କରି, ମାଡ଼ ମାରି ଗଣବଳାତ୍କାର କରିବା ସହ ମୋବାଇଲରେ ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲେ। ଗଣବଳାତ୍କାର ପରେ ପିଉସା ଝିଅାରୀଙ୍କୁ ଗାଁ ମୁଣ୍ଡରେ ଏକା ଛାଡ଼ିଥିଲେ। ସାଙ୍ଗରେ ଗଲେ ସମସ୍ତେ ସନ୍ଦେହ କରିବେ କହି ଘଟଣା ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ପୀଡ଼ିତା ଏତଲାରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ପୀଡ଼ିତା ଘରେ ଜଣାଇଥିଲେ। ମାତ୍ର ପିଉସା ଓ ଘଟଣାରେ ସମ୍ପୃକ୍ତ ଯୁବକଙ୍କ କେତେଜଣ ଲୋକ ଏହାକୁ ସମାଧାନ କରିବା ପାଇଁ ଉଦ୍ୟମ କରିଥିଲେ। ଦୁଇଦିନ ଧରି ଉଦ୍ୟମ ହୋଇଥିଲେ ମଧ୍ୟ ସମାଧାନ ହୋଇ ପାରି ନ ଥିଲା। ଏହି ଘଟଣା ପରେ ପୀଡ଼ିତା ଆତ୍ମହତ୍ୟା କରିବା ପୂର୍ବରୁ ତାଙ୍କ ମାଇଁ ସାହସ ଦେବା ସହ ସୋମବାର ରାତିରେ ଆଣି ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ପରେ ପୋଲିସ ବିଳମ୍ବିତ ରାତିରେ ଚଢ଼ାଉ କରି ଚିତ୍ତରଞ୍ଜନଙ୍କ ସମେତ ୪ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିଲେ। ପିଉସାଙ୍କ ବାଇକ୍‌କୁ ମଙ୍ଗଳବାର ତାଙ୍କ ଘରୁ ପୋଲିସ ଜବତ କରି ଥାନାକୁ ଆଣିଛି।

ସେହିପରି ଜଗତ୍‌ସିଂହପୁର ଜିଲା ଅଭୟଚାନ୍ଦପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଘରେ ପଶି ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ମଙ୍ଗଳବାର ଭିଣୋଇଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ଉକ୍ତ ଥାନା ଅଞ୍ଚଳର ନାବାଳିକାଙ୍କ ସମ୍ପର୍କୀୟ ଭିଣୋଇ କୁମର ଦଳାଇ (୨୮)। ଯୁକ୍ତ୨ ପଢୁଥିବା ୧୬ ବର୍ଷୀୟା ନାବାଳିକା ଜଣକ ସୋମବାର ସନ୍ଧ୍ୟାରେ ଘରେ ଏକୁଟିଆ ଥିଲାବେଳେ ମା' ବାପା ବଜାରକୁ ଯାଇଥିଲେ। ଏହାର ସୁଯୋଗ ନେଇ କୁମର ନାବାଳିକାଙ୍କ ଘରେ ପଶି କବାଟ ବନ୍ଦ କରି ବଳାତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ସମ୍ପୃକ୍ତା ନାବାଳିକା ଚିତ୍କାର କରିବାରୁ କୁମର ତାଙ୍କ ପାଟିରେ ଗାମୁଛା ଭର୍ତ୍ତି କରି ହତ୍ୟା ଧମକ ଦେଇ ବଳାତ୍କାର କରିଥିଲେ। ଘର ପାଖରେ ରହୁଥିବା ପଡ଼ୋଶୀଙ୍କ ଝିଅ ପୀଡ଼ିତାଙ୍କ ଚିତ୍କାର ଶୁଣି ଘର ଚାଳ ଫାଙ୍କରେ ଦେଖିଥିଲେ। ସେତେବେଳେ କୁମର ନାବାଳିକାଙ୍କୁ ବଳାତ୍କାର କରୁଥିବା ଦେଖି ସେ ଖିଡ଼ିକି ଦିଆହୋଇଥିବା କବାଟକୁ ଗୋଇଠା ମାରି ଫିଟାଇ ଦେଇଥିଲେ। ଫଳରେ କୁମର ସେଠାରୁ ଖସି ପଳାଇଥିଲେ। ପୀଡ଼ିତାଙ୍କ ମା' ବାପା ଘରକୁ ଫେରିବା ପରେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏନେଇ ପୀଡ଼ିତାଙ୍କ ବାପା ମଙ୍ଗଳବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୧୨୪/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯାହା କରିବେ ସାଇଁ,**
**ତାହା କାହାରି ହାତରେ ନାହିଁ ।**

ଭଗବାନ ଯାହା କରିପାରିବେ ତାହା ଅନ୍ୟ କେହି କରିପାରିବେ ନାହିଁ। ସେ ହିଁ ସଂସାରରେ ସର୍ବକ୍ଷମତାପନ୍ନ ହେବା ସହ ସର୍ବଶକ୍ତିମାନ ଓ ସକଳ ଶକ୍ତିର ଆଧାର ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାଚି କଲ୍ୟାଣ**
**ମାଗି ଓଳିକି**

ଆଜିର ସମୟରେ ଯୋଗ୍ୟ ଅଯୋଗ୍ୟ ନିର୍ବିଶେଷରେ ସମସ୍ତେ ଅନ୍ୟଠାରୁ ଜୁହାର ଖୋଜିବାକୁ ଉଚିତ ମଣିଥାନ୍ତି। ସେଥିରୁ କାଣିଚାଏ ଉଣା ହୋଇଗଲେ ମନ ବିବ୍ରତ ହୋଇଯାଏ କିମ୍ବା ଓଳିଗି ମାଗିବା ଭଳି ବାଚଳତା ଜନ୍ମେ। ସାଧାରଣତଃ ଗୁଣୀ ମେଧାବୀ ବ୍ୟକ୍ତିଙ୍କୁ ସ୍ୱତଃ ସମ୍ମାନ ମିଳେ, ତାଙ୍କୁ ସମ୍ମାନ ମାଗିବାକୁ ପଡେନାହିଁ। ସେହିପରି ନମସ୍କାର କରୁଥିବା ବିନୟୀ ବ୍ୟକ୍ତିଙ୍କୁ ପ୍ରଫୁଲ୍ଲ ଚିତ୍ତରେ କଲ୍ୟାଣ କରାଯାଏ, କଲ୍ୟାଣ ଯାଚିବାକୁ ପଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।




# ଏଆଇ ଜଗିବ ଅଧିକାରୀ, କର୍ମଚାରୀଙ୍କ ଉପସ୍ଥାନ

## ସଚିବସ୍ତରୀୟ ବୈଠକ ଅନୁଷ୍ଠିତ

- ଠିକ୍ ସମୟରେ ଅଫିସ ଆସୁ ନ ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ
- କାର୍ଯ୍ୟ ସମ୍ପାଦନ କରୁ ନ ଥିବା କର୍ମଚାରୀଙ୍କୁ ଦିଆଯିବ ଆଗୁଆ ଅବସର
- ମୁଖ୍ୟମନ୍ତ୍ରୀଙ୍କଠାରୁ ପ୍ରାପ୍ତ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଉତ୍ତରକୁ ଅଗ୍ରାଧିକାର ଦିଅ
- ଅକ୍ଟୋବରରୁ ଆରମ୍ଭ ହେବ ଚିଫ୍ ମିନିଷ୍ଟର୍ସ ଡ୍ୟାସ୍‌ବୋର୍ଡ

ଭୁବନେଶ୍ୱର, ୧୨।୮ (ସୁନିତ୍ ମିଶ୍ର)

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ଯେଉଁମାନେ ଠିକ୍ ସମୟରେ ଅଫିସ୍ ଆସୁନାହାନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ଉପସ୍ଥାନ ନ ରହିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ। ଠିକ୍ ଭାବେ କାର୍ଯ୍ୟ ସମ୍ପାଦନ କରୁ ନ ଥିବା ସରକାରୀ ଅଧିକାରୀ ତଥା କର୍ମଚାରୀମାନଙ୍କୁ ସମୟ ପୂର୍ବରୁ ବାଧ୍ୟତାମୂଳକ ଅବସର ଦିଆଯିବ। ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସଂସ୍ଥାଗତ ସୁଦୃଢ଼ୀକରଣ କରାଯିବ। ମୁଖ୍ୟମନ୍ତ୍ରୀଙ୍କଠାରୁ ପ୍ରାପ୍ତ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଉତ୍ତରକୁ ଅଗ୍ରାଧିକାର ଦେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏକ ୧୫ ଦିନିଆ କାର୍ଯ୍ୟସୂଚୀ ସୂଚିତ କରାଯାଇ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଏହି ଅବସରରେ ଗୁରୁତ୍ୱ ଦେଇଛନ୍ତି।

କର୍ମଚାରୀମାନେ ଠିକ୍ ସମୟରେ ଅଫିସରେ ପହଞ୍ଚିବା ପାଇଁ ପୂର୍ବରୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲା। ଏହାକୁ ନିଶ୍ଚିତ କରିବା ପାଇଁ ସରକାର କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଭିତ୍ତିକ ଉପସ୍ଥାନ ଯାଞ୍ଚ ବ୍ୟବସ୍ଥା କରିବାକୁ ବିଚାର କରିଛନ୍ତି। ଲୋକସେବା ଭବନ ଓ ଖାରବେଳ ଭବନରୁ ଏହାକୁ ପ୍ରାଥମିକତା ଭିତ୍ତିରେ ଆରମ୍ଭ କରାଯିବ। ପରେ ରାଜ୍ୟର ସବୁ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗକୁ ପଦକ୍ଷେପ ନେବାପାଇଁ ପରାମର୍ଶ ଦିଆଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଏ ସମ୍ପର୍କରେ ପ୍ରସ୍ତୁତି ନେଇ ଉପସ୍ଥାପନ କରିଛନ୍ତି।

ଯେଉଁ ସରକାରୀ ଅଧିକାରୀ ବା କର୍ମଚାରୀମାନେ କାର୍ଯ୍ୟ ଠିକ୍ ଭାବେ ସମ୍ପାଦନ କରୁନାହାନ୍ତି, ସେମାନଙ୍କୁ ବିଭାଗ ସ୍ତରରେ ମାସିକ ବା ବିଭିନ୍ନ ସମୟରେ ସେମାନଙ୍କ କାର୍ଯ୍ୟ ପ୍ରଦର୍ଶନ ସମୀକ୍ଷା ହୋଇ ତଥ୍ୟ ରଖାଯିବ। ସରକାରୀ ବ୍ୟବସ୍ଥା ଅନୁସାରେ ଅବସର ପୂର୍ବରୁ ଅବସର ଦେବା ପାଇଁ ପଦକ୍ଷେପ ନେଇ ବୈଠକରେ ଆଲୋଚନା ହୋଇଛି।

କାର୍ଯ୍ୟରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ନ ରହିବା, ଅଭିଯୋଗ ଶୁଣାଣିରେ ଅପ୍ରଭାବୀ ପ୍ରଦର୍ଶନ, ଦୁର୍ନୀତିକୁ ଚିହ୍ନଟ କରିବାରେ ଦୁର୍ବଳ ହାର, ଅସାଧୁତା, ନିୟମିତ ତଦାରଖ ବ୍ୟବସ୍ଥା ନ କରାଯିବା ଆଦି ଦୁର୍ନୀତିର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରାଯାଇଛି। ବିଭାଗୀୟ କାର୍ଯ୍ୟର ତଦାରଖ ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଅଧିକ ପ୍ରଭାବୀ କରିବା ପାଇଁ ଅକ୍ଟୋବର ୧ରୁ ତଥ୍ୟ ସମ୍ବଳିତ ମୁଖ୍ୟମନ୍ତ୍ରୀଙ୍କ ଡ୍ୟାସ୍ ବୋର୍ଡ(ଚିଫ୍ ମିନିଷ୍ଟର୍ସ ଡ୍ୟାସ୍ ବୋର୍ଡ) କାର୍ଯ୍ୟକାରୀ କରାଯିବା ସମ୍ପର୍କରେ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଛି। ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ମଞ୍ଜୁରୀ ପାଇଁ ଆବଶ୍ୟକ ଭୂଅଧିଗ୍ରହଣ, ପିଏମଜି ଓ ପ୍ରଗତିରେ ଅନ୍ତର୍ଭୁକ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଜିଲାପାଳମାନେ ପ୍ରତି ମାସର ୭ ତାରିଖ ସୁଦ୍ଧା ଜିଲାସ୍ତରରେ, ସମ୍ପୃକ୍ତ ବିଭାଗୀୟ ମୁଖ୍ୟ ବିଶେଷ କରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମାସର ୧୨ ତାରିଖ ସୁଦ୍ଧା ସମୀକ୍ଷା ବୈଠକ କରିବେ। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ମାସର ଶେଷ ଶନିବାର ସମୀକ୍ଷା ବୈଠକ ଅନୁଷ୍ଠିତ ହେବ।

# ତେଲଙ୍ଗାନାରେ ଦୁର୍ଘଟଣା: ୩ ଦାଦନ ଶ୍ରମିକ ମୃତ

ଉମରକୋଟ, ୧୨।୮ (ସନ୍ତୋଷ ଶତପଥୀ)


ଜୟରାମ ଭତ୍ରା


ନାରାୟଣ ଭତ୍ରା


ଚେତମନ ଭତ୍ରା

ଦି'ପଇସା ରୋଜଗାର ଲକ୍ଷ୍ୟରେ ତେଲଙ୍ଗାନାକୁ ଦାଦନ ଖଟିବାକୁ ଯାଇଥିଲେ। କିନ୍ତୁ ସୋମବାର ସେଠାରେ ଏକ ସଡ଼କ ଦୁର୍ଘଟଣାରେ ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ଝରିଗାଁ ବ୍ଲକ ବକଡ଼ାବେଡ଼ା ଗ୍ରାମର ୩ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଉକ୍ତ ଗାଁର ଜୟରାମ ଭତ୍ରା(୫୬), ନାରାୟଣ ଭତ୍ରା(୨୦) ଓ ଚେତମନ ଭତ୍ରା(୨୧)। ମଙ୍ଗଳବାର ଏହି ଖବର ପାଇବା ପରେ ସନ୍ଧ୍ୟାରେ ପରିବାର ଲୋକେ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମଙ୍ଗଳବାର ସେଠାରୁ ଆମ୍ବୁଲାନ୍ସରେ ଆସୁଥିବା ମୃତଦେହ ବୁଧବାର ଗ୍ରାମରେ ପହଞ୍ଚିବ ବୋଲି ସୂଚନା ମିଳିଛି। ସୂଚନାନୁଯାୟୀ, ୧୧ ଦିନ ତଳେ ବକଡ଼ାବେଡ଼ା ଗ୍ରାମର ୧୪ ଜଣ ଶ୍ରମିକ ଜଣେ ଦଲାଲଙ୍କ ସହାୟତାରେ ଦାଦନ ଖଟିବାକୁ ଯାଇଥିଲେ। ତେଲଙ୍ଗାନା ରାଜ୍ୟର କିସାରା ଥାନା ଅଧୀନ ସିକନ୍ଦର କମମ ଅଞ୍ଚଳ ରାସ୍ତାପାର୍ଶ୍ୱରେ ଚାରା ଲଗାଇବା କାର୍ଯ୍ୟରେ ଏହି ୧୪ ଶ୍ରମିକ ନିୟୋଜିତ ଥିଲେ। ତେବେ ସୋମବାର ମଧ୍ୟାହ୍ନଭୋଜନ କରି ପୁଣି କାମକୁ ଯିବାବେଳେ ପଛପଟରୁ ଏକ ଗାଡ଼ି( ଟିଜି-୦୮T-୨୪୯୬) ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜୟରାମ, ନାରାୟଣ ଓ ଚେତମନଙ୍କ ମୃତ୍ୟୁ ହୋଇଯାଇଥିଲା। ସେଠାକାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଜବତ କରିବା ସହ ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇଥିଲା। ଘଟଣା ସମ୍ପର୍କରେ ମଙ୍ଗଳବାର ସକାଳ ୯ଟାରେ ପରିବାର ସଦସ୍ୟ ଖବର ପାଇଥିଲେ। ଖବର ଲେଖାଯିବା ବେଳକୁ ଅନ୍ୟ ୧୧ ଶ୍ରମିକ ଆମ୍ବୁଲାନ୍ସ ଯୋଗେ ୩ ମୃତଦେହ ଧରି ବକଡ଼ାବେଡ଼ା ଅଭିମୁଖେ ବାହାରିଥିବା ଜଣାପଡ଼ିଛି। ବୁଧବାର ସମସ୍ତ ମୃତଦେହ ଗାଁରେ ପହଞ୍ଚିବ ବୋଲି ମୃତ ଜୟରାମଙ୍କ ପୁଅ ଶୈନ୍ଦ୍ର ସୂଚନା ଦେଇଛନ୍ତି। ଏ ନେଇ ଶୈନ୍ଦ୍ର ଉମରକୋଟ ଥାନାରେ ଲିଖିତ ଭାବେ ଜଣାଇଛନ୍ତି।

## ଆଜିଠୁ ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ମୋହନ ଭାଗବତ



ଭୁବନେଶ୍ୱର, ୧୨।୮ (ସୁନିତ୍ ମିଶ୍ର)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ମୋହନ ଭାଗବତ ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ବୁଧବାର ସନ୍ଧ୍ୟାରେ ସେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେ ତିନି ଦିନିଆ ଓଡ଼ିଶା ଗସ୍ତ ସାରି ଆସନ୍ତା ୧୫ରେ ଓଡ଼ିଶାରୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସଂଘର ଓଡ଼ିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା କହିଛନ୍ତି। ସୁମନ୍ତ କହିଛନ୍ତି, ଭାଗବତ ଗୌଡୀୟ ମିଶନ ନିମନ୍ତ୍ରଣ କ୍ରମେ ଓଡ଼ିଶା ଆସୁଛନ୍ତି। ସେ ୧୩ରେ ଭୁବନେଶ୍ୱରରେ ପହଞ୍ଚିବା ପରେ ଉତ୍କଳ ବିପନ୍ନ ସହାୟତା ସମିତିରେ ଅବସ୍ଥାନ କରିବେ। ୧୪ରେ କଟକ ସ୍ଥିତ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଗୌଡୀୟ ବୈଷ୍ଣବ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେବେ। ସେଦିନ ସନ୍ଧ୍ୟାରେ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହିତ ଗୋବର୍ଦ୍ଧନ ପୀଠର ପୂଜ୍ୟ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଭେଟି ଭୁବନେଶ୍ୱର ଫେରି ଆସିବେ। ୧୫ରେ ଭାଗବତ ଓଡ଼ିଶାରୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସେ କହିଛନ୍ତି।






## ସବୁ ବିଭାଗକୁ ଅନୁସୂଚିତ ଜାତି ବିଭାଗର ତାଗିଦ

# 'ହରିଜନ' ଲେଖନାହିଁ

ଭୁବନେଶ୍ୱର,୧୨।୮ (ରବିନାରାୟଣ ଜେନା)

ଏଣିକି 'ହରିଜନ' ଶବ୍ଦ କୌଣସି ସରକାରୀସ୍ତର କିମ୍ବା ଶିକ୍ଷାକ୍ଷେତ୍ରରେ ବ୍ୟବହାର କରାଯିବନାହିଁ। ଏନେଇ ବହୁ ପୂର୍ବରୁ ରୋକ୍ ଲାଗିଥିଲେ ହେଁ ମଙ୍ଗଳବାର ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିଭାଗ ସଚିବ ବି. ପରମେଶ୍ୱର ପୁନର୍ବାର ସମସ୍ତ ବିଭାଗର ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ମଙ୍ଗଳବାର ସଚିବ ପରମେଶ୍ୱର ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ ଓ ସଚିବଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି ଯେ, ଏ ସଂକ୍ରାନ୍ତରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ୨୦୧୨ ନଭେମ୍ବର ୨୨ର ଏକ ନିର୍ଦ୍ଦେଶନାମାକୁ ଆଧାରକରି ୨୦୧୩ ଜାନୁଆରୀ ୧୦ରୁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ହେଲେ ଓଡ଼ିଶା ମାନବ ଅଧିକାର ଆୟୋଗଙ୍କ ପକ୍ଷରୁ ଏକ ମାମଲାକୁ ଆଧାରକରି ୨୦୨୫ ଜାନୁଆରୀ ୩୧ରେ ପୁନର୍ବାର ନିର୍ଦ୍ଦେଶ ଆସିଛି ଯେ, 'ହରିଜନ' ଶବ୍ଦ ବ୍ୟବହାର କରାଯିବନାହିଁ। ତେଣୁ ସରକାରୀ କାର୍ଯ୍ୟ, ନଥିପତ୍ର ସମ୍ପାଦନ ଓ ଜାତିଗତ ପ୍ରମାଣପତ୍ର ପ୍ରଦାନ ବେଳେ ଏହି ଶବ୍ଦ ବ୍ୟବହାର ହେବନାହିଁ। ସେ ଦର୍ଶାଇଛନ୍ତି, ସମ୍ବିଧାନରେ ଉଲ୍ଲେଖ ଥିବା 'ସିଡ୍ୟୁଲ୍ଡ କାଷ୍ଟ' ଅର୍ଥାତ୍ ଅନୁସୂଚିତ ଜାତି ହିଁ 'ହରିଜନ' ଶବ୍ଦର ପ୍ରତିବଦଳରେ ସବୁକ୍ଷେତ୍ରରେ ବ୍ୟବହାର କରାଯାଇପାରିବ। ଏହାକୁ ପ୍ରତ୍ୟେକ ସରକାରୀସ୍ତର, ସ୍ୱୟଂଶାସିତ ପରିଷଦ ଏବଂ ଅଧସ୍ତନ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ହେବା ଆବଶ୍ୟକ। ଏନେଇ ବିଭାଗ ପକ୍ଷରୁ ଉପଯୁକ୍ତ ସଚେତନତା ସୃଷ୍ଟି କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଲାଗି ସଚିବ ବି. ପରମେଶ୍ୱର ପତ୍ରରେ ଦର୍ଶାଇଛନ୍ତି।

# ବିଷପିଇ ଆତ୍ମହତ୍ୟା କଲେ ଚାଷୀ

ସୋନପୁର/ ବିନିକା,୧୨।୮ (ମୃତ୍ୟୁଞ୍ଜୟ ଶତପଥୀ/ ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ଲଛିପୁର ଥାନା ଚୌକାମାଲ ଗାଁର ଚାଷୀ ସୁରେନ୍ଦ୍ର ବିଶ୍ୱାଳ(୪୨) ବିଷ ପିଇ ଆତ୍ମହତ୍ୟ କରିଛନ୍ତି। ମାନସିକ ଦୁଶ୍ଚିନ୍ତା କିମ୍ବା ପାରିବାରିକ କଳହରୁ ସେ ଧାନଚାଷରେ ବ୍ୟବହୃତ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇପାରିନି। ଚକାମନ ବିଶ୍ୱାଳଙ୍କ ତିନିପୁଅ ଯୋଗୀନ୍ଦ୍ର(୪୫), ସୁରେନ୍ଦ୍ର ଓ ମିଥୁନ(୩୦)। ଚକାମନଙ୍କ ବାର୍ଦ୍ଧକ୍ୟ କାରଣରୁ ତାଙ୍କ ସାଢ଼େ ୪ ଏକର ଜମିକୁ ପୁଅମାନେ ଚାଷ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ଚଳିତ ଖରିଫ ଋତୁରେ ସୁରେନ୍ଦ୍ର ଧାନ ଚାଷ କରିଥିଲେ। ସିଆଲି ଓ ଚୌକାମାଲ


ସୁରେନ୍ଦ୍ର ବିଶ୍ୱାଳ

ମୌଜାରେ ଥିବା ପୈତୃକ ଜମି ଭାଗବଣ୍ଟାକୁ ନେଇ ସୁରେନ୍ଦ୍ରଙ୍କର ବଡ ଭାଇ ଯୋଗୀନ୍ଦ୍ରଙ୍କ ସହିତ ବିବାଦ ଥିଲା। ଏ ନେଇ ଲଛିପୁର ଥାନାରେ ଅଭିଯୋଗ ହୋଇଥିଲା। ଆଇଆଇସି ଭୋଜରାଜ ସାଙ୍କ ପରାମର୍ଶକ୍ରମେ ରବିବାର ୩ ଭାଇ ଥାନାକୁ ଆସି ଆପୋସ ସମାଧାନ କରିଥିଲେ। ଆଲୋଚନା ମାଧ୍ୟମରେ ଜମି ବିବାଦ ସମାଧାନ ହୋଇଥିବା ନେଇ ତିନି ଭାଇ ଲିଖିତ ଭାବେ ଆଇଆଇସିଙ୍କୁ ଜଣାଇଥିଲେ। ତେବେ ଘରକୁ ଫେରିବା ପରେ ସୁରେନ୍ଦ୍ର ଚିନ୍ତାରେ ଥିଲେ। ସୋମବାର ସେ କୀଟନାଶକ ପିଇ ଦେଇଥିଲେ। ବିନିକା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ସେଠାରୁ ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକେ ତାଙ୍କ ମୃତଦେହକୁ ନେଇ ମଙ୍ଗଳବାର ଅପରାହ୍ନରେ ଲଛିପୁର ଥାନାକୁ ଆସିଥିଲେ। ତାପରେ ପଡି ସମାଧାନ କାଗଜାତରେ ଦସ୍ତଖତ କରିବା ପରେ ସୁରେନ୍ଦ୍ର ମାନସିକ ଭାରସାମ୍ୟ ହରାଇ ବସିଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ, ଯାହାକୁ ପୋଲିସ ଖଣ୍ଡନ କରିଛି।




MARUTI SUZUKI AUTHORISED DEALERS: NARAYANI MOTORS: BHUBANESHWAR: RASULGARH: 9583022012 JAGATSINGHPUR: 7381720639 PURI: 9583022035. NIMAPARA: 7381094851. PARADEEP: 9583022034 PURI HIGHWAY PIPLI: 9583022009. TIRTOL: 7381000159. ODYSSEY MOTORS: ANGUL: 7752076136, 9776901481, PALLAHARA: 7873565435, 7873550132. TUSHI MOTORS: CUTTACK: 9078076450. PANIKOILI: 9078076450. ATHAGARH: 9078076450. BALIKUDA: 9078076450. JYOTE MOTORS: BHUBANESWAR: LEWIS ROAD: 9776615038, NAYAPALLI: 7064470102. TAMANDO: 9583000807. KEONJHAR: 8599019854. NAYAGARH: 7381028519. BALUGAON: 8093154878. ANANDPUR: 9853015932. KENDRAPARA: 9776615048. PATTAMUNDAI: 9938500513. Gothapatna: 7064470142. Jatni: 7064470084. BARBIL: 9599019897. BALASORE: 9776003548. BHADRAK: 8093122361. BARIPADA: 9437102597. UDALA: 9437101594. RAIRANGPUR: 7064499142. JALESWAR: 9437101594. BASUDEVPUR: 9437101594. SORO: 9437101594. KARANJIA: 9437101594. SKY AUTOMOBILES: BHUBANESWAR: PATIA: 7381045356. DHENKANAL: 9776900005. NARSHINGPUR: 9776900005. KAMAKHYANAGAR: 9776900005. CUTTACK: 9776677771, 7381873818. JAJPUR: 9776900777. SALEPUR: 7440011601. CHANDIKHOL: 9776900777. TANGI: 9776645715.
Creative visualisation. Accessories and features shown may not be part of standard fitment and may vary according to variant. Images used are for illustration purposes only. Black glass on the vehicle is due to lighting effect. Colours shown may vary from actual body colours due to printing on paper. *3 Years or 100 000 km whichever is earlier. Extendable up to 1 60 000 km or 6 Years. **T&C apply.

ସମସ୍ତ ପ୍ରକାର କାର୍ଯ୍ୟକୁ ଭଲ ଭାବେ ସଂପନ୍ନ କରିବାକୁ ଇଚ୍ଛା କର। ଉନ୍ନତି କରିବାକୁ ପ୍ରୟାସ କର। ଜୀବନରେ ସାଧାରଣ ମଣିଷଠାରୁ କିଛିଟା ଅଧିକ ଭଲ ହେବାକୁ ଆକାଂକ୍ଷା କର। -ଶ୍ରୀମା

-ବୁଧିବାମନ ଓଷା, ଶ୍ରୀମନ୍ଦିରରେ ରେଖା ପଞ୍ଚମୀ ଓ ଗୃହିଣାଂ ରକ୍ଷା ପଞ୍ଚମୀ



# ବୁଲା କୁକୁର

ଭାରତରେ ବୁଲା କୁକୁରଙ୍କ ସଂଖ୍ୟା ୨୦୧୯ ପ୍ରାଣୀ ଗଣନା ତଥ୍ୟ ଅନୁଯାୟୀ ୬ କୋଟି। ୨୦୨୫ରେ ଏମାନଙ୍କ ସଂଖ୍ୟା ଯଥେଷ୍ଟ ବଢ଼ିଥିବ। ଓଡ଼ିଶାରେ ଏହି କୁକୁରଙ୍କ ସଂଖ୍ୟା ପାଖାପଖି ୧୮ ଲକ୍ଷ ବୋଲି କୁହାଯାଉଛି, ଯାହା ଉତ୍ତର ପ୍ରଦେଶ ପରେ ଦ୍ୱିତୀୟ ସର୍ବାଧିକ। ବୁଲା କୁକୁର ଗାଁ ଗହଳିଠାରୁ ସହର ବଜାର ଗଳିକନ୍ଦି ଓ ରାସ୍ତା ଉପରେ ଯେଭଳି ବୁଲିଥାଆନ୍ତି ଏବଂ ସେମାନଙ୍କ ଯୋଗୁ ଯେତେ ପ୍ରକାର ଦୁର୍ଘଟଣା ଘଟିଥାଏ ତାହା ପ୍ରତ୍ୟେକ ବ୍ୟକ୍ତି ଅନୁଭବ କରିଥାଆନ୍ତି। ଦିଲ୍ଲୀ-ଏନ୍‌ସିଆର୍‌ରେ ବୁଲା କୁକୁରଙ୍କ ଉପଦ୍ରବ ଓ ଜଳାତଙ୍କ ରୋଗରେ ମୃତ୍ୟୁ ମାମଲାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ନିଜ ଆଡ଼ୁ ୧୧ ଅଗଷ୍ଟ ୨୦୨୫ରେ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଞ୍ଚଳରେ ଥିବା ବୁଲା କୁକୁରଙ୍କୁ ୮ ସପ୍ତାହ ମଧ୍ୟରେ ବିଭିନ୍ନ ଆବାସିକ ଅଞ୍ଚଳରୁ ଉଠାଇ ନେଇ ଆଶ୍ରୟସ୍ଥଳରେ ରଖିବାକୁ କୁହାଯାଇଛି। ଏଥିରେ କୌଣସି ବ୍ୟକ୍ତି କିମ୍ବା ସଙ୍ଗଠନ ବାଧା ସୃଷ୍ଟି କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସର୍ବୋଚ୍ଚ ଅଦାଲତଙ୍କ ଏହି ନିର୍ଦ୍ଦେଶ ପରେ ପ୍ରାଣୀପ୍ରେମୀ ସଙ୍ଗଠନଗୁଡ଼ିକ ରାସ୍ତାକୁ ଓହ୍ଲାଇଛନ୍ତି। କୁକୁରଙ୍କ ସ୍ୱାଧୀନତା ପାଇଁ ଲଢୁଥିବା ବ୍ୟକ୍ତି ବା ସଙ୍ଗଠନ ନିଶ୍ଚିତ ଉପରୋକ୍ତ ନିର୍ଦ୍ଦେଶକୁ ବିରୋଧ କରିବେ ଜାଣି ଖଣ୍ଡପୀଠ କହିଥିଲେ ଜଳାତଙ୍କ ରୋଗରେ ପ୍ରାଣ ହରାଇଥିବା ଲୋକଙ୍କ ଜୀବନକୁ ଫେରାଇ ଆଣିପାରିବେ କି ? ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ଏକ ବିତର୍କକୁ ଜନ୍ମ ଦେଇଛି। ପ୍ରାଣୀପ୍ରେମୀ ଅଦାଲତଙ୍କ ରାୟକୁ ସମାଲୋଚନା କରିଥିବା ବେଳେ କୁକୁର ଉପଦ୍ରବକୁ ସିଧାସଳଖ ଅନୁଭବ କରୁଥିବା ବ୍ୟକ୍ତିବିଶେଷ ସ୍ୱାଗତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ବଲାଙ୍ଗୀର ଜିଲାରେ ପାରା ଆଥ୍‌ଲେଟ ଯୋଗେନ୍ଦ୍ର ଛତ୍ରିଆଙ୍କ ସମେତ ଦୁଇ ଜଣ କୁକୁର କାମୁଡ଼ାରେ ପ୍ରାଣ ହରାଇବା ଅସଂଖ୍ୟ ଘଟଣା ମଧ୍ୟରୁ ଗୋଟିଏ। ପରିସଂଖ୍ୟାନରୁ ଜଣାପଡ଼ିଛି ଯେ, ଭାରତରେ ପ୍ରତି ୧୦ ସେକେଣ୍ଡରେ ଜଣେ କୁକୁର କାମୁଡ଼ାର ଶିକାର ହେଉଛନ୍ତି। ବିଶ୍ୱରେ ଭାରତର ସବୁଠୁ ଅଧିକ ବୁଲା କୁକୁର ଥିବା ବେଳେ ଜଳାତଙ୍କ ରୋଗରେ ମଧ୍ୟ ସର୍ବାଧିକ ଭାରତୀୟଙ୍କ ମୃତ୍ୟୁ ଘଟୁଛି (ବିଶ୍ୱ ଜଳାତଙ୍କଜନିତ ମୃତ୍ୟୁର ୩୬ ପ୍ରତିଶତ)।

ଏଭଳି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ଶୁଣି ଆଶ୍ଚର୍ଯ୍ୟ ଲାଗୁଛି। କାରଣ ଏଥିରେ ବାସ୍ତବତାର ଘୋର ଅଭାବ ପରିଲକ୍ଷିତ ହେଉଛି। ମାତ୍ର ୮ ସପ୍ତାହ ମଧ୍ୟରେ ପାଖାପାଖି ୧୦ ଲକ୍ଷ କୁକୁରଙ୍କୁ ଦିଲ୍ଲୀ ବାହାରେ ଥଇଥାନ କରିବାକୁ ହେଲେ କେଉଁ ଆଶ୍ରୟସ୍ଥଳୀରେ ରଖାଯିବ କୋର୍ଟ କହିନାହାନ୍ତି। କୋର୍ଟଙ୍କୁ ମଧ୍ୟ ଜଣାଥାଇପାରେ ଏପର୍ଯ୍ୟନ୍ତ ଦିଲ୍ଲୀ ଏନ୍‌ସିଆର୍‌ରେ ଗୋଟିଏ ବି ସରକାରୀ ଆଶ୍ରୟସ୍ଥଳୀ ନାହିଁ। ଏତେ ଅଧିକ ସଂଖ୍ୟକ କୁକୁରଙ୍କ ପାଇଁ କେତୋଟି ଓ କେତେ ବଡ଼ ଆଶ୍ରୟସ୍ଥଳୀର ଆବଶ୍ୟକତା ରହିବ, ତାହା ସକାଶେ ଜାଗା କେଉଁଠି ଚିହ୍ନଟ ହେବ, କେତେ ସମୟ ଭିତରେ ନିର୍ମାଣ କାର୍ଯ୍ୟ ସରିବ, କେତେ ସଂଖ୍ୟକ ଲୋକ ଆଶ୍ରୟସ୍ଥଳୀରେ ନିୟୋଜିତ ହେବେ, କେତେ ପ୍ରାଣୀ ଚିକିତ୍ସକ ଓ ଆମ୍ବୁଲାନ୍ସ ଦରକାର ପଡ଼ିବ ଏବଂ ଏସବୁ ସହ ଔଷଧ, ଟିକା, ଖାଦ୍ୟ ପାଇଁ କେତେ ଅର୍ଥ ଏକକାଳୀନ ଓ ନିୟମିତ ଭାବେ ଖର୍ଚ୍ଚ ହେବ ; ସେ ବିଷୟରେ କିଛି କୁହାଯାଇନାହିଁ। ଏସବୁ ଦିଗ ସ୍ପଷ୍ଟ ନ ହେଲେ ୮ ସପ୍ତାହ କ'ଣ ୮ ବର୍ଷରେ ମଧ୍ୟ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବା କାଠିକର ପାଠ। ସାଧାରଣତଃ ରାସ୍ତା ଉପରେ ବୁଲୁଥିବା ଗୋରୁଙ୍କର ମାଲିକ ଅଛନ୍ତି। ମ୍ୟୁନିସିପାଲିଟି ସେଗୁଡ଼ିକୁ ରାସ୍ତାରୁ ହଟାଇପାରୁ ନାହିଁ। ସେଭଳି ସ୍ଥଳେ କୁକୁରଙ୍କୁ ଥଇଥାନ କରିବା କଷ୍ଟକର ବ୍ୟାପାର। ସବୁଠାରୁ ବଡ଼ କଥା ହେଲା ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଓ ଟିକାକରଣ ଉପଯୁକ୍ତ ପଦ୍ଧତିରେ କରାଯିବା ଦରକାର। ସେଭଳି କୁକୁରଙ୍କ ଟ୍ୟାଗିଂ ହେଲେ ପ୍ରକ୍ରିୟା ଆହୁରି ସହଜ ହେବ। ଏଥିସହିତ ଜଳାତଙ୍କ ରୋଗ ନ ବ୍ୟାପିବା ସକାଶେ ଟିକାକରଣ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ତେବେ ୨୦୨୪ରେ ଏକ ତଥ୍ୟରୁ ଜଣାପଡ଼ିଛି ଯେ, ଓଡ଼ିଶାରେ ୨୦୨୨-୨୩ରେ ୮ଟି ସହରରେ ୪,୬୦୫ କୁକୁରଙ୍କୁ ବନ୍ଧ୍ୟାକରଣ କରାଯାଇଥିଲା। ଆମ ରାଜ୍ୟରେ ୧୮ ଲକ୍ଷ କୁକୁର ମଧ୍ୟରୁ ଯଦି ଏହି ସୀମିତ ସଂଖ୍ୟାର ବନ୍ଧ୍ୟାକରଣକୁ ଦେଖାଯାଏ, ତେବେ ଟାର୍ଗେଟ ପୂରଣ କରିବା ଅସମ୍ଭବ ମନେହେଉଛି।

କୁକୁରଙ୍କ ସଂଖ୍ୟା ବୃଦ୍ଧି ଯେଭଳି ଉପଦ୍ରବ ସୃଷ୍ଟି କରୁଛି, ନିହାତି ପକ୍ଷେ ପ୍ରତିକାର ବ୍ୟବସ୍ଥା କରାଯାଉ। କିନ୍ତୁ ଏଥିଲାଗି ଗଭୀର ଅନୁଧ୍ୟାନ, ଆର୍ଥିକ ବ୍ୟବସ୍ଥା କରାଯାଇ ବାସ୍ତବଧର୍ମୀ ପଦକ୍ଷେପ ନିଆଗଲେ ପରିବର୍ତ୍ତନ ଆସିପାରନ୍ତା। ସେହିପରି କୁକୁର ପ୍ରେମୀ ଓ ପ୍ରାଣୀ ମଙ୍ଗଳ ସଙ୍ଗଠନଗୁଡ଼ିକ ଏହି କାର୍ଯ୍ୟରେ ସାମିଲ ହୋଇ ସକ୍ରିୟ ଯୋଗଦାନ କରିବା ସକାଶେ ଆଗେଇ ଆସିବା ଦରକାର।

**କୁକୁରଙ୍କ ସଂଖ୍ୟା ବୃଦ୍ଧି ଯେଭଳି ଉପଦ୍ରବ ସୃଷ୍ଟି କରୁଛି, ନିହାତି ପକ୍ଷେ ପ୍ରତିକାର ବ୍ୟବସ୍ଥା କରାଯାଉ। କିନ୍ତୁ ଏଥିଲାଗି ଗଭୀର ଅନୁଧ୍ୟାନ, ଆର୍ଥିକ ବ୍ୟବସ୍ଥା କରାଯାଇ ବାସ୍ତବଧର୍ମୀ ପଦକ୍ଷେପ ନିଆଗଲେ ପରିବର୍ତ୍ତନ ଆସିପାରନ୍ତା। ସେହିପରି କୁକୁର ପ୍ରେମୀ ଓ ପ୍ରାଣୀ ମଙ୍ଗଳ ସଙ୍ଗଠନଗୁଡ଼ିକ ଏହି କାର୍ଯ୍ୟରେ ସାମିଲ ହୋଇ ସକ୍ରିୟ ଯୋଗଦାନ କରିବା ସକାଶେ ଆଗେଇ ଆସିବା ଦରକାର।**

# ସମବାୟରେ ଦାରିଦ୍ର୍ୟ ଦୂରୀକରଣ



ପ୍ରତାପ ଚନ୍ଦ୍ର ସାମଲ

ଭାରତର ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ସେହି ତୁଳନାରେ ସାଧାରଣ ଲୋକଙ୍କର ଆର୍ଥିକ ବିକାଶର ଆଶାତୀତ ଭାବେ ବୃଦ୍ଧି ନ ପାଇବାରୁ ଗରିବ ଲୋକମାନେ ବିଭିନ୍ନ ପ୍ରକାର ବେଉସାକୁ ଆପଣାଉଛନ୍ତି। ଛେଳି ପାଳନ ତନ୍ମଧ୍ୟରୁ ଅନ୍ୟତମ। ଛେଳି ପାଳନ ଗରିବ ଲୋକଙ୍କ ଆର୍ଥିକ ସହାୟତାର ଆଶାବାଡ଼ି। ଛେଳିର କ୍ଷୀର, ମାଂସ, ଚମଡ଼ା, ଗୋବର ପ୍ରଭୃତି ଲୋକେ ବ୍ୟବହାର କରନ୍ତି। ବିଶେଷକରି ଛେଳି କ୍ଷୀର ଭିଟାମିନ ସାରଯୁକ୍ତ, ଛେଳି କ୍ଷୀରରେ ଗାଈ କ୍ଷୀର ତୁଳନାରେ ବହୁତ କମ୍ ଚର୍ବିଥାଏ। ଏହା ମା' କ୍ଷୀର ସହିତ ସମାନ ଥିବାରୁ ଶିଶୁମାନଙ୍କ ଖାଦ୍ୟଭାବରେ ବ୍ୟବହୃତ ହେବା ସଙ୍ଗେ ସଙ୍ଗେ ଶିଶୁର 'ଧର୍ମ ମା' ଭାବେ ଛେଳି ପରିଚିତ। ଛେଳି କ୍ଷୀର ଅତ୍ୟନ୍ତ ଭିଟାମିନ୍ ସାରଯୁକ୍ତ, ଜୀର୍ଣ୍ଣକାରକ ତଥା ଔଷଧୀୟ ଗୁଣକାରକ ହେତୁ ଜାତିର ପିତା ମହାତ୍ମା ଗାନ୍ଧୀ ଛେଳିକ୍ଷୀର ବ୍ୟବହାର କରୁଥିଲେ। ଛେଳିର ଗୋବର ଖତ ଅନ୍ୟାନ୍ୟ ଗୋ ମେଷାଦି ପ୍ରାଣୀର ଗୋବର ଖତ ତୁଳନାରେ ଅଧିକ ଶସ୍ୟ ଉତ୍ପାଦନକାରୀ।

ଅନେକ ଧନୀ ଲୋକ ସମାଜର ଗରିବଙ୍କୁ ଛେଳିପାଳନ ଭାଗକୁ ଲଗାଇ ଅଧେ ମୂଲ୍ୟ ପାଆନ୍ତି ଆଉ ଅଧେ ପାଳନକାରୀ ପାଆନ୍ତି। ଆଜିକାଲି ଗାଈକ୍ଷୀର ସହିତ ଛେଳିକ୍ଷୀର ମିଶି ପ୍ରକ୍ରିୟାକରଣ ଉପାୟରେ ଅଧିକ ବହଳିଆ ହେଉଥିବାରୁ ଏହାକୁ ପ୍ୟାକେଟ୍ କରାଯାଇ ବଜାରରେ ବିକ୍ରି କରାଯାଉଛି। ଫଳରେ ଏହାର ଚାହିଦା ଯଥେଷ୍ଟ ବୃଦ୍ଧି ପାଇଛି। ଆଗକାଳରେ ଯେଉଁ ମା' ମାନଙ୍କର କ୍ଷୀର ତା'ର ଶିଶୁପାଇଁ ଯଥେଷ୍ଟ ହେଉ ନ ଥିଲା ସେମାନେ ଛେଳି କ୍ଷୀରକୁ ଶିଶୁର ପାନୀୟ ଭାବେ ବ୍ୟବହାର କରୁଥିଲେ।

ଧନୀ ଲୋକଙ୍କ ଶୋଷଣରୁ ଗରିବଙ୍କୁ ମୁକ୍ତ କରାଇବା ପାଇଁ ୧୯୬୯ ମସିହାରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ବୃହତ୍ତମ ବେସରକାରୀ ବ୍ୟାଙ୍କଗୁଡ଼ିକୁ ଜାତୀୟକରଣ ଘୋଷଣା କରି ବ୍ୟାଙ୍କ ଦ୍ୱାରା କ୍ଷୁଦ୍ର ତଥା ନାମମାତ୍ର ଚାଷୀମାନଙ୍କୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମାଧ୍ୟମରେ ଚୟନ କରିବା ସହିତ ସମବାୟ ବ୍ୟାଙ୍କ ଚାଷୀମାନଙ୍କୁ ଅତିରିକ୍ତ ଆର୍ଥିକ ଆୟ ବୃଦ୍ଧି ସକାଶେ ରିହାତି ଋଣ ସୂତ୍ରରେ ଛେଳିପଲ ଯୋଗାଇଥିଲେ। ଚାଷୀମାନେ ବିଲ କାମ କରୁଥିଲା ବେଳେ ସେମାନଙ୍କର ପିଲାମାନେ ଛେଳି ଚରାଇ କିଛି ଅର୍ଥ ଉପାର୍ଜନ କରି ପରିବାରର ଖର୍ଚ୍ଚ ତୁଲାଇବାକୁ ଭାଗୀଦାରି ହେଉଥିଲେ। ୧୯୮୦ ମସିହାରେ ସମାଜର ଭୂମିହୀନ ଓ ଅତି ଦରିଦ୍ରତମ ଲୋକମାନଙ୍କର ଦାରିଦ୍ର ଦୂରୀକରଣ କରିବା ପାଇଁ ସରକାର ବ୍ୟାଙ୍କମାନଙ୍କ ଜରିଆରେ ରିହାତି ଋଣସୂତ୍ରରେ ଛେଳିପଲ ଯୋଗାଇବା ଆରମ୍ଭ କରିଥିଲେ।



ଛେଳି ଖୁରାରେ ଅଧିକ ମୃତ୍ତିକା କ୍ଷୟ ହୋଇ ଜମିଗୁଡ଼ିକ ମରୁଭୂମି ହୋଇଯିବ ବୋଲି ପୁରୁଣା କଥା ଅଛି। ଯୋଜନା କମିଶନର ପୂର୍ବତନ ସଭ୍ୟ ଅର୍ଥନୀତିଜ୍ଞ ଡା. ହନୁମନ୍ତ ରାଓ କମିଟି ଏହା ଉପରେ ତର୍ଜମା କରି ଉକ୍ତ ତଥ୍ୟର ପ୍ରାମାଣିକ ଭିତ୍ତି ନ ଥିବାର ରିପୋର୍ଟ ପ୍ରଦାନ କରିବାରୁ ଦାରିଦ୍ର୍ୟ ଦୂରୀକରଣରେ ଛେଳି ପାଳନକୁ ସରକାର ତଥା ବ୍ୟାଙ୍କମାନେ ଗୁରୁତ୍ୱ ଦେବା ଆରମ୍ଭ କରିଦେଇଥିଲେ।

ବିଶେଷକରି ଗୋମେଷାଦି ପ୍ରାଣୀ ତୁଳନାରେ ଛେଳି ଶୁଷ୍କ ଜଳବାୟୁରେ ସୁରୁଖୁରୁରେ ଜୀବନଧାରଣ କରିପାରୁ ଥିବାରୁ ରାଜସ୍ଥାନରେ ଦରିଦ୍ର ଲୋକମାନେ ଛେଳି ପାଳନକୁ ପ୍ରଧାନ ସମ୍ବଳ ଭାବରେ ଆଦରି ନେଇଛନ୍ତି। ରାଜ୍ୟ ସରକାର ଏହି ଯୋଜନାକୁ ଫଳପ୍ରଦ କରିବା ପାଇଁ ରିହାତି ଋଣ ସୂତ୍ରରେ ଗରିବ ଲୋକଙ୍କୁ ପଲ ପଲ ଛେଳି ଋଣ ଯୋଗାଇ ସେମାନଙ୍କୁ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠାଇବାରେ ବିଶେଷ ସାହାଯ୍ୟ କରୁଛନ୍ତି। ଛେଳି ରଖିବାରେ ଅନ୍ୟ ପ୍ରାଣୀ ତୁଳନାରେ ଛୋଟ ଗୁହାଳ ନିର୍ମାଣ ଓ କମ୍ ଚାରଣ କ୍ଷେତ୍ରର ଆବଶ୍ୟକ ହେତୁ ଗରିବ ଲୋକମାନେ ଛେଳି ପାଳନକୁ ଅଧିକ ପସନ୍ଦ କରୁଛନ୍ତି। ରାଜସ୍ଥାନର ମରୁଭୂମି ଛେଳିପାଳନ ପାଇଁ ଉପଯୁକ୍ତ ଓ ପ୍ରଶସ୍ତ କ୍ଷେତ୍ର ହୋଇଥିବାରୁ ଲୋକମାନଙ୍କର ଆଗ୍ରହ ଏଥିପ୍ରତି ବୃଦ୍ଧି ପାଉଛି। ମରୁଭୂମିରେ ଉଠିଥିବା କଣ୍ଟାଜାତ ଗଛର ପତ୍ରକୁ ଛେଳି ସହଜରେ ଖାଇପାରେ।

ଗରିବ ଲୋକମାନେ ଛେଳି ସମବାୟ ସମିତି ଗଠନ କରି ସମିତି ମାଧ୍ୟମରେ ବହୁସଂଖ୍ୟାରେ ଛେଳି ରଖିଲେ ମଧ୍ୟସ୍ଥଙ୍କ ଶୋଷଣରୁ ମୁକ୍ତ ହୋଇ ସମବାୟ ସମିତିମାନଙ୍କ ସହଯୋଗରେ ମାଂସ ଓ କ୍ଷୀର ବିକ୍ରିର ଦାୟିତ୍ୱ ନେବା ଦ୍ୱାରା ସଭ୍ୟମାନେ ବେଶି ମାତ୍ରାରେ ଉପକୃତ ହୋଇପାରୁଛନ୍ତି। ଛେଳି ପାଳନ ଦ୍ୱାରା ବ୍ୟାପକ ନିଯୁକ୍ତି ସୃଷ୍ଟି ହୋଇପାରିଛି। ବ୍ୟାଙ୍କମାନେ ସମବାୟ ସମିତିକୁ ପାଣ୍ଠି ଯୋଗାଇ ଠିକ୍ ସମୟରେ ଛେଳିଋଣ ନେଇଥିବା ଋଣୀମାନଙ୍କଠାରୁ ଠିକ୍ ସମୟରେ କିସ୍ତି ଆଦାୟ କରିପାରୁଛନ୍ତି। ଓଡ଼ିଶାରେ ବିସ୍ତୀର୍ଣ୍ଣ ପାହାଡ଼ିଆ ଅଞ୍ଚଳ ଥିବାରୁ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଲୋକମାନଙ୍କ ଦ୍ୱାରା ଛେଳି ପାଳନ ଲାଭଜନକ ହୋଇପାରିଛି। ଏ ପ୍ରକାର ସୁବିଧା ସାଧାରଣ ଲୋକମାନେ ନେବାପାଇଁ ସରକାରଙ୍କ ଦ୍ୱାରା ଅଧିକ ପ୍ରଚାର ଓ ପ୍ରସାର ହେବା ଆବଶ୍ୟକ।

ବିଶ୍ୱ ଦରବାରରେ ବିଭିନ୍ନ ଦେଶ ଗୃହପାଳିତ ଗୋମେଷାଦି ପଶୁ ସମ୍ପଦ ମଧ୍ୟରେ ଛେଳି ମାଂସ ଓ କ୍ଷୀର ଯୋଗାଇବାରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛନ୍ତି। ପୃଥିବୀର ଗୋମେଷାଦି ମୋଟ ସଂଖ୍ୟାରୁ ଛେଳି ସଂଖ୍ୟା ଶତକଡ଼ା ୪୪ ଭାଗ। ବର୍ତ୍ତମାନ ପୃଥିବୀର ଛେଳି ସଂଖ୍ୟା ୧୨୦ କୋଟି ମଧ୍ୟରୁ ଭାରତରେ ଏମାନଙ୍କ ସଂଖ୍ୟା ୧୪ କୋଟି ୮୮ ଲକ୍ଷ ୪୭ ହଜାର। ସମଗ୍ର ଏସିଆ ମହାଦେଶରେ ପୃଥିବୀର ମୋଟ ଛେଳି ସଂଖ୍ୟାର ୬୦ ଭାଗ ଭାରତରେ ଦେଖିବାକୁ ମିଳେ। ଯାହାକି ଏହି ସଂଖ୍ୟା ୨୬ ଅକ୍ଟୋବର ୨୦୨୩ ସୁଦ୍ଧା ପ୍ରକାଶ କରାଯାଇଛି। ସମଗ୍ର ପୃଥିବୀରେ ଖାଦ୍ୟଭାବେ ଛେଳି ମାଂସ ବାର୍ଷିକ ୭୫ ଲକ୍ଷ ଟନ୍ ଓ କ୍ଷୀର ୨୦୦ ଲକ୍ଷ ଟନ୍ ଆବଶ୍ୟକ ହେଉଥିଲା ବେଳେ ଏସିଆ ମହାଦେଶର ଛେଳିମାନଙ୍କ ଦ୍ୱାରା ୩୮ ଲକ୍ଷ ଟନ୍ ମାଂସ ଓ ୮୦ ଲକ୍ଷ ଟନ୍ କ୍ଷୀର ମିଳିପାରୁଛି। ଭାରତରେ ମୋଟ ଗୋମେଷାଦି ସଂଖ୍ୟାରୁ ଶତକଡ଼ା ୩୦ ଭାଗ ହେଉଛି ଛେଳିସଂଖ୍ୟା। ସମୁଦାୟ ବାର୍ଷିକ କୃଷି ଓ ଆନୁଷଙ୍ଗିକ ଗୋମେଷାଦି ପାଳନରୁ ଛେଳିମାନେ କେବଳ ଶତକଡ଼ା ୧୯ ଭାଗ ଆର୍ଥିକ ଆୟ ଦେଉଛନ୍ତି। କୃଷି ଉତ୍ପାଦନ ୨୦୨୨-୨୩ ବର୍ଷ ମଧ୍ୟରେ ଶତକଡ଼ା ୫୭ ଭାଗକୁ ବୃଦ୍ଧି ପାଇଥିବା ସ୍ଥଳେ ଗୃହପାଳିତ ପଶୁସମ୍ପଦ ଶତକଡ଼ା ୩୭ ଭାଗକୁ ବୃଦ୍ଧି ପାଇଛି ଏବଂ ଚଳିତ ବର୍ଷ ଗୋମେଷାଦି ପ୍ରାଣୀ ସମ୍ପଦରୁ ଅଧିକ ୬୦ ହଜାର କୋଟି ଟଙ୍କା ଆୟ ହୋଇପାରିବ ବୋଲି ଯୋଜନା ପ୍ରଣୟନ କରାଯାଇଛି। ଭାରତୀୟ ଅର୍ଥନୀତିରେ ଗତବର୍ଷ ଛେଳି ଦ୍ୱାରା ୧୦୦୦ କୋଟି ଟଙ୍କା ଆୟ କରାଯାଇପାରିଛି।

ଛେଳି ପାଳନରେ ଗ୍ରାମ୍ୟ ଅର୍ଥନୀତିର ବିକାଶ ତଥା ନିଯୁକ୍ତି ପରିସର ବୃଦ୍ଧିର ଗୁରୁତ୍ୱ ହେତୁ ଭାରତୀୟ କୃଷି ଗବେଷଣା ସଂସ୍ଥା, ଭାରତୀୟ ପଶୁ ଗବେଷଣା ସଂସ୍ଥା ଓ ଜାତୀୟ ଦୁଗ୍ଧ ଗବେଷଣା ସଂସ୍ଥା ମିଶି ଛେଳିର ବଂଶବୃଦ୍ଧି ବିଶେଷକରି ଯମୁନା ପାରି ଓ ବାରବାରି ଜାତୀୟ ଦୁଇ ପ୍ରମୁଖ ଛେଳିର ବଂଶ ସୁରକ୍ଷା, ଛେଳିମାନଙ୍କ ଉତ୍ତମ ସ୍ୱାସ୍ଥ୍ୟରକ୍ଷା ଓ କ୍ଷୀର ପ୍ରକ୍ରିୟାକରଣରେ ଗବେଷଣା ଅବ୍ୟାହତ ରଖିଛନ୍ତି। ଏହା ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ପାଇଁ ଏକ ଉପଯୁକ୍ତ ଯୋଜନା। ଓଡ଼ିଶା ସରକାର ଏଥିପ୍ରତି ଯଥେଷ୍ଟ ଗୁରୁତ୍ୱ ଦେଇ ଯୋଜନାକୁ ସୁଫଳ କରାଇପାରିଲେ ଅର୍ଥନୀତି ବିକାଶ ହୋଇପାରିବ। କାରଣ ଓଡ଼ିଶାର ସମବାୟ ବିଭାଗ ଏ ବିଷୟରେ ବିଶେଷ ଧ୍ୟାନ ଦେବେ ବୋଲି ଆଶା।

**ବରିଷ୍ଠ ସମବାୟବିତ୍**
**ମୋ: ୯୦୯୦୩୨୫୮୦୨**

# ଶେଷ ସାଥୀ



ଡ. ଦ୍ୱିତୀ ଚନ୍ଦ୍ର ସାହୁ

ଜୀବନରେ ଶେଷ ସାଥୀ କିଏ? ଏହାର ଉତ୍ତର ଭିନ୍ନ ଭିନ୍ନ ହୋଇପାରେ। ବ୍ୟକ୍ତିଗତ ରୁଚି ଅନୁସାରେ ତାହାର ଉତ୍ତର ନିଶ୍ଚିତ ଭିନ୍ନ ହେବ। ତେବେ ମୁଖ୍ୟତଃ ସ୍ୱାମୀ ସ୍ତ୍ରୀ ପ୍ରତି ଓ ସ୍ତ୍ରୀ ସ୍ୱାମୀ ପ୍ରତି ଅନୁରକ୍ତି ପ୍ରକଟ କରିବା ସ୍ୱାଭାବିକ। କେତେକ କ୍ଷେତ୍ରରେ ଏକାକୀ ରହୁଥିବା ପତି କିମ୍ବା ପତ୍ନୀଟିଏ ନିଜ ସନ୍ତାନକୁ ଜୀବନର ଶେଷ ଆଶ୍ରା ବୋଲି କହନ୍ତି। ଜୀବନର ଶେଷ ସମୟରେ ପୁଅ କାଳେ ବୃଦ୍ଧ ମାତାପିତାଙ୍କ ଆଶ୍ରା ହେବ ବୋଲି ଅନେକ ପିତାମାତା ଆଶାପ୍ରକଟ କରନ୍ତି। କିନ୍ତୁ ଆଜିକାଲିର ପରିସ୍ଥିତିରେ ପୁଅ ହୁଏତ ଏହାକୁ ଭୁଲ୍ ପ୍ରମାଣିତ କରୁଛି। ଅସହାୟ ଅବସ୍ଥାରେ ମାତାପିତାଙ୍କୁ ଛାଡ଼ି ନିଜର ସୁଖକର ଜୀବନ ଜିଇଁବାକୁ ପସନ୍ଦ କରୁଛନ୍ତି। ଏଭଳି ସ୍ଥିତିରେ ସମଗ୍ର ଭାରତୀୟ ପରିବାର ଆଜି ଆକ୍ରମାକ୍ତ। ସବୁଠି ସେଇ ଏକାପ୍ରକାର ଦୁଃଖର କୋହରାମ। ସବୁ ମାଆବାପାଙ୍କ ପାଖିରେ ଏକା ପ୍ରାୟ ଜୀବନ ସଙ୍ଗୀତ। ସେ ସଙ୍ଗୀତରେ କେବଳ କୋହ, ଦୁଃଖ ଏବଂ ଯାତନା ଭରପୂର। ତାକୁ ଯିଏ ଶୁଣିବ ସେ ବି ଲହରେଇ ଲହରେଇ କାନ୍ଦିବ। ଅଥଚ ସେ କାନ୍ଦର ସ୍ୱର କାହାକୁ ଶୁଭିବ ନାହିଁ। ବୟସ୍କବୟସ୍କାମାନେ ପରସ୍ପରକୁ ଭେଟିଲେ ଗୋଟିଏ ଚର୍ଚ୍ଚା ପୁଅଝିଅ କେମିତି ଅଛନ୍ତି, କୋଉଠି ଅଛନ୍ତି ଏବଂ ପଚରାପଚରି କରୁଛନ୍ତି ନା ନାହିଁ। ଉତ୍ତର ବି ସେଇ ଏକା ପ୍ରକାରର ଆସେ - 'ହଁ ! ଇଚ୍ଛା ହେଲେ ଫୋନ୍‌ଫାନ୍ କରନ୍ତି। ବର୍ଷେ ଦି ବର୍ଷରେ ଥରେ ମୁହଁ ଦେଖାଇବାକୁ ଆସନ୍ତି। କେବେକେବେ ଭିଡିଓ କଲ୍‌ରେ ମୁହଁ ଦେଖାଇ କୁଶଳ ଜିଜ୍ଞାସା କରନ୍ତି। ଆଉ କେହି କୁହନ୍ତି - ''କ'ଣ କହିବି ଆଜ୍ଞା ! ବହୁ କଷ୍ଟରେ ପୁଅକୁ ବଡ଼ କଲି। ଚାକିରିବାକିରି କଲା। ବଡ଼ଘର ଝିଅକୁ ବାହାହେଲା। ଏବେ ବାପାମାଆ ତା' ପାଇଁ ପରଦେଶୀ।'' ଏଭଳି ଆଉ କିଛି ଅସୁଖୀ ଉତ୍ତର ଶୁଣୁଥିବେ। ବାସ୍ତବିକ ସମାଜର ସ୍ଥିତି ବି ସେଇଆ। ଯନ୍ତ୍ରଣା ଭିତରେ ଚଳୁଛନ୍ତି ଆଜିର ବୟସ୍କ ମାଆବାପା। ଅବଶ୍ୟ ଅନେକଙ୍କ ନିକଟରେ ଚଳିବାକୁ କିଛି ଅଭାବ ନାହିଁ। ଚାକିରିରୁ ଅବସର ନେଇ ପେନ୍‌ସନ ପାଇ ବୁଢ଼ାବୁଢ଼ୀ ଘରେ ଚଳୁଛନ୍ତି। କିନ୍ତୁ ଜଣଙ୍କର ମୃତ୍ୟୁ ପରେ ଜୀବନ ଦୁର୍ବିଷହ ହୋଇପଡୁଛି। ଏକାକୀ ବଡ଼ ଘରେ ବଞ୍ଚିବା ସତରେ ଭାରି କଷ୍ଟ। ମନର କଥା କହିବାକୁ ଓ ଦୁଃଖ ଶୁଣିବାକୁ ପାଖରେ ଲୋକ ନାହାନ୍ତି। ନିଃସଙ୍ଗ ଜୀବନ ମଣିଷକୁ ଅସ୍ତବ୍ୟସ୍ତ କରୁଛି। ଏସବୁ ବଖାଣିବା ଭାରି କଷ୍ଟ ଓ ପୀଡ଼ାଦାୟକ।

କିନ୍ତୁ ଟିକେ ତଳେଇ ଦେଖିବା। ଆମ ସମାଜ ବାସ୍ତବରେ ସ୍ୱାର୍ଥପର ହୋଇଯାଇନି କି? ପୁଅ ନିଜ ସୁଖ ଚାହୁଁଛି। ମାଆବାପା ନିଜ ସୁଖ ପାଇଁ ପୁଅକୁ ଲୋଡୁଛନ୍ତି। ଏଭଳି ଅବସ୍ଥା ଭିତରେ ପରିବାର ବାଦେ ସମାଜରେ ଅନେକ ଅଛନ୍ତି ଯାହାକୁ ଆମେ କ୍ରମାଗତ ଭାବେ ଅଣଦେଖା କରିଆସୁଛୁ। କେବେ ପଚାରୁ ନ ଥିବା ଉଚ୍ଚ ଚାକିରି କରି ଥଇଥାନ ହୋଇଥିବା ପୁଅର ମାଆବାପାମାନେ ଅସଲରେ କରୁଛନ୍ତି କ'ଣ। ଏଇ ଦୁଃଖକୁ କ'ଣ ହରଣ କରିହେବନି। ନିଜ ହୃଦୟକୁ ଥରେ ଫେଡ଼ି ଦିଅ ଦେଖିବେ ଦୁଃଖ ବୋଲି ଯାହା ଛାତି ଭିତରେ ଜମାଟ ବାନ୍ଧିଛି ତାହା ନିମିଷକରେ ତରଳିଯିବ। ଯେଉଁ ଚିନ୍ତାରେ ଘାରି ହୋଇ ଅସମୟରେ ବହୁ ରୋଗକୁ ନିମନ୍ତ୍ରଣ କରୁଛନ୍ତି ତାହା ଉଭେଇଯିବ। କିନ୍ତୁ ଆମେ ସେପରି କରିପାରୁନୁ। ମୋଟା ଅଙ୍କର ପେନ୍‌ସନ ପାଉଥିବା ମଣିଷଟି ଯେତେବେଳେ ବଜାର ଯାଉଛି ତା'ର ଚରିତ୍ର ଧରାପଡୁଛି। ଦୂରଦୂରାନ୍ତରୁ ନିଜ ଉତ୍ପାଦିତ ଫସଲ ଧରି ଆସି ଫୁଟ୍‌ପାଥରେ ବସିଥିବା ଗରିବଗୁରୁବାଙ୍କ ସହ ଟଙ୍କେ ଦି ଟଙ୍କା ପାଇଁ ଯୁକ୍ତି କରୁଥିବେ। ଜବରଦସ୍ତି ଗୋଟେ ଲେମ୍ବୁ କି ଗୋଟେ ଫଳ ବିକ୍ରେତାଙ୍କ ପ୍ରତିରୋଧ ସତ୍ତ୍ୱେ ବ୍ୟାଗ୍‌ରେ ଭରୁଥିବେ। ଏଣେ ଘରେ ଖାଇବାକୁ ଲୋକ ନ ଥିବେ ବାହାରେ ବେପାରୀଙ୍କ ସହ ମୂଲଚାଲ କରୁଥିବେ। ପେନ୍‌ସନ ଗଣ୍ଡାକ ଦି ପ୍ରାଣୀ କୁଟୁମ୍ବକୁ ଢେର ହୋଇ ଯାହିତାହି ବଳୁଥିବ ଅଥଚ ଲୋଭ କମୁ ନ ଥିବ। ତାକୁ କେମିତି ସାଇତି ରଖିହେବ ସେଥିପାଇଁ ଯୋଜନା ଚାଲେଇଥିବେ। କାହାକୁ ହାତ ଟେକି ଦେବା, ବେଳ ଅବେଳରେ ହୃଦୟ ଖୋଲାକରି ସାହାଯ୍ୟ ଦେବାକୁ ତଥାପି ହେଉଥିବେ କେଡ଼େ କୁଣ୍ଠକୁଣ୍ଠ। ନିତି ସକାଳ ହେଲେ ଯେଉଁମାନଙ୍କୁ ନେଇ ଆପଣଙ୍କର ଦିନ ଆରମ୍ଭ ହୁଏ, ପୁଣି ଯାହାଙ୍କର ସହଚାର୍ଯ୍ୟରେ ଦିନଟି ଭଲରେ ଭଲରେ କଟି ଶାନ୍ତି ନିଦଟିଏ ହୁଏ, ସେଇ ମଣିଷମାନଙ୍କ ପ୍ରତି ଆମର ପ୍ରତିବେଦନ କ'ଣ। ସେମାନଙ୍କ ପ୍ରତି ଆମ ଆଭିମୁଖ୍ୟ କେମିତି ରହୁଛି ଥରେ ଚିନ୍ତା କରନ୍ତୁ। କେବେ ପଚାରୁ ନ ଥିବା ଦୂରରେ ଥିବା ନିଜର ମଣିଷ ଅଚିରେ ପର କରିଦେଉଛି। ତା' ପାଇଁ ଧନସମ୍ପତ୍ତି ସାଇତି ଝୁରି ଝୁରି ମଣିଷ ଆଖି ବୁଜୁଛି। ମରିବାର ତିନି ଚାରିଦିନ ପରେ କିଏ ଆସୁଛି ତ ପୁଣି କିଏ ଅନ୍‌ଲାଇନରେ ଭିଡିଓ କଲିଂ ଜରିଆରେ ମୁଖାଗ୍ନି ଦେଉଛି। ଆଉ ସେଇ ମଣିଷଙ୍କ ପାଇଁ ଭାରି ଚିନ୍ତା ଆମର। ଅଥଚ ପର ବୋଲି ଭାବୁଥିବା ଆମ ଚାରିପାଖର ମଣିଷ ସମୟ ଅସମୟରେ ଆସି ପାଖରେ ଛିଡ଼ାହୋଇ ଆମ ସୁଖଦୁଃଖର ସାଥୀ ହୋଇପାରୁଛି। ତଥାପି ସେଇମାନଙ୍କ ପ୍ରତି ଆମର ଦୃଷ୍ଟିଭଙ୍ଗୀ ବଦଳିପାରୁନାହିଁ। ପର-ନିଜର ଭିତରେ ସମ୍ପର୍କକୁ ଖୋଜିଖୋଜି ମଲାଯାଏ ଗୋଟେ ଦ୍ୱିଧା କବଳିତ ଜୀବନକୁ ଧରି ବସୁଛୁ ପଛେ ମୋହରୁ ମୁକ୍ତି ପାଇପାରୁନାହୁଁ।

ଆଗକୁ ସମାଜର ବିକଳ ଚିତ୍ର ଆହୁରି କଦର୍ଯ୍ୟ ହେବ। ଗଲାବେଳେ ପାଖରେ ନିଜ ଲୋକ କେହି ନ ଥିବେ। ପର ବୋଲି ଭାବୁଥିବା ମଣିଷମାନେ ନିଜର ଭଳି ସବୁ ତୁଲାଇବେ। ଦୂରରେ ଥିବା ପୁତ୍ର ମୋହରୁ ମୁକ୍ତିର ବାଟ ଅବଶ୍ୟ ରହିଛି। ଆପଣ ସଞ୍ଚିଥିବା ସମ୍ପତ୍ତି କିଏ ଭୋଗ କରିବ ସତରେ ମରିବା ପରେ ଆପଣ ଜାଣିପାରିବେ କି? ଯଦି ନାହିଁ ତେବେ ମନକୁ ଥରେ ବଦଳାନ୍ତୁ। ହୃଦୟକୁ ଖୋଲି ଦିଅନ୍ତୁ। ଆମ ଚାରିପାଖର ମଣିଷମାନଙ୍କୁ ନିଜର ଭାବିବା ଆରମ୍ଭ କରନ୍ତୁ। ଭଲରେ ମନ୍ଦରେ ନିଜ ସାଧ୍ୟମତେ ସହଯୋଗ କରନ୍ତୁ। ଦେଖିବେ ଆପଣଙ୍କ ଶେଷ ଜୀବନ କେମିତି ବଦଳିଯିବ। କଳାଧଳାର ଦୁନିଆ ରଙ୍ଗିନ ରଙ୍ଗିନ ଲାଗିବ। ବଞ୍ଚିବାର ମୋହ ବଢ଼ିଯିବ। ଜୀବନ ପ୍ରତି ଲୋଭ ବଢ଼ିବ। ମଲା ପରେ କୋକେଇ ପାଇଁ ତଥାକଥିତ ପୁଅର କାନ୍ଧ ଅପେକ୍ଷା ଅନେକ ପୁଅଙ୍କ କାନ୍ଧ ଆଗେଇ ଆସିବ। ଆପଣଙ୍କ ଶେଷଯାତ୍ରା ଅନ୍ୟମାନଙ୍କ ପାଇଁ ସ୍ମରଣୀୟ ହୋଇ ରହିବ। ଆଉ ସବୁଠାରୁ ବଡ଼ କଥା ଆପଣଙ୍କ ତିରୋଧାନ ପରେ ଆପଣଙ୍କ ଜୀବନ ସାଥୀର ଜୀବନ କାରୁଣ୍ୟମୟ ନ ହୋଇ ମଧୁମୟ ହେବ। ଆପଣ ଯଦି ବୟସ୍କ ମଣିଷ ଓ ସମ୍ପର୍କ ଖୋଜି ଖୋଜି ଦୁର୍ବିଷହ ଜୀବନ ଜିଉଁଛନ୍ତି ତେବେ ଜୀବନର ଶେଷ ସାଥୀଙ୍କୁ ଖୋଜିବାକୁ ଆଉ ବିଳମ୍ବ କାହିଁକି। ଆପଣଙ୍କ ଚାରିପାଖରେ ବହୁତ ଭଲ ମଣିଷ ଅଛନ୍ତି। ତାଙ୍କୁ ଆପଣାର କରିବାର ବେଳ ଆସିଯାଇଛି। ଏଣିକି ଆପଣଙ୍କର ନିଷ୍ପତ୍ତି!



**ଇନ୍ଦିରା ନଗର, ରାୟଗଡ଼ା**
**ମୋ:୯୪୩୭୯୦୯୬୭୧**

## ଏଇ ଭାରତରେ

ପ୍ରତିବର୍ଷ ଗୁଡ଼ି ମାଞ୍ଜା ସୂତାରେ ଅନେକ ହଜାର ପକ୍ଷୀ ଆହତ ହୋଇଥାନ୍ତି। ବିଶେଷକରି ସ୍ୱାଧୀନତା ଦିବସରେ ଦିଲ୍ଲୀରେ ସବୁଠୁ ବେଶି ଗୁଡ଼ି ଉଡ଼ାଇବା ଦେଖାଯାଏ ଏବଂ ଏଥିରେ ମଧ୍ୟ ସର୍ବାଧିକ ପକ୍ଷୀ ଆହତ ହୋଇଥାନ୍ତି। ଏଭଳି ଆହତ ପକ୍ଷୀଙ୍କୁ ଉଦ୍ଧାର କରି ଦିଲ୍ଲୀର ୨ ଭାଇ ନଦିମ୍ ଶେଜାଦ ଓ ମହମ୍ମଦ ସାଉଦ ସେମାନଙ୍କର ଯତ୍ନ ନେଉଛନ୍ତି। ଦୁଇ ଦଶନ୍ଧିରୁ ଅଧିକ ହେଲା ଏମାନେ ୨୩,୦୦୦ରୁ ଊର୍ଦ୍ଧ୍ୱ ପକ୍ଷୀଙ୍କୁ ଉଦ୍ଧାର କରିସାରିଲେଣି। ଭେଟେରିନାରି ଡାକ୍ତରଙ୍କ ଦ୍ୱାରା ଆହତ ପକ୍ଷୀଙ୍କ ଚିକିତ୍ସା କରାଯାଉଛି। ପକ୍ଷୀମାନେ ଭଲ ହେବା ପରେ ସେମାନଙ୍କୁ ମୁକ୍ତ କରିଦିଆଯାଉଛି। ୨୦୦୩ରୁ ୨୦୧୦ ମଧ୍ୟରେ ସେମାନେ ନିଜସ୍ୱ ଉଦ୍ୟମରେ ଦିଲ୍ଲୀରୁ ବିଭିନ୍ନ ପ୍ରଜାତିର ୪୦୦ ପକ୍ଷୀ ଉଦ୍ଧାର କରିଥିଲେ। ପରେ 'ୱାଇଲ୍ଡ଼ଲାଇଫ୍' ଗଠନ କରି ବିଭିନ୍ନ ସ୍ୱେଚ୍ଛାସେବୀଙ୍କୁ ଏଥିରେ ସାମିଲ କରିଥିଲେ। ସେବେଠାରୁ ଏଯାବତ୍ ୧୦୦ ପ୍ରଜାତିର ମୋଟ ୨୩,୦୦୦ରୁ ଊର୍ଦ୍ଧ୍ୱ ପକ୍ଷୀ ଉଦ୍ଧାର କରିସାରିଛନ୍ତି। ଯେକୌଣସି ବ୍ୟକ୍ତି କିମ୍ବା ଦିଲ୍ଲୀ ପୋଲିସ ଓ ଫାୟାର ସର୍ଭିସ୍ ପକ୍ଷରୁ କଲ୍ ପାଇଲାମାତ୍ରେ ଏନ୍‌ଜିଓର ସଦସ୍ୟ ସେଠାରେ ପହଞ୍ଚି ପକ୍ଷୀଙ୍କୁ ଉଦ୍ଧାର କରୁଛନ୍ତି। ଯେଉଁ ପକ୍ଷୀ ଚିକିତ୍ସିତ ପରେ ଉଡ଼ିବାକୁ ଅକ୍ଷମ, ସେମାନଙ୍କ ଲାଗି ରହିବାର ବ୍ୟବସ୍ଥା ମଧ୍ୟ କରାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୩ ଅଗଷ୍ଟ ୧୯୭୬**

- ପ୍ରବଳ ବର୍ଷା ଲାଗିରହିବା ଫଳରେ ଅମୃତସର ସହରରେ ବହୁ କୋଠାବାଡ଼ି ଭାଙ୍ଗିଯିବା ସହ ୧୪ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।
- ଜମ୍ମୁ ଓ କଶ୍ମୀରର ବନ୍ୟା ପ୍ରଭାବିତ ଲୋକଙ୍କୁ ତୁରନ୍ତ ସାହାଯ୍ୟ ପାଇଁ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨ ଲକ୍ଷ ଟଙ୍କା ମଞ୍ଜୁର।
- ପରୀକ୍ଷା ପଦ୍ଧତିର ସଂସ୍କାର ପାଇଁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନର ପକ୍ଷରୁ କେତେକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି।

## ଚିରନ୍ତନୀ

ନିଶୀଥ ନିଜନେ ନୂପୁର ନିକ୍ୱଣ
ରହିଛି ଝିଲ୍ଲୀ ନାଦେ
ଆଦ୍ୟ ଆଷାଢ଼ ଜଳଦ ସହିତ
ଚିକୁର ତାହାର ହୁଏ ଲୀଳାୟିତ
ଗନ୍ଧ ତାହାର କରଇ ମୋହିତ ମଳୟର ପରମାଦେ
ନିଶୀଥ ନିଜନେ ନୂପୁର ନିକ୍ୱଣ ରହିଛି ଝିଲ୍ଲୀନାଦେ ।
-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 1 | | | | | | | |
| | 4 | 3 | 8 | | | | 9 | |
| 7 | 8 | | | 6 | | | | 4 |
| | | 8 | | | | 3 | 5 | |
| | | | | | | | | 7 |
| | | | | | 4 | | | |
| | 7 | | 9 | 1 | | 5 | | |
| 5 | 6 | | 3 | | | 4 | | |
| 9 | | | | 5 | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 9 | 6 | 2 | 3 | 8 | 4 | 5 |
| 4 | 5 | 2 | 8 | 7 | 9 | 3 | 1 | 6 |
| 8 | 6 | 3 | 1 | 4 | 5 | 9 | 2 | 7 |
| 6 | 9 | 1 | 7 | 8 | 2 | 5 | 3 | 4 |
| 2 | 8 | 7 | 5 | 3 | 4 | 1 | 6 | 9 |
| 5 | 3 | 4 | 9 | 6 | 1 | 7 | 8 | 2 |
| 9 | 1 | 8 | 2 | 5 | 6 | 4 | 7 | 3 |
| 7 | 4 | 6 | 3 | 9 | 8 | 2 | 5 | 1 |
| 3 | 2 | 5 | 4 | 1 | 7 | 6 | 9 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରହସନ ନ ପାଲଟୁ

ମହାଶୟ,

ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ପୋଡ଼ି ହୋଇ ମୃତ୍ୟୁବରଣ ପରେ ସରକାର ନିର୍ଦ୍ଦେଶ ଦେଲେ କେହି ପେଟ୍ରୋଲ୍ ପମ୍ପରୁ ବୋତଲରେ ପେଟ୍ରୋଲ ବିକ୍ରି କରିପାରିବେ ନାହିଁ। ଏହା ଏକ ଭଲ ପଦକ୍ଷେପ। କିନ୍ତୁ ଗତ ବର୍ଷର ଏକ ଉଦାହରଣ ଦେଉଛି। ଆରଟିଓଙ୍କ ନିର୍ଦ୍ଦେଶନାମା ପରେ ସବୁ ପେଟ୍ରୋଲ ପମ୍ପ ବ୍ୟାନର ଲେଖି ଟାଙ୍ଗିଲେ 'ନୋ ହେଲ୍‌ମେଟ୍, ନୋ ପେଟ୍ରୋଲ'। ଅର୍ଥାତ ହେଲ୍‌ମେଟ୍ ପିନ୍ଧି ନ ଆସିଲେ ପେଟ୍ରୋଲ ମିଳିବ ନାହିଁ। କିଛି ମାସ ଚାଲିବା ପରେ ଯଥା ପୂର୍ବଂ ତଥା ପର। ବିନା ହେଲ୍‌ମେଟ୍‌ରେ ଏବେ ବାଇକ୍‌ବାଲା ବିନ୍ଦାସରେ ପେଟ୍ରୋଲ ପକାଇ ଚାଲିଯାଉଛନ୍ତି। ତେଣୁ ଏ କ୍ଷେତ୍ରରେ ଯେପରି ତାହା ନ ହୁଏ।

**-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜୀବନ ମୂଲ୍ୟବାନ୍, ଧୈର୍ଯ୍ୟ ଜରୁରୀ

କିଶୋରୀଙ୍କ ମଧ୍ୟରେ ବଢ଼ିଚାଲିଛି ଆତ୍ମହତ୍ୟା ପ୍ରବଣତା। ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବାରେ ବିଫଳତା କିମ୍ବା ମନର ଭାବନାକୁ କାହା ପାଖରେ ପରିପ୍ରକାଶ ନ କରି ପାରିବା ଯୋଗୁ ସେମାନେ ନିଜକୁ ଅସହାୟ ମନେକରୁଛନ୍ତି। ଫଳରେ ଆତ୍ମହତ୍ୟା ବା ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେଉଛନ୍ତି। ଗତ କିଛି ସପ୍ତାହ ମଧ୍ୟରେ ରାଜ୍ୟରେ ଘଟିଥିବା କେତେକ ଆତ୍ମାହୁତି ଘଟଣା ସମସ୍ତଙ୍କୁ ବିଚଳିତ କଲାଣି। ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଇଦେବା, ପୁରୀ ଜିଲା ବଳଙ୍ଗାରେ ନାବାଳିକା ଛାତ୍ରୀ ସମିଦା ଖାତୁନ୍ ନିଆଁରେ ପୋଡ଼ିହୋଇ ପ୍ରାଣ ହରାଇବା, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କାଠିଆପଡ଼ା ଗ୍ରାମରେ ଯୁକ୍ତ ୩ ଛାତ୍ରୀ ସଙ୍ଗୀତା ପରିଡ଼ା ଘରେ ଜାଳିହୋଇ ଜୀବନ ହାରିବା ଏବଂ ବରଗଡ଼ ଜିଲା ଗାଇସିଲେଟରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ରଶ୍ମି ସେଠ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିବା ଘଟଣା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇଦେଇଛି। ତେଣୁ ଏଭଳି ଅପ୍ରତ୍ୟାଶିତ ଘଟଣାକୁ କିଭଳି ରୋକାଯାଇ ପାରିବ ସେନେଇ ସବୁସ୍ତରରେ ଉଦ୍ୟମ କରାଯିବା ଉଚିତ। ଜୀବନ ମୂଲ୍ୟବାନ, ଏଥିପାଇଁ ଧୈର୍ଯ୍ୟ ଧରିବା ଜରୁରୀ। ତେଣୁ ନିଆଁକୁ ନ ଆଦରି ଜୀବନକୁ ଆଗକୁ ନେବା ପାଇଁ ଚିନ୍ତା କରିବାର ସମୟ ଆସିଛି। ଏଥିପାଇଁ ପିଲାମାନଙ୍କୁ ଉଭୟ ଘରେ ଏବଂ ଶିକ୍ଷାନୁଷ୍ଠାନରେ ମାନସିକ ସହାୟତା ତଥା କାଉନ୍‌ସେଲିଂକୁ ପ୍ରଭାବଶାଳୀ କରିବା ଜରୁରୀ ହୋଇପଡ଼ିଛି।

## ଆୟୋଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯିବ



ପିଲାଙ୍କ ଭିତରେ ଧୈର୍ଯ୍ୟ ଓ ସହିବାର ଶକ୍ତି ଦିନକୁ ଦିନ କମିକମି ଯାଉଛି। ପିଲାମାନେ ଯଦି କୌଣସି ଭୁଲ୍ କରୁଛନ୍ତି, ସେମାନେ ଘରେ କି ସାଙ୍ଗ ସାଥୀଙ୍କ ପାଖରେ ପ୍ରକାଶ କରୁ ନାହାନ୍ତି। ସମସ୍ୟାର ସମାଧାନ ବାହାର କରିବା ପରିବର୍ତ୍ତେ ସେମାନେ ଆତ୍ମହତ୍ୟା କରିବାକୁ ବାହାରି ପଡୁଛନ୍ତି। ଏନେଇ ସ୍କୁଲ ଓ କଲେଜଗୁଡ଼ିକରେ ଶିଶୁଙ୍କ ମାନସିକ ବିକାଶ ପାଇଁ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯିବ। ସୋସିଆଲ ମିଡିଆ ହେଉ କି ଟେଲିଭିଜନରେ ଶିଶୁମାନଙ୍କ ଅଘଟଣ ଜନିତ ଘଟଣାକୁ ବାରମ୍ବାର ନ ଦେଖାଇ ସଚେତନମୂଳକ କାର୍ଯ୍ୟକ୍ରମ ଦେଖାନ୍ତୁ। ଶିଶୁଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ବିଭିନ୍ନ ଆଇନ କରିଛନ୍ତି। ଆୟୋଗ ପକ୍ଷରୁ ମଧ ଶିଶୁଙ୍କ ସୁରକ୍ଷା ପାଇଁ ଏକ ରୋଡ୍ ମ୍ୟାପ ପ୍ରସ୍ତୁତ କରି ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯିବ।

- ବବିତା ପାତ୍ର, ଅଧକ୍ଷା, ଓଏସ୍‌ସିପିସିଆର୍

## ପିଲାଙ୍କୁ ମା'ବାପା ଅଧିକ ସମୟ ଦିଅନ୍ତୁ



ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ପରିବାର ଲୋକଙ୍କ ସମେତ ସମାଜର ଦାୟିତ୍ୱ ରହିଛି। ବର୍ତ୍ତମାନ ସମୟରେ ଏକକ ପରିବାର ଯୋଗୁ ପିଲାମାନେ ଏକୁଟିଆ ହୋଇଯାଉଛନ୍ତି। ମା'ବାପା ଦିନ ସାରା କାମ କରିବାକୁ ଯିବାରୁ ତାଙ୍କ ପାଖରେ ଛୁଆ ପାଇଁ ସମୟ ରହୁନି। ଯଦ୍ୱାରା କୌଣସି ଲୋକ କିମ୍ବା ପରିବାର ଲୋକ କିଛି ସେ ଏହାକୁ ସହ୍ୟ କରିପାରୁ ନାହିଁ। ଆତ୍ମହତ୍ୟା ଭଳି ଚିନ୍ତା କରିବାର ମୁଖ୍ୟ ମାଧମ ମୋବାଇଲ ଫୋନ୍ ଓ ପାରିବାରିକ ସମସ୍ୟା। ଏନେଇ ରାଜ୍ୟ ସରକାର ବ୍ଲକ ଓ ପଞ୍ଚାୟତସ୍ତରରେ ସଚେତନତା ସୃଷ୍ଟି କରାନ୍ତୁ। ମହିଳା ଓ ଶିଶୁଙ୍କୁ କିପରି ସୁରକ୍ଷା ମିଳିବ ସେଥିପ୍ରତି ଅଧିକ ଧ୍ୟାନ ଦେବା ଜରୁରୀ।

- ମିନତି ବେହେରା, ପୂର୍ବତନ ଅଧକ୍ଷ, ରାଜ୍ୟ ମହିଳା ଆୟୋଗ

## ପିଲାଙ୍କ ସହ ପରିବାର ଲୋକେ ସାଙ୍ଗ ଭଳି ମିଶନ୍ତୁ



କଲେଜ ହେଉ କି ସ୍କୁଲ ପଢ଼ିବା ସମୟରେ ପିଲାମାନେ ବିଭିନ୍ନ ପ୍ରକାର ଭୁଲ୍ ପଦକ୍ଷେପ ନେଉଛନ୍ତି। ପିଲାମାନେ କୌଣସି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଲେ, ତାକୁ ଘରେ ବିଶେଷ ଧ୍ୟାନ ଦେଉନାହାନ୍ତି। ଫଳରେ ଏହା ତାଙ୍କ ମନକୁ ବିଚଳିତ କରି ପକାଉଛି। ସେଥିପାଇଁ ସେମାନେ ବାଧ ହୋଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଉଛନ୍ତି। ପରିବାର ଲୋକମାନେ ପିଲାଙ୍କ ସହିତ ସାଙ୍ଗ ଭଳିଆ ମିଶି ତାଙ୍କ ଭିତରେ ଥିବା ଭୟ ଓ ସମସ୍ୟାକୁ ଶୁଣିବାକୁ ଚେଷ୍ଟା କରନ୍ତୁ।

- ସୋନାଲିସା ସାହୁ, ଛାତ୍ରୀ, ଭୁବନେଶ୍ୱର

## ପିଲାଙ୍କ ଭିତରେ ଧୈର୍ଯ୍ୟଶକ୍ତିର ଅଭାବ



ରାଜ୍ୟରେ କିଛି ଦିନ ହେବ କେବଳ ଆତ୍ମାହୁତି ଓ ଆତ୍ମହତ୍ୟା ଭଳି ଘଟଣା ଶୁଣିବାକୁ ମିଳୁଛି। ପିଲାମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ତା'ର ସମାଧାନ ବାହାର କରିବା ପରିବର୍ତ୍ତେ ଏଭଳି ଚରମ ନିଷ୍ପତ୍ତି ନେଇଯାଉଛନ୍ତି। ପରିବାର ଲୋକ ହୁଅନ୍ତୁ କି ବାହାର ଲୋକ ଯଦି କିଛି କହୁଛନ୍ତି, ଏମାନେ ତାକୁ ନେଗେଟିଭ ଭାବେ ଗ୍ରହଣ କରି ନେଉଛନ୍ତି। ପିଲାଙ୍କ ଭିତରେ ଧୈର୍ଯ୍ୟ ଶକ୍ତି ନ ଥିବାରୁ ସେମାନେ ଏଭଳି ଭୁଲ୍ ପଦକ୍ଷେପ ନେଉଛନ୍ତି। ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି।

- ପ୍ରିୟା ଜେନା, ଛାତ୍ରୀ , ଭୁବନେଶ୍ୱର

## ଆତ୍ମହତ୍ୟା ଭୁଲ୍ ପଦକ୍ଷେପ



ଆତ୍ମହତ୍ୟା ସବୁ ସମସ୍ୟାର ସମାଧାନ ନୁହେଁ। ବରଂ ଆହୁରି ଅଧିକ ସମସ୍ୟା ସୃଷ୍ଟି କରେ। ଏଭଳି ଚରମ ନିଷ୍ପତ୍ତି ସମାଜ ଉପରେ କୁପ୍ରଭାବ ପକାଉଛି। ଜଣେ ଛାତ୍ରୀ ଯେତେବେଳେ ସବୁଆଡୁ ଭରସା ଶୂନ୍ୟ ଓ ଚାପଗ୍ରସ୍ତ ହୋଇଯାଆନ୍ତି, ସେତେବେଳେ ସେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନିଅନ୍ତି। ଏଥିପାଇଁ ସମସ୍ତେ ଦାୟୀ। ପରିବାର ଲୋକ ଓ ସାଙ୍ଗମାନେ ଯଦି ତାଙ୍କ ମାନସିକ ସ୍ଥିତି ଜାଣି ବୁଝାଶୁଝା କରନ୍ତେ କିମ୍ବା ତାଙ୍କୁ ଚାପମୁକ୍ତ କରିପାରନ୍ତେ, ତା'ହେଲେ ଆତ୍ମହତ୍ୟା ରୋକାଯାଇପାରନ୍ତା। ମା' ବାପା ସାଙ୍ଗ ଭଳି ପିଲାମାନଙ୍କ ସମସ୍ୟା ବୁଝିବା ଆବଶ୍ୟକ। ତେବେ ଜୀବନରେ ଯେକୌଣସି ସମସ୍ୟା ଆସିଲେ ତାହାକୁ ସାମ୍ନା କରିବା ଦରକାର। ସମାଧାନ ପାଇଁ ରାସ୍ତା ବାହାର କରିବା କିମ୍ବା ନିଜ ଲୋକଙ୍କୁ ଜଣାଇଲେ ସମାଧାନର ରାସ୍ତା ବାହାରିବ। ଏହା ନ କରି ଆତ୍ମହତ୍ୟା କରିବା ଭୁଲ୍ ପଦକ୍ଷେପ।

- ସନ୍ତୋଷୀ ସାହୁ, ଯୁକ୍ତ ୩ ତୃତୀୟ ବର୍ଷ ଓଡ଼ିଆ ସମ୍ମାନ ଛାତ୍ରୀ, ଭଦ୍ରକ ମହିଳା ମହାବିଦ୍ୟାଳୟ

## ସହନଶୀଳ ଶକ୍ତି ଅଭାବରୁ ଆତ୍ମହତ୍ୟା ବଢୁଛି



ମାରିବା ଓ ମରିବା ଉଭୟେ ଗୋଟିଏ ଜିନିଷ। ଏହା ମଣିଷର ଆଦିମ ପ୍ରବୃତ୍ତି। ସାମାଜିକ ମୂଲ୍ୟବୋଧକୁ ଜାଗ୍ରତ କରିବା ପାଇଁ ଏହାକୁ ନିୟନ୍ତ୍ରଣ କରିବା ଦରକାର। ଯାହା ନିଜ ପାଇଁ ଲଜ୍ଜାବୋଧ, କାହା ଆଗରେ କହିହେଉନି ତାହାକୁ ସୋସିଆଲ ମିଡିଆରେ ଭାଇରାଲ କରାଯାଉଛି। ଏହାକୁ ସହି ନ ପାରି ଯେ କେହି ଆତ୍ମହତ୍ୟା କରୁଛି। ଓଡ଼ିଶାରେ ନିକଟରେ ଘଟିଯାଇଥିବା କେତେକ ଆତ୍ମହତ୍ୟା ଏହାର ଉଦାହରଣ। ଅନ୍ୟପକ୍ଷରେ ସାମାଜିକ ଗଣମାଧମରେ ପ୍ରସାର ଯୋଗୁ କିଭଳି ଆତ୍ମହତ୍ୟା କରିବେ ତାହା ଶିଖୁଛନ୍ତି। ସହନଶୀଳତାର ଅଭାବ ଯୋଗୁ ଏଭଳି ଘଟଣା ଘଟୁଛି। ଯେଉଁମାନେ ଉଦାସ ମନ ନେଇ ବଞ୍ଚୁଥିବେ ସେମାନେ କାହାକୁ କିଛି କହିପାରିବେନି। ତେଣୁ ସରକାର ୧୪୪୧୬ ଟେଲି ମାନସ ନଂ. ୨୪ ଘଣ୍ଟା ପ୍ରଚଳନ କରିଛନ୍ତି। ସେଥିରେ କ୍ୱାଲିଫାଏଡ ସାଇକୋଲୋଜିଷ୍ଟ ବସିଥାନ୍ତି। ତାହାକୁ ଫୋନ କଲେ ଭଲ ପରାମର୍ଶ ମିଳିବ। ମଣିଷ ଆତ୍ମହତ୍ୟା ଭଳି ପ୍ରବୃତ୍ତିରୁ ନିଜକୁ କ୍ଷାନ୍ତ କରିପାରିବ।

- ଡା. ବିଭୁକଲ୍ୟାଣ ସାହୁ, ବରିଷ୍ଠ ମାନସିକ ରୋଗ ବିଶେଷଜ୍ଞ, ନିଶା ନିବାରଣ କେନ୍ଦ୍ର, ଏମ୍‌କେସିଜି ମେଡିକାଲ କଲେଜ

## ଭାଙ୍ଗି ନ ପଡ଼ି ଦୃଢ଼ ହୁଅନ୍ତୁ



ଆତ୍ମହତ୍ୟା କେବଳ ସମାଧାନର ବାଟ ନୁହେଁ। ଝିଅମାନେ ସାଧାରଣତଃ ସରଳ ବିଶ୍ୱାସୀ। ସେମାନେ ଅନେକଙ୍କ ମନଲୋଭା କଥାକୁ ପରଖିପାରନ୍ତି ନାହିଁ। ସେଥିପାଇଁ ସେମାନଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ସେଥିରେ ଭାଙ୍ଗି ନ ପଡି ଦୃଢ଼ ହୁଅନ୍ତୁ। ସମାଧାନର ବାଟ ନିଜେ ବାହାର କରନ୍ତୁ। ନଚେତ୍ ନିଜ ପରିବାର ଓ ଆତ୍ମୀୟଙ୍କ ସହଯୋଗ ଲୋଡନ୍ତୁ। ଏଥିରେ ଅନେକ ସମସ୍ୟାର ସମାଧାନ ହୋଇପାରିବ। ଏହାଦ୍ୱାରା ଆମେ ଭୁଲ୍ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିପାରିବା।

- ଆସ୍ମି ଆଶିଷା ମହାନ୍ତି, ଯୁକ୍ତ ୩ କଳା ପ୍ରଥମ ବର୍ଷ ଛାତ୍ରୀ, ବ୍ୟାସନଗର ସ୍ୱୟଂଶାସିତ କଲେଜ, ଯାଜପୁର ରୋଡ୍, ଯାଜପୁର

## ଆତ୍ମହତ୍ୟା ସମାଧାନର ବାଟ ନୁହେଁ



ଆତ୍ମହତ୍ୟା କୌଣସି ସମସ୍ୟା ସମାଧାନର ବାଟ ନୁହେଁ। ପ୍ରତିକୂଳ ପରିସ୍ଥିତିର ସାମ୍ନା କରି ମାର୍ଗ ବାହାର କରିବାର ସାହସ ରଖିବା ଦରକାର। ଯୌଥ ପରିବାର ବିଘଟନ ପରେ ବର୍ତ୍ତମାନର ଏକାନ୍ନବର୍ତ୍ତୀ ପରିବାରରେ ଭାବର ଆଦାନପ୍ରଦାନ ଓ ସହନଶୀଳତାର ଘୋର ଅଭାବ ପରିଲକ୍ଷିତ ହେଉଛି। ପୁଣି ବିଦ୍ୟାଳୟ କି କଲେଜସ୍ତରରେ ପୂର୍ବଭଳି ଗୁରୁ-ଶିଷ୍ୟ ସମ୍ପର୍କ ଆଉ ଦୃଷ୍ଟିଗୋଚର ହେଉନାହିଁ। ଏପରିସ୍ଥଳେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ଯୁବପିଢ଼ିଙ୍କ ମାନସିକ ଚାପ ବୃଦ୍ଧିପାଉଛି। ତେଣୁ ସ୍କୁଲ ଏବଂ କଲେଜସ୍ତରରେ ସକାରାତ୍ମକ ଚିନ୍ତାଧାରାର ବିକାଶ ନେଇ ଶିକ୍ଷାଦାନ ଓ କାର୍ଯ୍ୟକ୍ରମ କରାଯିବାର ଆବଶ୍ୟକତା ରହିଛି।

- ସିଦ୍ଧିଶ୍ରୀ ବକ୍ସି, ଯୁକ୍ତ୩ ପ୍ରଥମ ବର୍ଷ, ସରକାରୀ ମହିଳା ମହାବିଦ୍ୟାଳୟ, ସମ୍ବଲପୁର

## ମନର କଥାକୁ ଅନ୍ୟକୁ ପରିପ୍ରକାଶ କରିବା ଆବଶ୍ୟକ



ଆତ୍ମହତ୍ୟା କରୁଥିବା ଛାତ୍ରୀଛାତ୍ରଙ୍କ ପ୍ରାୟ ୯୦ ପ୍ରତିଶତ କୌଣସି ନା କୌଣସି ମାନସିକ ଚାପ ରହିଥାଏ। ଏପରି ସମସ୍ୟା କେବଳ ଅଧିକ ଆଶା କରିବା ଦ୍ୱାରା ହୋଇଥାଏ। ୧୪ ବର୍ଷରୁ କମ୍ ବୟସର ପିଲା ଆତ୍ମହତ୍ୟା କରିଥାଏ, ଯେତେବେଳେ ସେ ତାଙ୍କ ମା'ବାପାଙ୍କୁ ହରାଇଥାଏ। ହେଲେ ଏବେ ଲୋକେ ପାଶ୍ଚାତ୍ୟ ସଭ୍ୟତାକୁ ବହୁ ଆପଣାଇଛନ୍ତି। ଲୋକେ ଏବେ ଅନ୍ୟଠୁ ଦୂରେଇ ରହିବାକୁ ପସନ୍ଦ କରି ମୁଖ୍ୟତଃ ସାମାଜିକ ଗଣମାଧ୍ୟମକୁ ଆପଣାଉଛନ୍ତି, ଯାହାକି ଆତ୍ମହତ୍ୟାର ଅନ୍ୟ ଏକ କାରଣ। ସେହିପରି ଅଭିଭାବକଙ୍କ ଚାପ, ପ୍ରେମ ସମ୍ପର୍କ, ବନ୍ଧୁତା ଓ ନିଶା ସେବନ ଯୋଗୁ ମଧ୍ୟ ନାନା ସମସ୍ୟା ସୃଷ୍ଟି ହେଉଛି, ଯାହାଦ୍ୱାରା ଛାତ୍ରୀଛାତ୍ର ଓ ଯୁବପିଢ଼ିମାନେ ନିଜ ମନର କଥାକୁ ପରିପ୍ରକାଶ ନ କରି ପାରି ଏହି ଆତ୍ମହତ୍ୟା ବାଟକୁ ଆପଣାଇଥାନ୍ତି। ଏହାକୁ ରୋକିବାକୁ ହେଲେ ପ୍ରତ୍ୟେକ ଅଭିଭାବକ ଓ ମଣିଷମାନେ ଯେବେ କୌଣସି ବ୍ୟକ୍ତି ବିଚଳିତ ହେଉଥିବା ଅନୁଭବ କରିବେ ସେ ସମୟରେ କିଛି ସମୟ ତାଙ୍କୁ ଦେବା ସହ ଦୁଇ ପଦ କଥା ଶୁଣିବା ଏବଂ ଡାକ୍ତର ପରାମର୍ଶ କରି କାଉନ୍‌ସେଲିଂ କରିବା ଦ୍ୱାରା ଏହାକୁ ରୋଗା ଯାଇପାରିବ।

- ଡାକ୍ତର ସମ୍ରାଟ କର, ମାନସିକ ରୋଗ ବିଭାଗ, କଟକ

## ସମସ୍ୟାର ସମାଧାନ ରାସ୍ତା ବାହାର କରିବା ଜରୁରୀ



ଆଜିକାଲି ପ୍ରାୟତଃ ଛାତ୍ରୀଛାତ୍ର ନିଜ ଅଭିଭାବକଙ୍କ ସହ ନିଜ ସମସ୍ୟା ନେଇ ଆଲୋଚନା କରୁନାହାନ୍ତି। ଯାହାଦ୍ୱାରା ମାନସିକ ଚାପ ବଢ଼ିଥାଏ। ଏହାକୁ ଏଡାଇବା ପାଇଁ ଅଧିକରୁ ଅଧିକ ସାଙ୍ଗ ବନାଇବା ସହ ନିଜ ପରିବାର ଲୋକଙ୍କ ସହ ସମସ୍ତ ସମସ୍ୟା ବିଷୟରେ ଆଲୋଚନା କରିବା ଆବଶ୍ୟକ। ପ୍ରତ୍ୟେକ ଛାତ୍ରୀଛାତ୍ର ସମସ୍ୟାର ସମାଧାନ ରାସ୍ତା ବାହାର କରିବା ଜରୁରୀ।

- ଡା. ଈପ୍ସିତା ମହାରଣା, ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ଦ୍ୱିତୀୟ ବର୍ଷ ଛାତ୍ରୀ

## ସ୍କୁଲ, କଲେଜରେ କାଉନ୍‌ସେଲିଂ ବ୍ୟବସ୍ଥା କରିବା ଆବଶ୍ୟକ



ଆଜିକାଲିର ପିଲାମାନେ ସାମାଜିକ ସମ୍ପର୍କ ଏବଂ ପରିବାରବର୍ଗଙ୍କ ସହିତ ସମୟ ବିତାଇବା ବଦଳରେ ମୋବାଇଲ ଓ ସୋସିଆଲ ମିଡିଆରେ ଅଧିକ ସମୟ ଅତିବାହିତ କରୁଛନ୍ତି। ଏହାଦ୍ୱାରା ସାମାଜିକ ଓ ପାରିବାରିକ ସମ୍ପର୍କରୁ ଏକପ୍ରକାର ଦୂରେଇ ଯାଉଛନ୍ତି। ଫଳରେ କିଛି ସମସ୍ୟା ହେଲେ ମା'ବାପା, ସମ୍ପର୍କୀୟ ଓ ବନ୍ଧୁଙ୍କୁ ଜଣାଇବା ବଦଳରେ ଭୟରେ ଆତ୍ମାହୁତି ଦେଉଛନ୍ତି। ତେଣୁ ଏ ନେଇ ସ୍କୁଲ ଓ କଲେଜରେ ଏକ ବିଶେଷ ତାଲିମ ପ୍ରଦାନ ସହିତ ସୋସିଆଲ ଫ୍ରେଣ୍ଡ୍‌ଲି କରାଇବା ପାଇଁ କାଉନସେଲିଂର ଆବଶ୍ୟକତା ରହିଛି।

- ସନ୍ତୋଷ କୁମାର ସାହୁ, ଅଭିଭାବକ, ରାୟଗଡ଼ା

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
Experienced ELECTRICAL SITE ENGINEERS with AutoCad Skills for Hospital project at Bhubaneswar. Walk-in-Interview on 13.08.2025 from 11 AM onwards at Administrative Block, 2nd Floor, Hi-Tech Hospital & Medical College, Pandra, Bhubaneswar.
Contact Person
Abinash Rautaray : 63713 82526

See Career Appointment on every Wednesday & Saturday

ski WANTED
A LEADING FINANCIAL SERVICES MARKETING COMPANY REQUIRES
AREA MANAGER
FOR SELLING MOTOR INSURANCE
CTC Rs. 3.5-4.5 LACS/ANNUM
PREFERABLY FROM GENERAL INSURANCE COMPANIES OR INSURANCE BROKING COMPANIES WITH 3 TO 4 YEARS OF EXPERIENCE.
LOCATION
ROURKELA, SAMBALPUR, BHADRAK, BALASORE, BARIPADA, CUTTACK, PARADEEP, JEYPORE, BERHAMPUR / GOPALPUR
send your RESUME to
resume@skiretail.in
9840335849
Ski Retail Capital limited
No.1, Sambandam Street,
T Nagar Chennai-600017.


# ଅଙ୍ଗଦାନ ସମ୍ପର୍କରେ ଅଧିକ ସଚେତନତାର ଆବଶ୍ୟକତା ରହିଛି

## ଆଜି ବିଶ୍ୱ ଅଙ୍ଗଦାନ ଦିବସ



ଅଙ୍ଗଦାନ ଏକ ମହାନ୍ କାମ। ଏହି ଧାରାରେ କେତେକ ନିଜକୁ ସାମିଲ କରିସାରିଛନ୍ତି। ଜଣେ ବ୍ୟକ୍ତିଙ୍କର ଜୀବନ ବଞ୍ଚାଇବାରେ ଏହା ଅନେକାଂଶରେ ସହାୟକ ହୋଇଥାଏ। ଏ ବିଷୟରେ ଜନସାଧାରଣଙ୍କୁ ଅଧିକ ସଚେତନ କରିବା ଲାଗି ପ୍ରତିବର୍ଷ ଅଗଷ୍ଟ ୧୩ରେ 'ବିଶ୍ୱ ଅଙ୍ଗଦାନ ଦିବସ' ପାଳନ କରାଯାଇଥାଏ। ଏହାର ଆବଶ୍ୟକତା ବିଷୟରେ ସମସ୍ତେ ଅବଗତହେବା ନିହାତି ଦରକାର। ଆଜିକାଲି ଦୁର୍ଘଟଣା ଯେଉଁଭଳି ବଢ଼ିଚାଲିଛି ସେହି ଅନୁସାରେ କେତେଜଣ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ ଅଙ୍ଗଦାନର ଆବଶ୍ୟକତା ରହିଛି। ମୃତ୍ୟୁ ସତ୍ୟ–ଏକଥାକୁ ଆମକୁ ଗ୍ରହଣ କରିବାକୁ ପଡ଼ିବ। ହେଲେ ଅଙ୍ଗଦାନ ଦ୍ୱାରା ହୁଏତ ଜଣେ ଗୁରୁତର ରୋଗୀ ଆରୋଗ୍ୟ ଲାଭ କରିପାରେ। ଜଣେ ଜୀବିତ ବ୍ୟକ୍ତି ନିଜର ହୃତ୍‌ପିଣ୍ଡ, ଆଖି, କିଡ୍‌ନୀ, ଲିଭର, ଫୁସ୍‌ଫୁସ୍, ପାନ୍‌କ୍ରିୟାସ୍, ଇଣ୍ଟେଷ୍ଟାଇନ୍ ଭଳି ଅଙ୍ଗଦାନକରି ଅନ୍ୟ ଜଣଙ୍କର ଜୀବନ ବଞ୍ଚାଇ ପାରିବେ। ଆଇନ ଅନୁସାରେ ଯଦି ଜଣେ ଅଙ୍ଗଦାନ କରିବାକୁ ଚାହାନ୍ତି ତାହା ତାଙ୍କର ପରିବାର ସଦସ୍ୟଙ୍କ ନିଷ୍ପତ୍ତି ଉପରେ ନିର୍ଭର କରିଥାଏ। କିନ୍ତୁ ଏହା ପୂର୍ବରୁ ବ୍ରେନ୍ ଡେଥ୍ ହେବା ଦରକାର। ୧୯୫୪ ମସିହାରେ ଡା. ନି ଜୋଶେଫ ଇ. ମୁରୟେଙ୍କ ଦ୍ୱାରା ପ୍ରଥମ ଥର ପାଇଁ କିଡ୍‌ନୀ ପ୍ରତିରୋପଣ ସଫଳତାର ସହ କରାଯାଇପାରିଥିଲା। ହେଲେ ଜଣେ ଅଙ୍ଗଦାନ କରିବା ପୂର୍ବରୁ ନିଜର ସ୍ୱାସ୍ଥ୍ୟ ବିଷୟରେ ଅବଗତ ହେବା ଦରକାର। ଏଚ୍‌ଆଇଭି, କ୍ୟାନ୍‌ସର ଭଳି ରୋଗରେ ପୀଡ଼ିତ ବ୍ୟକ୍ତିମାନେ ଅଙ୍ଗଦାନ କରିପାରିବେ ନାହିଁ। ଅଙ୍ଗଦାନ ନିଷ୍ପତ୍ତି ନେବା ପରେ ସେହି ଅଙ୍ଗ ପ୍ରତିରୋପଣ ପାଇଁ କେତେ ଠିକ୍ ଅଛି ତାହାକୁ ଡାକ୍ତରମାନେ ତନ୍ନତନ୍ନକରି ତର୍ଜମା କରିଥାଆନ୍ତି।

# ଅନ୍ତର୍ଜାତୀୟ ବାମହାତୀ ଦିବସ



ବାମହାତୀ ବ୍ୟକ୍ତିଙ୍କ ସ୍ୱାତନ୍ତ୍ର୍ୟ ସମ୍ପର୍କରେ ଜଣାଇବା ଲାଗି ପ୍ରତିବର୍ଷ ଅଗଷ୍ଟ ୧୩ରେ ପାଳନ କରାଯାଏ ବାମହାତୀ ଦିବସ। ୧୯୭୬ ମସିହାରେ ବାମହାତୀ କ୍ଲବର ପ୍ରତିଷ୍ଠାତା ଡିନ୍ ଆର୍. କ୍ୟାମ୍ପବେଲ ପ୍ରଥରେ ଏହି ଦିବସ ପାଳନ କରିଥିଲେ। ଏହି ଦିବସଟି ମୁଖ୍ୟତଃ ବାମହାତୀ ବ୍ୟକ୍ତି ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜ ଏବଂ ଅଭିଜ୍ଞତା ବିଷୟରେ ସଚେତନତା ସୃଷ୍ଟି ପାଇଁ ଆରମ୍ଭ କରାଯାଇଥିଲା। ତଥ୍ୟ ଅନୁଯାୟୀ, ବିଶ୍ୱ ଜନସଂଖ୍ୟାର ୭ରୁ ୧୦ ପ୍ରତିଶତ ବାମହାତୀ ବ୍ୟକ୍ତି। ଅପରପକ୍ଷେ ବିଭିନ୍ନ ଗଣମାଧ୍ୟମ ଏବଂ ବାଣିଜ୍ୟିକ ସଂଘ ଏହି ଦିବସକୁ ସ୍ୱୀକୃତି ଦେବା ପାଇଁ ସଫଳ ବାମହାତୀ ବ୍ୟକ୍ତିଙ୍କର ଏକକାଳୀନ ପୋଷ୍ଟ ଏବଂ ସଂକଳନ କରିଛନ୍ତି। ତେବେ ଏଠାରେ କେତେଜଣ ବିଶିଷ୍ଟ ବାମହାତୀଙ୍କ ବିଷୟରେ ସୂଚିତ କରାଯାଉଛି। ସେମାନଙ୍କ ମଧ୍ୟରେ ଅଛନ୍ତି ଜାତିର ପିତା ମହାତ୍ମା ଗାନ୍ଧୀ, କ୍ୟାଥୋଲିକ୍ ସନ୍ଥ ମଦର ଟେରେସା, ପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ, ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନ, ଦିବଂଗତ ବିଶିଷ୍ଟ ଶିଳ୍ପପତି ରତନ ଟାଟା, କ୍ରିକେଟର ସଚିନ ତେନ୍ଦୁଲକର, ବିଶିଷ୍ଟ ଉଦ୍ୟୋଗୀ ତଥା ମେଟା ସିଇଓ ମାର୍କ ଜୁକରବର୍ଗ, ହଲିଉଡ୍ ଅଭିନେତା ଚାର୍ଲି ଚାପ୍‌ଲିନ, ଅଭିନେତା ରଜନୀକାନ୍ତ, ହଲିଉଡ୍ ଅଭିନେତ୍ରୀ ଆଞ୍ଜେଲିନା ଜୋଲି, ଗାୟିକା ଆଶା ଭୋଁସ୍‌ଲେ, ପପ୍‌ଷ୍ଟାର ମାଇକେଲ ଜ୍ୟାକ୍‌ସନ, ଟେନିସ୍ ଖେଳାଳି ମାର୍ଟିନା ନାଭ୍ରାଟିଲୋଭାଙ୍କ ଭଳି ବହୁ ବ୍ୟକ୍ତିତ୍ୱ ଏହି ବାମହାତୀ ତାଲିକାରେ ସାମିଲ ଅଛନ୍ତି।

## ରାଜ୍ୟ ଖବର

# ୧୦ ହଜାର ଆଦିବାସୀ ଭାଷା ଶିକ୍ଷକ ନିଯୁକ୍ତ ହେବେ

ଭୁବନେଶ୍ୱର,୧୨।୮ (ସୁଚିସ୍ମିତା ସାହୁ)

ରାଜ୍ୟରେ ଆଦିବାସୀ ଭାଷାକୁ ଅବହେଳା କରାଯାଉଛି। ତେଣୁ ଆଦିବାସୀ ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ଡ୍ରପ୍ ଆଉଟ୍ ହାର ବଢ଼ୁଛି। ଆଦିବାସୀ ପିଲାମାନେ ନିଜ ଭାଷାର ଶିକ୍ଷକ ପାଉ ନ ଥିବାବେଳେ ଅନ୍ୟ ଭାଷା ବୁଝିବାରେ ସମସ୍ୟା ସୃଷ୍ଟି ହେଉଛି। ବିଭାଗ ପକ୍ଷରୁ ଏହି ସମସ୍ୟା ଦୂର କରାଯିବା ସହ ଆଦିବାସୀ ଛାତ୍ରୀଛାତ୍ରଙ୍କୁ କିଭଳି ଶିକ୍ଷା ପ୍ରତି ଉତ୍ସାହିତ କରାଯାଇପାରିବ ତାହାକୁ ଦୃଷ୍ଟିରେ ରଖି ୧୦ହଜାର ବହୁମୁଖୀ ଭାଷାଗତ ଶିକ୍ଷକ (ଏମ୍‌ଏଲ୍‌ଇ) ନିଯୁକ୍ତି କରାଯିବାକୁ ସ୍ଥିର ହୋଇଛି। ଏନେଇ ସରକାରଙ୍କୁ ଏକ ପ୍ରସ୍ତାବରେ ସୁପାରିସ କରାଯାଇଛି। ଏହି ପ୍ରସ୍ତାବରେ ମୁଖ୍ୟମନ୍ତ୍ରୀଙ୍କ ମୋହର ବାଜିଲେ ଆଦିବାସୀ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ବୋଲି ଜଣାପଡ଼ିଛି। ଏ ସଂକ୍ରାନ୍ତରେ ନିକଟରେ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଦୁର୍ଗାପ୍ରସାଦ ମହାପାତ୍ର ସମସ୍ତ ବିଭାଗୀୟ ନିର୍ଦ୍ଦେଶକଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ରାଜ୍ୟରେ ସମୁଦାୟ ଜନସଂଖ୍ୟାର ୨୨.୧୩ ପ୍ରତିଶତ ଆଦିବାସୀ ବର୍ଗର ରହିଛନ୍ତି। ରାଜ୍ୟରେ ୬୨ ପ୍ରକାର ଆଦିବାସୀ ମାତୃଭାଷା ରହିଥିବାବେଳେ ୨୮ଟି ଭାଷାରେ ସେମାନେ ସଂଘବଦ୍ଧ ଅଛନ୍ତି। ଭାଷାଗତ ପ୍ରତିବନ୍ଧକ ରହିଥିବାରୁ ପିଲାମାନେ ଠିକଣା ଭାବେ ଶିକ୍ଷା ପାଇପାରୁନାହାନ୍ତି। ଫଳରେ ଡ୍ରପ୍‌ଆଉଟ ହାର ବଢୁଛି। ଜାତୀୟ ଶିକ୍ଷା ନୀତି–୨୦୨୦ରେ ବହୁମୁଖୀ ଭାଷା ଶିକ୍ଷକ ପ୍ରଣୟନ କରିବାର ବ୍ୟବସ୍ଥା ରହିଛି। ତେଣୁ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷାଦାନ ଦେବାକୁ ପଡ଼ିବ। ସମ୍ପ୍ରତି ରାଜ୍ୟର ୧୭ଟି ଜିଲାରେ ୨୧ପ୍ରକାର ଆଦିବାସୀ ଭାଷାରେ ଶିକ୍ଷାଦାନ କରାଯାଉଛି। ୧୩୧୭ଟି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ୩,୧୮୮ଜଣ ଏମ୍‌ଏଲ୍‌ଇ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଆଗାମୀ ଦିନରେ ଏହାକୁ ସମ୍ପୂର୍ଣ୍ଣ ରାଜ୍ୟରେ ସମ୍ପ୍ରସାରଣ କରାଯିବ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୧୦ହଜାର ଶିକ୍ଷକ ନିଯୁକ୍ତି ପାଇଁ ପ୍ରସ୍ତୁତି ଚାଲିଛି। ମାତ୍ର ପରବର୍ତ୍ତୀ ସମୟରେ ଅଧିକ ଏମ୍‌ଏଲ୍‌ଇ ଶିକ୍ଷକ ପର୍ଯ୍ୟାୟକ୍ରମେ ନିଯୁକ୍ତ କରାଯିବା ଲାଗି ବିଭାଗ ପକ୍ଷରୁ ପ୍ରସ୍ତାବ ରହିଛି।

ROHAN AUTORIDERS HIRING
(Authorised Hero MotoCorp Dealer)
Open Roles :
- Frontline Supervisor
- Floor Supervisor
- Billing Executive
- Technicians / Mechanics
- Insurance Executive
- Sales Executives
Candidates are preferred to have existing experience in two wheeler segment.
Bhubaneswar
8018370072
rohandubey231@gmail.com

FAKIR MOHAN UNIVERSITY
Vyasa Vihar, Nuapadhi, Balasore-756089
ADMISSION ANNOUNCEMENT : 2025-26
PGDCA COURSE
No : FMU/PGC-I-45/2025/1147 Dt.12.08.2025
In continuation to this Office Notification No. FMU/PGC/I-45/2025/949 dt.02.07.2025, the last date of submission of Application Forms for PGDCA is extended up to 30.08.2025. Desirous students may download the application form available in the website www.fmuniversity.nic.in and apply by the above dates with required fees & other documents.
Sd./- Chairman, P.G. Council

OFFICE OF THE EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, DUMKA
3rd CORRIGENDUM
TENDER REFERENCE No.- RCD/DUMKA/975
PR 354584 Road(25-26):D, PR 355582 Road (25-26)_D & PR 358355 Road (25-26)D
NAME OF THE WORK - Widening, Strengthening & Reconstruction work of Kothiya (NH 133) – Dighi-Gadi Jhopa-Parariya-Champagarh Road (Total Length-17.2015 Km) for the year 2025-26.
Job No. CRF-JHR-2025-26-73
CORRIGENDUM DETAIL OF NIT

| | | |
|---|---|---|
| 4 | Last date/Time for receipt of bids | 23.09.2025 at 10.30 A.M in place of 08.09.2025 Up to 12.00 Noon. |
| 5 | Date of Publication of Tender on website | 19.08.2025 at 10.30 A.M in place of 12.08.2025 |
| 6 | Pre Bid Meeting | 25.08.2025 at 10.30 A.M in place of 18.08.2025 at 11.00 A.M |

Other terms and conditions shall remain unchanged.
Executive Engineer
Road Construction Department,
Road Division, Dumka
PR 359406 Road (25-26)_D

Govt. of Jharkhand, Energy Department
Jharkhand Renewable Energy Development Agency (JREDA)
3rd Floor, S.L.D.C. Building, Kusai Colony, Doranda, Ranchi-834002. Ph.: 0651-2491161, Fax: 0651-2491165,
E-mail: info@jreda.com; Website: www.jreda.com
e-Procurement Notice
Tender reference no.: 11/JREDA/SPP/ES/25-26 Dated: 11.08.2025

| | | |
|---|---|---|
| 1 | Name of the work | Request for Proposal (RFP) for Design, Engineering, Procurement & Supply, Construction, Commissioning and Comprehensive Operation & Maintenance of Cumulative 05 MW (AC) Grid Connected Ground Mounted Solar Power Plant, for a period of 25 years on Government Land at East Singhbhum District of Jharkhand. |
| 2 | Estimated Cost | Rs. 43.93 Crores (inclusive of GST) |
| 3 | Time of completion | 12 (Twelve) Months |
| 4 | Date of publication of NIT on website: http://jharkhandtenders.gov.in | 18.08.2025 (Monday) |
| 5 | Date & time of Pre-bid meeting | 25.08.2025 (Monday)at 1.00 P.M. |
| 6 | Last date & time for receipt of online bids | 10.09.2025 (Wednesday)up to 05:00 PM |
| 7 | Submission of Bid fee and EMD through Online Via SBI Payment Gateway of Jharkhand Tenders. | 10.09.2025 (Wednesday)up to 05:00 PM |
| 8 | Technical Bid Opening Date | 12.09.2025 (Friday) at 3.00 P.M. |
| 9 | Name & address of office inviting tender | Director, Jharkhand Renewable Energy Development Agency(JREDA) 3rd Floor, SLDC Building, Kusai, Doranda, Ranchi- 834002 (Jharkhand) |
| 10 | Contact no. of procurement officer | 0651-2491167/68/61/7903935514 |
| 11 | Helpline no. of e-procurement | 0651-2491167/68/61 |

Any corrigendum/addendum can be seen on website: http:// jharkhand tenders.gov.in & www.jreda.com. Further details can be seen on website: http://jharkhandtenders.gov.in & www.jreda.com
Sd/-
Director, JREDA, Ranchi
PR.NO.359402 Energy(25-26):D

## ଘରୁ ଟଙ୍କା ଚୋରି ଅଭିଯୋଗ

**ବଇଣ୍ଡା, (ପରିକ୍ଷିତ ସାହୁ):** ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଭାଗୀରଥିପୁର ଗ୍ରାମର ଅଭିମନ୍ୟୁ ସାହୁଙ୍କ ୧୦୫୦୦ ଟଙ୍କା ଚୋରି ହୋଇଯାଇଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୨୩୦/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଅଭିମନ୍ୟୁ ଘରେ ମନିପର୍ସରେ ୧୦୫୦୦ ଟଙ୍କା ସହ ଡ୍ରାଇଭିଂ ଲାଇସେନ୍ସ ଛାଡି ଯାଇଥିବା ବେଳେ ସେହି ଗ୍ରାମର ଜଣେ ବ୍ୟକ୍ତି ତାହାକୁ ଚୋରି କରିନେଇଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।



# ଓଡ଼ିଶାରେ ୪୨ ଲକ୍ଷ ଭୋଟ ଚୋରି ହୋଇଛି


ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

### ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସର ଅଭିଯୋଗ

ଅନୁଗୋଳ,୧୨।୮ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା କଂଗ୍ରେସ ଭବନରେ କଂଗ୍ରେସ ପକ୍ଷରୁ ଭୋଟ ଚୋରି ସମ୍ପର୍କିତ ଏକ ଖବରଦାତା ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ଅମ୍ବିକା ପ୍ରସାଦ ଭଞ୍ଜ ଏଥିରେ ଅଧ୍ୟକ୍ଷତା କରିଥିଲେ। ଭୋଟ ଚୋରି ନେଇ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଦାବିକୁ ଏଥିରେ ପ୍ରଦର୍ଶିତ କରାଯିବା ସହ ପ୍ରଦେଶ କଂଗ୍ରେସ କମିଟିର ମିଡିଆ ସେଲ୍ ପ୍ରବକ୍ତା ପ୍ରଶାନ୍ତ ଶତପଥୀ ବିଭିନ୍ନ ସ୍ଥାନରେ ହୋଇଥିବା ଭୋଟ ଚୋରି ସମ୍ବନ୍ଧରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ୨୦୧୪ରେ ଭାଜପା କେନ୍ଦ୍ରରେ କ୍ଷମତାକୁ ଆସିବା ପରଠାରୁ ନିର୍ବାଚନ ପ୍ରକ୍ରିୟାରେ ହେର୍‌ଫେର୍ ହେଉଥିବା ଆଶଙ୍କା ପ୍ରକାଶ ପାଉଥିଲା। ଏ ନେଇ ଗତ ୭ ତାରିଖରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରମାଣ ଦେବା ପରେ ଦେଶବାସୀ ସ୍ତବ୍ଧ ହୋଇଯାଇଛନ୍ତି। ଓଡ଼ିଶାରେ ମୋଟ ୪୨ ଲକ୍ଷ ଭୋଟ ଚୋରି ହୋଇଛି। ଅର୍ଥାତ ୨୧ଟି ଲୋକ ସଭା ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ଲେଖାଏ ଭୋଟ ଚଞ୍ଚକତା ହୋଇଥିବାର ପିସିସି ମିଡିଆ ସେଲ୍ ପ୍ରବକ୍ତା ରୂପାଦିତ୍ୟା ମହାପାତ୍ର ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ପ୍ରଫୁଲ୍ଲ କୁମାର ଦାସ, ଜିତେନ୍ଦ୍ର କୁମାର ସାହୁ, ନୀଳକଣ୍ଠ ନାଏକ, ଉମେଶ ଚନ୍ଦ୍ର ସାହୁ, ସନତ ପ୍ରଧାନ, ଭଜମନ ଦାସ, କ୍ଷୀରୋଦ ପଟ୍ଟନାୟକ, ବନ ବିହାରୀ ପ୍ରଧାନ, ଗଗନ ପ୍ରଧାନ, ଲୋକନାଥ ସାହୁ, ସହଦେବ ବେହେରା, ପିଣ୍ଟୁ ପ୍ରଧାନ, ଗୋପାଳ ଚନ୍ଦ୍ର ନାଥ, ବାସୁଦେବ ସାମଲ, ବନ୍ଦେଶ ମହାରଣା, ପରେଶ ଜେନା, ସୌମେନ୍ଦ୍ର ଦେହୁରୀ, ରାକେଶ ସାହୁ, ଯଦୁନାଥ ବେହେରା, ସରୋଜ ପ୍ରଧାନ, ପାର୍ଥବୀର ବେହେରା, ଅରୂପ ସାମଲ, କମ୍ପୁନାଥ ଦେହୁରୀ, କସିଦା ଖାନ, ତ୍ରିଲୋଚନ ସାହୁ, ବରୁଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବଦଳିଲେ ସେଣ୍ଟ୍ରାଲ ହସ୍ପିଟାଲ ମୁଖ୍ୟ ଚିକିତ୍ସାଧିକାରୀ

ତାଳଚେର,୧୨।୮ (ମନୋଜ ନନ୍ଦ)

ରୋଗୀଙ୍କୁ ଦୁର୍ବ୍ୟବହାର ଓ ଶ୍ରମିକ ନେତାଙ୍କୁ ଅସମ୍ମାନ ଅଭିଯୋଗ ପରେ ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍‌ର ନେହେରୁ ଶତାବ୍ଦୀ ସେଣ୍ଟ୍ରାଲ ହସ୍ପିଟାଲ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଶୋଭାଗିନୀ ସାହୁଙ୍କୁ ହଟାଇ ଦିଆଯାଇଛି। ଏହି ଅଭିଯୋଗ ନେଇ ଭାରତୀୟ ମଜଦୁର ସଂଘ ପକ୍ଷରୁ ଜଗନ୍ନାଥ ଜିଏମ୍ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ମଙ୍ଗଳବାର ଏମ୍‌ସିଏଲ୍ ମୁଖ୍ୟାଳୟର ବରିଷ୍ଠ ଅଧିକାରୀମାନେ ଧାରଣାସ୍ଥଳରେ ପହଞ୍ଚି ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ତାଙ୍କ ପଦବୀରୁ ହଟାଇ ଏମ୍‌ସିଏଲ୍ ମୁଖ୍ୟାଳୟର ସିଏମ୍‌ଏସ୍‌ଙ୍କୁ ଦାୟିତ୍ୱ ଦିଆଯାଇଥିବା କହିଥିଲେ। ଏହାପରେ ମଜଦୁର ସଂଘର ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ ଡାକ୍ତର ସାହୁଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ସେ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଥିଲେ।

# ନାଲ୍‌କୋନଗରରେ ଅନ୍ତର୍ଜାତୀୟ ମୂଳନିବାସୀ ଦିବସ



ଅନ୍ତର୍ଜାତୀୟ ମୂଳନିବାସୀ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

ବଅଁରପାଳ,୧୨।୮ (ସୁବାସ ସାହୁ)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ନାଲ୍‌କୋ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଘ କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ମୂଳନିବାସୀ ଦିବସ ସୋମବାର ପାଳିତ ହୋଇଯାଇଛି। ସଂଘ ସଭାପତି କେଦାର ନାଥ ଦେହୁରୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋ ମହାପ୍ରବନ୍ଧକ(ସ୍ମେଲଟର) ସତ୍ୟନାରାୟଣ ବାସ୍କେ, ମୁଖ୍ୟବକ୍ତା ଭାବେ ବରିଷ୍ଠ ପ୍ରବନ୍ଧକ ଅଭିରାମ ହାଁସଦା, ସମ୍ମାନିତ ଅତିଥି ଭାବେ ମହାପ୍ରବନ୍ଧକ ରଣେନ୍ଦ୍ର କୁମାର ପ୍ରଧାନ(ସିପିପି), ଡାକ୍ତର ଡ. ଦଶରଥ କିସାନ, ମହାପ୍ରବନ୍ଧକ ଆସେ କିସ୍କୁ(ସ୍ମେଲଟର), ମହାପ୍ରବନ୍ଧକ ଶ୍ରୀବତ୍ସ ନାଗ(ସିପିପି), ଏଜିଏମ୍ ତଥା ଏସ୍‌ସି ଓ ଏସ୍‌ଟି କର୍ମଚାରୀ ସଂଯୋଗ ଅଧିକାରୀ ଶୀତଳ ସମୀର ମାଝୀ, ସମ୍ମାନିତ ବକ୍ତା ଭାବେ ବରିଷ୍ଠ ପ୍ରବନ୍ଧକ ରାମଚନ୍ଦ୍ର ମାଝୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନୀୟ ଅତିଥିଗଣ ମୂଳନିବାସୀଙ୍କ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ଆଲୋଚନା କରିଥିଲେ। ସହ ସମ୍ପାଦକ ରବୀନ୍ଦ୍ର ନାଏକ ଅନ୍ତର୍ଜାତୀୟ ମୂଳନିବାସୀ ଦିବସ ପାଳନର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ। ସହ ସମ୍ପାଦକ ବାସିଲ ଏକ୍କା ମଞ୍ଚ ପରିଚାଳନା କରିଥିଲେ। ଉପସଭାପତି ବିନୋଦ ବେହେରା, ଅକ୍ଷୟ ବଡ୍ରା, ସାଙ୍ଗଠନିକ ସମ୍ପାଦକ ତ୍ରୈଲୋକ୍ୟ ନାୟକ, ସହ କୋଷାଧ୍ୟକ୍ଷ ଆଲୋକ ମାଝୀ, ବସନ୍ତ ନାଏକ, ଉପେନ୍ଦ୍ର ବେହେରା, କୈଳାସ ଚନ୍ଦ୍ର ଭୋଇ, ଧନେଶ୍ୱର ବେହେରା, ନୀଳମାଧବ ବେହେରା, ଯଦୁନାଥ ପ୍ରଧାନ, ସୁରେନ୍ଦ୍ର ନାଥ ଅମାଙ୍ଗ, ଦେବେନ୍ଦ୍ର ଓରାମ, ଗୋପାଳ ମାରାଣ୍ଡି, ବିର୍ସା ସିନ୍ଧୁ ପ୍ରମୁଖ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ କୃଷ୍ଣ ସିଂ ଜଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରାଉନସୁଗାର ଜବତ, ୫ ଗିରଫ

ତାଳଚେର,୧୨।୮ (ମନୋଜ ନନ୍ଦ)/ ସନ୍ତ୍ରିଛକ (ସନ୍ତୋଷ ପରିଡ଼ା)/ ରାସୋଳ, (ସରୋଜ ମିଶ୍ର)

ଅନୁଗୋଳ ଜିଲା ତାଳଚେର ପୋଲିସ ମଙ୍ଗଳବାର ସନ୍ଥପଡ଼ା ବସ୍‌ଷ୍ଟାଣ୍ଡଠାରୁ ୧୦.୩୨ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏଥିସହ ଅଭିଯୁକ୍ତ ମହିଳା ଅଞ୍ଜଳି ସିଂ (୪୦) ଓ ତାଙ୍କ ପୁଅ ସୁଧାଂଶୁ ସିଂ (୨୪)ଙ୍କୁ ଗିରଫ କରିଛି। ସେମାନଙ୍କ ଘର ବଅଁରପାଳ ଥାନା ପାଣିଗୋଳ ଗ୍ରାମରେ। କିଛି ମାସ ହେବ ସେମାନେ ବାଲେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଆଣି ତାଳଚେର ଓ ବଅଁରପାଳ ଅଞ୍ଚଳରେ ବିକ୍ରି କରୁଥିଲେ। ଦୁହେଁ ସନ୍ଥପଡ଼ା ଜଟିଆ ବ୍ରିଜ୍ ନିକଟ ବସ୍‌ଷ୍ଟାଣ୍ଡ ପାଖରେ ଗ୍ରାହକଙ୍କୁ ଅପେକ୍ଷା କରିଥିବା ପୋଲିସକୁ ଖବର ମିଳିଥିଲା। ଏହାପରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ଏବଂ ତାଳଚେର ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ତାଳଚେର ଥାନା ଅଧିକାରୀ ଏକ ଟିମ୍ ପ୍ରସ୍ତୁତ କରିଥିଲେ। ଏସ୍‌ଆଇ ସତ୍ୟବ୍ରତ ରାଉତଙ୍କ ନେତୃତ୍ୱରେ ଏଏସ୍‌ଆଇ ରବୀନ୍ଦ୍ରନାଥ ମହାନନ୍ଦ, ଏଏସ୍‌ଆଇ ଲକ୍ଷ୍ମୀ ଗଡ଼ନାଏକ ପ୍ରମୁଖ ଚଢ଼ାଉ କରି ବ୍ରାଉନସୁଗାର ଜବତ କରିବା ସହ ଅଭିଯୁକ୍ତ ମା' ଓ ପୁଅଙ୍କୁ ଗିରଫ କରିଥିଲେ। ଏଥିସହ ସେମାନଙ୍କ ନିକଟରୁ ୨୭ ହଜାର ୬୦ ଟଙ୍କା ଜବତ କରିଥିଲେ। ସେହିପରି ବଅଁରପାଳ ପୋଲିସ ମଙ୍ଗଳବାର ଆଲୁମିନିୟମ ପାର୍କ ନିକଟରୁ ୨ ଜଣଙ୍କୁ ଗିରଫ କରିବା ସହ ୧୬ ଗ୍ରାମ ବ୍ରାଉନସୁଗାର ଜବତ କରିଥିବା ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ ପ୍ରକାଶ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଅନୁଗୋଳ ହେମସରପଡ଼ାର ରାଜା ବେହେରା(୩୦) ଏବଂ ମଣ୍ଟୁ ଗୋଚ୍ଛାୟତ (୧୯)। ସେହିପରି ଢେଙ୍କାନାଳ ଜିଲା ରାସୋଳ ପୋଲିସ ସୋମବାର ପୁରୁଣା କଟକ-ସମ୍ବଲପୁର ରାସ୍ତାର ଅସନବଣିଆ ଛକ ନିକଟରେ ପେଟ୍ରୋଲିଂ କରୁଥିବା ବେଳେ ବାଇକ୍‌ରେ ଯାଉଥିବା ଜଣେ ଯୁବକଙ୍କଠାରୁ ୪୦ ଗ୍ରାମର ବ୍ରାଉନ ସୁଗାର ଜବତ କରିବା ସହ ତାଙ୍କୁ ଗିରଫ କରିଛି। ଖୋର୍ଦ୍ଧା ଜିଲା ବେଗୁନିଆ ଥାନା କୁଶପଲି ଗ୍ରାମରେ ଶେଖ୍ ସରାଜନ ବାଇକ୍ (ଓଡି.୦୨-ଜିୱାଇ-୩୭୨୫)ରେ ଭାପୁର ଆଡୁ ରାସୋଳ ଆଡକୁ ଯାଉଥିଲେ। ଖବରପାଇ ରାସୋଳ ଥାନା ଅଧିକାରୀ ବିଧୂ ଭୂଷଣ ମିଶ୍ରଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ପ୍ରକାଶଚନ୍ଦ୍ର ଦଳେଇ ଓ କର୍ମଚାରୀମାନେ ସମ୍ପୃକ୍ତ ଯୁବକଙ୍କୁ ମାଡିବସିବା ସହ ତାଙ୍କ ନିକଟରୁ ୪୦ଗ୍ରାମ ବାଉନସୁଗାରକୁ ଜବତ କରିଥିଲେ।

# 'ଅପରେଶନ କ୍ଲିନ୍' ପାଇଁ ନକ୍ସା ପ୍ରସ୍ତୁତ

ଅନୁଗୋଳ,୧୨।୮ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲାପାଳଙ୍କ ଅଫିସରେ ସୋମବାର ଡିଷ୍ଟ୍ରିକ୍ଟ ଅର୍ବାନ ଡେଭଲପମେଣ୍ଟ ଏଜେନ୍ସିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲାର ବିଭିନ୍ନ ଅର୍ବାନ ଲୋକାଲ ବଡି, ଜଳସେଚନ, ଆର୍‌ଆଣ୍ଡବିର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଅନୁଗୋଳ ସହରର ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। ସହରକୁ ସ୍ୱଚ୍ଛ ଓ ସୁନ୍ଦର କରି ଗଢ଼ି ତୋଳିବବାକୁ 'ଅପରେସନ କ୍ଲିନ' ପାଇଁ ନକ୍ସା ପ୍ରସ୍ତୁତ କକରାଯାଇଥିବା ଜଣାପଡିଛି।

ନିଷ୍ପତ୍ତି ଅନୁସାରେ, କୁମଣ୍ଡ ହାଇସ୍କୁଲଠାରୁ କେନାଲ ରାସ୍ତା ଦେଇ ଡେରଜାଙ୍ଗ ସାହି, ଶାକସିଂହା, ସୁଲେଇମାଳ, କୁରୁଡୋଲ, କାଣ୍ଡସର ଦେଇ ନାଲ୍‌କୋ ଯାଏ ରାସ୍ତାରୁ ଜବରଦଖଲ ଉଚ୍ଛେଦ ସହ ପ୍ରଶସ୍ତୀକରଣ, କୁମଣ୍ଡରୁ କେନାଲ ରାସ୍ତା ଦେଇ ଜରାସିଂହା, ମଝିକା, ବେଣାଗାଡ଼ିଆ, ଡେରଜାଙ୍ଗ ପ୍ରକଳ୍ପ, ହରିବେରଣୀ, ରନ୍ତଲେଇ, ପଞ୍ଚମହଲା ପର୍ଯ୍ୟନ୍ତ ରାସ୍ତା ବାହାର କରାଯିବ। ଅନୁଗୋଳ ଟାଉନ ଉଚ୍ଚ ବିଦ୍ୟାଳୟଠାରୁ ଅନୁଗୋଳ ରେଲଷ୍ଟେଶନ ଯାଏ ପ୍ରାୟ ଅଢ଼େଇ କିଲୋମିଟର କେନାଲ ରାସ୍ତାର ପୁନରୁଦ୍ଧାର କରାଯିବ। ଭଣ୍ଡୁବର ଛକ ଠାରୁ କେନାଲ ରାସ୍ତାରେ ଅମଲାପଡ଼ା ଦେଇ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତା ବାହାର କରାଯିବ। ଭଣ୍ଡୁବର କେନାଲ ବ୍ରିଜ ଠାରୁ ଅନୁଗୋଳ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ ଯାଏ କେନାଲ ଦୁଇ ପାଖରେ ରାସ୍ତା ବାହାର କରାଯିବ। ଅନୁଗୋଳର କେନାଲ ରାସ୍ତାଗୁଡିକୁ କିଛି ଲୋକ ଜବରଦଖଲ କରି ଘର କରି ରହିଥିବା ବେଳେ ଆଉ କିଛି ଲୋକ ଭଡ଼ାରେ ଦେଇଛନ୍ତି। ମ୍ୟୁନିସପାଲିଟି, ଜଳସେଚନ ଏବଂ ଆର୍‌ଆଣ୍ଡବି ବିଭାଗର ମିଳିତ ଉଦ୍ୟମରେ ଜବରଦଖଲ ହୋଇଥିବା ରାସ୍ତାରୁ ଉଚ୍ଛେଦ ଆରମ୍ଭ କରାଯିବ। ଡିଏମ୍‌ଏଫ୍ ପାଣ୍ଠି ସହଯୋଗରେ ଏହିସବୁ ରାସ୍ତା ନିର୍ମାଣ କରାଯିବ। କେତେ ଜାଗା ଜବରଦଖଲ ହୋଇଛି ଏବଂ କେତେ ଲୋକ ଜବରଦଖଲ କରିଛନ୍ତି ତାହାର ଡ୍ରୋନ ସର୍ଭେ କରାଯିବା ସହ ଗୁପ୍ତ ତାଲିକା ପ୍ରସ୍ତୁତି ଚାଲିଛି। ଅନୁଗୋଳର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଠିକଣା ସମୟରେ ଠିକଣା ପଦକ୍ଷେପ ନିଆଯିବ ବୋଲି ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ପ୍ରକାଶ କରିଛନ୍ତି।

# ହାତୀ ସଂରକ୍ଷଣ ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱ

ଅନୁଗୋଳ,୧୨।୮ (ମାନସ ବିଶ୍ୱାଳ)

ଅନୁଗୋଳ ବନ ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ରେଞ୍ଜରେ ବିଶ୍ୱ ହାତୀ ଦିବସ ପାଳନ କରାଯାଇଛି। ହାତୀ ସଂରକ୍ଷଣ ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ଛାତ୍ରୀଛାତ୍ର, ଅଧ୍ୟାପକ ଏବଂ ବନ ଅଧିକାରୀମାନଙ୍କୁ ଏକତ୍ରିତ କରାଯାଇଥିଲା। ଅନୁଗୋଳ, ବନ୍ତଲା, ଛେଣ୍ଡିପଦା, ଜରପଡ଼ା, କଣିହାଁ ଏବଂ ତାଳଚେର ସମେତ ପ୍ରମୁଖ ରେଞ୍ଜରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷାଗତ ଆଲୋଚନାରେ ହାତୀର ପରିବେଶଗତ ଗୁରୁତ୍ୱ ଓ ବାସସ୍ଥାନ କ୍ଷତି ଏବଂ ମଣିଷ-ହାତୀ ସଂଘର୍ଷ ଯୋଗୁ ସୃଷ୍ଟି ହେଉଥିବା ଚ୍ୟାଲେଞ୍ଜ ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ କଲେଜ ଏବଂ ସ୍କୁଲ ଛାତ୍ରୀଛାତ୍ରମାନେ ଚାରାରୋପଣ, ସଚେତନତା ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଅନୁଗୋଳ ବନ ବିଭାଗ ହାତୀ କରିଡରକୁ ସୁରକ୍ଷା ଦେବା ଏବଂ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସୁନିଶ୍ଚିତ କରିବାରେ ସମ୍ପ୍ରଦାୟର ସମ୍ପୃକ୍ତି ଓ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲା। କାର୍ଯ୍ୟକ୍ରମରେ ସମସ୍ତ ବନଖଣ୍ଡ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ।


ବନ ବିଭାଗ ଅଧିକାରୀଙ୍କ ସହ ଛାତ୍ରୀମାନେ।

# ଯୁଦ୍ଧକାଳୀନ ଭିତ୍ତିରେ ଶେଷହେଉ ୫୫ନଂ. ଜାତୀୟ ରାଜପଥ କାର୍ଯ୍ୟ

### ସଂସଦରେ ଢେଙ୍କାନାଳ ଏମ୍‌ପିଙ୍କ ଦାବି

ଅନୁଗୋଳ, ୧୨।୮ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲାର ବଡ଼କେରାଠାରୁ ଆଠଗଡ଼ ଦେଇ ଭୁବନେଶ୍ୱର ଯାଇଥିବା ରାସ୍ତାକୁ ୨୦୧୫ରେ ଜାତୀୟ ରାଜପଥ ଭାବେ ଘୋଷଣା କରାଯାଇଥିଲା। ଏହାକୁ ପୁରୁଣା କଟକ-ସମ୍ବଲପୁର ରାସ୍ତା ବୋଲି କୁହାଯାଏ। ଏହି ପୁରୁଣା ରାଜପଥର ବିକାଶ ପାଇଁ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ସଂସଦର ଚଳିତ ଅଧିବେଶନରେ ଆଲୋଚନା କରିବାକୁ ଲିଖିତ ନିବେଦନ କରିଛନ୍ତି। ଏଥିସହିତ କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଚାରି ଲାଇନ ବିଶିଷ୍ଟ ନିର୍ମାଣକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ଦାବି କରିଛନ୍ତି। ସେହିପରି ତାଳଚେରରୁ ଅନୁଗୋଳ ଏବଂ ହିନ୍ଦୋଳ ଏନ୍‌ଏସି ଦେଇ ନରସିଂହପୁରରୁ ଗୋପାଳପୁର ବନ୍ଦର (ପୋର୍ଟସିଟି) ପୁରୁଣା ପରିକଳ୍ପନା ରହିଛି। ତେଣୁ କୋଲ୍ ସିଟି ତାଳଚେରରୁ ପୋର୍ଟ ସିଟି ଗୋପାଳପୁର ପର୍ଯ୍ୟନ୍ତ ରାଜପଥ ନିର୍ମାଣ, ଜାତୀୟ ରାଜପଥ ମଶାଣିଆରୁ କେନ୍ଦୁଝର ଜିଲାର ନରଣପୁର ତିଆରି କରିବା ପାଇଁ ଗୋଟିଏ ସଂକଳ୍ପକୁ ଶୀଘ୍ର ତ୍ୱରାନ୍ୱିତ କରାଯିବା ଉପରେ ଏମ୍‌ପି ପାଣି ଉଲ୍ଲେଖ କରିଛନ୍ତି।

# ଗାଡ଼ି ଧକ୍କାରେ ଯୁବକ ମୃତ

ଖମାର,୧୨।୮ (ରଜନୀକାନ୍ତ ମହାରଣା)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାର ଥାନା ୧୪୯ ନଂ. ଜାତୀୟ ରାଜପଥର କଲଣ୍ଡା ନିକଟରେ ଏକ ଗାଡ଼ି ଧକ୍କାରେ କଲଣ୍ଡା ଗ୍ରାମର ବସନ୍ତ ମହାନ୍ତିଙ୍କ ମୃତ୍ୟୁ ହୋଇଛି। ବସନ୍ତ ସକାଳୁ ଶୌଚ ହେବା ପାଇଁ ଯାଉଥିବାବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଦାବିରେ କଲଣ୍ଡା ଗ୍ରାମବାସୀ ରାସ୍ତାରୋକୋ କରିବାରୁ ଉକ୍ତ ରାସ୍ତାରେ ଶତାଧିକ ଗାଡ଼ି ଅଟକି ରହିଥିଲା। ଘଟଣାସ୍ଥଳରେ ଖମାର ପୋଲିସ ଓ ତହସିଲଦାର ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହିତ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

# ମା' ଖୁମ୍ବେଶ୍ୱରୀଙ୍କ ବାର୍ଷିକ ପୂଜା

ଛେଣ୍ଡିପଦା,୧୨।୮ (ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଶିମିଳିପାଳ ପଞ୍ଚାୟତର ଚରାକାନି ଖୁମ୍ବେଶ୍ୱରୀ ପିଢ଼ଠାରେ ମଙ୍ଗଳବାର ମା'ଙ୍କ ବାର୍ଷିକ ପୂଜା ପାଳିତ ହୋଇଯାଇଛି। ପୂଜକ ଭାଲୁ ଦେହୁରୀଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପ୍ରଥମେ ବୁଢାପୀଢ଼ରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଶିମିଳି ଗଛ ମୂଳରେ ଥିବା ମା' ଖୁମ୍ବେଶ୍ୱରୀଙ୍କ ପୂଜା ଅନୁଷ୍ଠିତ ହୋଇଥଲା। ଚରାକାନୀ ଗ୍ରାମବାସୀଙ୍କ ପକ୍ଷରୁ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା ହୋଇଥଲା। କାର୍ଯ୍ୟକ୍ରମରେ ଛେଣ୍ଡିପଦାର ପୂର୍ବତନ ବିଧାୟକ ସୁଶାନ୍ତ କୁମାର ବେହେରା ଏବଂ କଂଗ୍ରେସ ନେତ୍ରୀ ସସ୍ମିତା ବେହେରା, ଶିମିଳିପାଳ ପଞ୍ଚାୟତର ସମିତିସଭ୍ୟା କୁନ୍ତଳା ମାଝୀ ଅନ୍ନ ପ୍ରସାଦ ବଣ୍ଟନକୁ ଉଦ୍‌ଘାଟନ କରିଥିଲେ। ଖୁମ୍ବେଶ୍ୱରୀ କ୍ଲବର ଅମର ସାହୁ, ଆଶିଷ କୁମାର ସାହୁ, ସଚିନ ମାଝୀ, ବିନୋଦ ବିହାରୀ ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ପୂଜ୍ୟପୂଜା ପରମ୍ପରା ବଜାୟ ଉଦ୍ଦେଶ୍ୟରେ ପ୍ରତିଯୋଗିତା

ଆଠମଲ୍ଲିକ,୧୨।୮ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଉତ୍କଳ ସମ୍ମିଳନୀ ଓ ସ୍ମୃତି ପାଠାଗାରର ମିଳିତ ଆନୁକୂଲ୍ୟରେ ପୂଜ୍ୟପୂଜାକୁ ସମ୍ମାନ ଦେଇ ଆଠମଲ୍ଲିକର ପ୍ରଜାବତ୍ସଳ ରାଜା କିଶୋର ଚନ୍ଦ୍ର ଦେଓଙ୍କ ସିଂହାସନ ଆରୋହଣର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ଉପଖଣ୍ଡର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ପ୍ରବନ୍ଧ, ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। 'ନୂତନ ଶିକ୍ଷା ନୀତିର ଆହ୍ୱାନ ଏବଂ ସମ୍ଭାବନା' ପ୍ରବନ୍ଧର ବିଷୟ ବସ୍ତୁ ଥିଲାବେଳେ କନିଷ୍ଠ ବିଭାଗର ଚିତ୍ରାଙ୍କନ ପ୍ରତିଯୋଗିତାର ସ୍ୱଚ୍ଛ ଭାରତ, ବରିଷ୍ଠ ବିଭାଗରେ ଜଙ୍ଗଲ ନିଆଁର ପରିବେଶ ଜୈବ ବିବିଧତା ଉପରେ ପ୍ରଭାବ ବିଷୟବସ୍ତୁ ରହିଥିଲା। ଠାକୁରଗଡ଼ ଡିଗ୍ରୀ କଲେଜ, କିଶୋରନଗର ଡିଗ୍ରୀ କଲେଜ, ଠାକୁରଗଡ଼ ହାଇସ୍କୁଲ, ଶାସ୍ତ୍ରିଜୀ ହାଇସ୍କୁଲରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ବହୁ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଆଗାମୀ ଦିନରେ ପୁରସ୍କାର ଦେଇ ସମ୍ମାନିତ କରାଯିବ। ସମସ୍ତ କାର୍ଯ୍ୟକ୍ରମକୁ ଉତ୍କଳ ସମ୍ମିଳନୀର ସାଙ୍ଗଠନିକ ସମ୍ପାଦିକା ଲିପିକା ମହାପାତ୍ର ପରିଚାଳନା କରିଥିବା ବେଳେ କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ, ଅଧ୍ୟକ୍ଷା ପ୍ରତିମା ବାଘ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଦେହୁରୀ, ଅଧ୍ୟାପିକା ଡ. କଲ୍ୟାଣୀ ରୂପା ମିଶ୍ର, ଶିକ୍ଷକ ଦୀପକ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କୃଷି ବିଭାଗ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଚଢ଼ାଉ

ପାଲଲହଡ଼ା,୧୨।୮ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡରେ ସାର ବିହନ ବିକ୍ରି କରୁଥିବା ଦୋକାନଗୁଡ଼ିକ ଉପରେ ମଙ୍ଗଳବାର ବ୍ଲକ କୃଷି ବିଭାଗ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଉପଖଣ୍ଡରେ ସାରା ବିହନ ବିକ୍ରି କରିବା ପାଇଁ ୪୭ ଜଣ ଲାଇସେନ୍ସ ପାଇଥିବା ବେଳେ ଏନ୍‌ଫୋର୍ସମେଣ୍ଟ ଟିମ୍ ୩ ଦିନ ତଳେ ପାଲଲହଡ଼ା ଟାଉନରେ ଥିବା ୩ଟି ଦୋକାନରେ ଚଢ଼ାଉ କରିଥିଲା। ସେହିପରି ମଙ୍ଗଳବାର ଖମାର ଥାନା ଅଞ୍ଚଳର ୮ ଦୋକାନ ଉପରେ ଚଢ଼ାଉ କରାଯାଇଥିଲା। ଏହି ଦୋକାନୀମାନେ ଚାଷୀମାନଙ୍କୁ ଚଢ଼ା ଦରରେ ସାର ଓ ବିହନ ବିକ୍ରି କରୁଥିବା ବେଳେ ରେଟ୍ ଚାଟ ମାରୁ ନାହାନ୍ତି କି ଷ୍ଟକ ରେଜିଷ୍ଟର ରଖୁ ନ ଥିବା ଅଭିଯୋଗ ହେଉଥିଲା। ବ୍ଲକ କୃଷି ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ସହକାରୀ କୃଷି ଅଧିକାରୀ ମାନସୀ ମୋନାଲିସା ନାଏକ ଓ ରାକେଶ ସାହୁ ପ୍ରମୁଖ ଏହି ଚଢ଼ାଉ କରିବା ସହ ଉକ୍ତ ୧୧ଟି ଦୋକାନୀଙ୍କୁ ନୋଟିସ କରିଛନ୍ତି। ସନ୍ତୋଷଜନକ ଉତ୍ତର ନ ମିଳିଲେ ସେମାନଙ୍କ ଲାଇସେନ୍ସ ରଦ୍ଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ଚାଳକ ଗିରଫ, ୨ ବାଇକ୍ ଜବତ

ବଇଣ୍ଡା, ୧୨।୮ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ପୋଲିସ ସୋମବାର ଗାଡ଼ି ଯାଞ୍ଚ କରିବା ବେଳେ ମଦ୍ୟପାନ କରି ବାଇକ୍ ଚଳାଉଥିବା ଅଭିଯୋଗରେ ଧଡ଼ରପାଳ ଗ୍ରାମର ହାଡ଼ିବନ୍ଧୁ ସାହୁଙ୍କୁ ଗିରଫ କରିଛି। ତାଙ୍କ ବାଇକ୍‌କୁ ଜବତ କରିଛି। ଏ ନେଇ ନମ୍ବର ୩୦୩/୨୫ରେ ଏକ ମାମଲା ରୁଜୁ କରିଛି। ସେହିପରି ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ଗାଡ଼ି ଯାଞ୍ଚ ବେଳେ ମଦ୍ୟପାନ କରି ବାଇକ୍ ଚଳଉଥିବା ଅଭିଯୋଗରେ ଟାପଢ଼ୋଲ ଅଞ୍ଚଳ ପି. ବେହେରାଙ୍କୁ ଗିରଫ କରିଛି। ତାଙ୍କ ବାଇକ୍‌କୁ ଜବତ କରିଛି। ଏ ନେଇ ନମ୍ବର ୨୨୯/୨୫ରେ ଏକ ମାମଲା ରୁଜୁ କରିଛି।

# ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଯୋଗଦେଲେ ବିଧାୟକ

ଛେଣ୍ଡିପଦା,୧୨।୮ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ମଙ୍ଗଳବାର ବିଭିନ୍ନ ପଞ୍ଚାୟତ ଗସ୍ତରେ ଆସି ଉନ୍ନୟନମୂଳକ କାର୍ଯ୍ୟରେ ସାମିଲ ହୋଇଥିଲେ। ଜରପଡା ମଣ୍ଡଳ ଡୁକୁଡ଼ାର ମା' ଦକ୍ଷିଣକାଳୀ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ପରେ ସ୍ଥାନୀୟ ଜନତାଙ୍କ ସହିତ ସାମିଲ ହୋଇ ସଫେଇ କାର୍ଯ୍ୟ ସହ ଚାରାରୋପଣ କରିଥିଲେ। ପରେ ଜରପଡ଼ା ପତିତପାବନ ମହାବିଦ୍ୟାଳୟ ଗସ୍ତକରି ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ଶିକ୍ଷାର ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହାପରେ ଜରପଡା ବନାଞ୍ଚଳ ପକ୍ଷରୁ ପତିତପାବନ ମହାବିଦ୍ୟାଳୟରେ ଜରପଡା ରେଞ୍ଜର ମାଧବାନନ୍ଦ ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବିଶ୍ୱହସ୍ତୀ ଦିବସ ଓ ଅନ୍ତର୍ଜାତୀୟ ଯୁବ ଦିବସ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପରେ କଙ୍କରେଇ ଉଚ୍ଚ ବିଦ୍ୟାଳୟ, ବାହାଲସାହି ପ୍ରାଇମେରୀ ବିଦ୍ୟାଳୟ, ପିଢଖମଣ ପ୍ରାଇମେରୀ ବିଦ୍ୟାଳୟ, କଙ୍କରେଇ ପ୍ରାଇମେରୀ ବିଦ୍ୟାଳୟ, ରାଇଝରଣ ପଞ୍ଚାୟତର ଟାଙ୍ଗରସାହି ପ୍ରାଇମେରୀ ବିଦ୍ୟାଳୟ ଓ ରାଇଝରଣ ଉଚ୍ଚ ବିଦ୍ୟାଳୟରେ ଲଗାଯାଇଥିବା ଅତ୍ୟାଧୁନିକ ସ୍ମାର୍ଟ ବୋର୍ଡକୁ ଉଦ୍‌ଘାଟନ କରିଥିଲେ। ସେଠାରେ ଉପସ୍ଥିତ କମ୍ପାନୀ କର୍ମଚାରୀଙ୍କୁ କୋଇଲା ଖନନ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସିଏସ୍‌ଆର୍ ଖର୍ଚ୍ଚ ଅଟକଳକୁ ବୃଦ୍ଧି କରି ଲୋକଙ୍କ ମୌଳିକ ସମସ୍ୟାକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ବିଧାୟକ ବ୍ରାହ୍ମଣବିଲ ଗସ୍ତକରି ସେଠାରେ ମା' ରାମଚଣ୍ଡୀଙ୍କ ପୂଜାରେ ସାମିଲ ହୋଇଥିଲେ। ଶିମିଳିପାଳ ପଞ୍ଚାୟତ ଗସ୍ତକରି ଚରାକାନି ଗ୍ରାମରେ ମା' ଖୁମ୍ବେଶ୍ୱରୀଙ୍କ ବାର୍ଷିକ ପୂଜାରେ ସାମିଲ ହୋଇ ଆଶିର୍ବାଦ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ସୁଦୀପ୍ତ ଗଡ଼ନାୟକ, ବ୍ଲକ ପ୍ରତିନିଧି ବିଜୟ ମାଝୀ, ଜରପଡା ମଣ୍ଡଳ ସଭାପତି ଜୀବନାନନ୍ଦ ସାହୁ, କହ୍ନେଇ ସାହୁ, ଲୁଲୁ ବିଶ୍ୱାଳ, ସୁନୀଲ କୁମାର ପ୍ରଧାନଙ୍କ ସମେତ ବହୁ ଭାଜପା କର୍ମୀ ଯୋଗଦେଇଥିଲେ।



ମା' ଦକ୍ଷିଣକାଳୀ ମନ୍ଦିର ସମ୍ମୁଖରେ ବିଧାୟକଙ୍କ ସହ ଅନ୍ୟମାନେ।

# ଭାଜପା ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା ଯାତ୍ରା

ବଇଣ୍ଡା, ୧୨।୮ (ପରିକ୍ଷିତ ସାହୁ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)/ ପବିତ୍ରନଗର (ନିରୋଜ ପ୍ରଧାନ)/ ଛେଣ୍ଡିପଦା (ଅଜିତ ଧଳ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଭାଜପା ମଣ୍ଡଳ ପକ୍ଷରୁ ମଙ୍ଗଳବାର ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜାମୁନାଳି ଶହୀଦ ଚନ୍ଦ୍ରକାନ୍ତ ପ୍ରଧାନଙ୍କ ପ୍ରତିମୂର୍ତ୍ତି ସ୍ଥାନ ନିକଟରୁ ଏହି ଶୋଭାଯାତ୍ରା ଆରମ୍ଭ କରାଯାଇ ବାଦୀବାହାଳ, ବଇଣ୍ଡା ଦେଇ କୁଶବଣିଆ ସାହିରେ ସମାପ୍ତ ହୋଇଥିଲା। ଏହି ଯାତ୍ରାରେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ, ପୂର୍ବତନ ବିଧାୟକ ରମେଶ ସାଏ, ଜିଲା ଭାଜପା ଉପ ସଭାପତି ଅର୍ଜୁନ କୁମାର ସାହୁ, ପୂର୍ବତନ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ଭାଜପା ନେତା ଧ୍ରୁବ ଚରଣ ସାହୁ, ରାଜେନ୍ଦ୍ର ସାହୁ, ଅଜିତ ପଟ୍ଟନାୟକ, ଲୁଲୁ ସାହୁ, ରମେଶ କୁମାର ବେହେରାଙ୍କ ସମେତ ବହୁ ଭାଜପା କର୍ମୀ ଯୋଗ ଦେଇଥିଲେ। ସେହିପରି ଅନୁଗୋଳ ଜିଲା ଆଠମଲ୍ଲିକ ଏନ୍‌ଏସି ତରଫରୁ ଗତ ୨ ତାରିଖରୁ ଚାଲିଥିବା ତ୍ରିରଙ୍ଗା ମହୋତ୍ସବରେ ମଙ୍ଗଳବାର ସ୍ଥାନୀୟ କଲ୍ୟାଣମଣ୍ଡପ ପରିସରରେ ନୃତ୍ୟ, ଗୀତ ଓ ସଚେତନତା ସଭା କରାଯାଇଥିଲା। ଏହି ଉତ୍ସବରେ ଅଧ୍ୟକ୍ଷ ଆଶା କୁମାରୀ ସାହୁ, ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ଆକାଉଣ୍ଟାଣ୍ଟ ନିର୍ମଳ ବେହେରା, ସିଇଓ ସଙ୍ଗୀତା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ, ନୃତ୍ୟ ପରିବେଷଣ ହୋଇଥିଲା। ସେହିପରି ଅନୁଗୋଳ ଜିଲା କଣିହାଁ ବ୍ଲକ ପବିତ୍ରନଗର ନଗରଠାରେ ଭାଜପା ତରଫରୁ ମଙ୍ଗଳବାର ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଲଲହଡା ବିଧାୟକ ଅଶୋକ କୁମାର ମହାନ୍ତି ଯୋଗଦାନ କରିଥିଲେ। ପବିତ୍ରନଗର ମଣ୍ଡଳ ସଭାପତି ମନୋଜ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ପରାବିଲ ପଞ୍ଚାୟତଠାରୁ ଆରମ୍ଭ ହୋଇ ପବିତ୍ରନଗର ବଜାରରେ ଶେଷ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଭାଜପା ଜିଲା ସଭାପତି ଯଯାତି ପଟ୍ଟନାୟକ, ପାଲଲହଡା ସଂଯୋଜକ ପ୍ରହଲ୍ଲାଦ ସାମଲ, ଜିଲା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ, ବନୋଜ ପ୍ରଧାନ, ରମାକାନ୍ତ ସାହୁ, ରେଙ୍ଗାଳି ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନ, ରମେଶ ଚନ୍ଦ୍ର ପ୍ରଧାନ, ଦୁଃଖବନ୍ଧୁ ବେହେରା, ହୃଷୀକେଶ ସାମଲ ଓ ପ୍ରିୟରଞ୍ଜନ ମହାନ୍ତି ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ସହିତ ମଣ୍ଡଳ ସାଧାରଣ ସମ୍ପାଦକ ସୁନୀଲ କୁମାର ପ୍ରଧାନ ଓ ପ୍ରତାପ ରଞ୍ଜନ ପ୍ରଧାନ, ଶକ୍ତିକେନ୍ଦ୍ର ପ୍ରମୁଖ, ବୁଥ୍ ସଭାପତି ଓ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ସେହିପରି ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ୧୪ ନମ୍ବର ଜୋନ୍‌ର ଖମାରଠାରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବାଗଡ଼ିଆ ମଣ୍ଡଳ ସଭାପତି ତ୍ରିଲୋଚନ ବେହେରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅନୁଗୋଳ ଜିଲା ଭାଜପା ଉପସଭାପତି ଚୌଧୁରୀ ପ୍ରଧାନ ଓ ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଆଇଟି ସେଲ୍ ସଂଯୋଜକ ଅକ୍ଷୟପାଦ ବେହେରା ପ୍ରମୁଖ ଯୋଗଦେଇଥିଲେ। ସମିତି ସଭ୍ୟ ଦୀପକ ସାହୁ, ଭରତ ଗଡ଼ନାୟକ, ମନୋରଞ୍ଜନ ଆଚାର୍ଯ୍ୟ, ବିପିନ ବିହାରୀ ନାଥ, ବସନ୍ତ ସାହୁ, ବିଶ୍ୱନାଥ ଦେହୁରୀଙ୍କ ସମେତ ବହୁ ପୁରୁଷ ଓ ମହିଳା ଯୋଗଦେଇଥିଲେ।


ବଇଣ୍ଡା ଭାଜପା ମଣ୍ଡଳ ପକ୍ଷରୁ ତ୍ରିରଙ୍ଗା ଯାତ୍ରା କରାଯାଉଛି।

# ୭ମାସରେ ୨୪୨ ଦୁର୍ଘଟଣାରେ ୧୦୩ ମୃତ

**ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ**

- ଜାତୀୟ ରାଜପଥରେ ସର୍ବାଧିକ ଦୁର୍ଘଟଣା
- ସଚେତନତା ଉପରେ ଗୁରୁତ୍ୱ ପ୍ରଦାନ
- ବସଷ୍ଟାଣ୍ଡ ସମସ୍ୟା ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ

ଢେଙ୍କାନାଳ,୧୨।୮(ରତନ ନାୟାର) ଢେଙ୍କାନାଳ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ମଙ୍ଗଳବାର ଅପରାହ୍ନ ୪ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ହଲଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ସଡ଼କ ସୁରକ୍ଷାକୁ ନେଇ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିବା ସହିତ ଜାତୀୟ ରାଜପଥରେ ବେଆଇନ ଭାବେ ବିଭିନ୍ନ ସ୍ଥାନରେ ହୋଇଥିବା କଟିଙ୍ଗକୁ ବନ୍ଦ କରିବା ପାଇଁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ କହିଥିବା ବେଳେ ଆବଶ୍ୟକ ପଡ଼ିଲେ ଏଥିପାଇଁ ଜିଲା ପ୍ରଶାସନ ଓ ପୋଲିସର ସହାୟତା ପ୍ରଦାନ କରାଯିବ ବୋଲି କହିଥିଲେ। ସେହିପରି ଢେଙ୍କାନାଳ ବସଷ୍ଟାଣ୍ଡରେ ଉପୁଜିଥିବା ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବସଷ୍ଟାଣ୍ଡରେ ସମସ୍ତ ଗାଡ଼ି ଷ୍ଟାଣ୍ଡ ଭିତରକୁ ଯିବେ ଏବଂ ଯାତ୍ରୀ ମାନଙ୍କ ସୁବିଧା ପାଇଁ ଢେଙ୍କାନାଳ ଦେଇ ଯାଉଥିବା ବସ ଗୁଡ଼ିକର ସମୟ ସାରଣୀ ବସଷ୍ଟାଣ୍ଡରେ ଲିଖିବଦ୍ଧ କରିବା ପାଇଁ ଓଏସଆରଟିସିର ପରିଚାଳିକାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକର ଆଲୋଚନାରୁ ଜଣାପଡ଼ିଛି ଯେ, ଗତ ଜାନୁଆରୀ ମାସରୁ ଜୁଲାଇ ମାସ ମଧ୍ୟରେ ଜିଲାର ଜାତୀୟ ରାଜପଥ ସମେତ ବିଭିନ୍ନ ରାସ୍ତାରେ ମୋଟ ୨୪୨ଟି ଦୁର୍ଘଟଣା ଘଟି ୧୦୩ଜଣ ମୃତ୍ୟୁବରଣ କରିଥିବା ବେଳେ ୧୮୦ଜଣ ଆହତ ହୋଇଛନ୍ତି। ଜୁଲାଇ ମାସରେ ୨୭ଟି ଦୁର୍ଘଟଣା ଘଟିଥିବା ବେଳେ ୧୦ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୧୯ଜଣ ଆହତ ହୋଇଛନ୍ତି। ୨୦୨୪ ଅପେକ୍ଷା ୨୦୨୫ ବର୍ଷରେ ଜିଲାରେ ଦୁର୍ଘଟଣା ୨.୧୦ ପ୍ରତିଶତ ବୃଦ୍ଧି। ଜାତୀୟ ରାଜପଥରେ ସର୍ବାଧିକ ଦୁର୍ଘଟଣା ଘଟିଥିବା ସୂଚନା ଦିଆଯାଇଥିଲା। ଢେଙ୍କାନାଳ ଜିଲାର ସଦର ଥାନା ଅଞ୍ଚଳରେ ୭ମାସ ମଧ୍ୟରେ ସର୍ବାଧିକ ୪୬ଟି ଦୁର୍ଘଟଣା ଘଟି ୨୧ଜଣ ମୃତ୍ୟୁବରଣ କରିଥିବା ବେଳେ କାମାକ୍ଷାନଗର ଥାନା ଅଂଚଳରେ ୩୭ଟି ଦୁର୍ଘଟଣା ଘଟି ୧୮ଜଣ ଓ ପରଜଙ୍ଗ ଥାନା ଅଞ୍ଚଳରେ ୨୮ଟି ଦୁର୍ଘଟଣା ଘଟି ୧୨ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ବସଷ୍ଟାଣ୍ଡ ଅଂଚଳରେ ଟ୍ରାଫିକ ସମସ୍ୟାର ସମାଧାନ ଉପରେ ଜିଲାପାଳ ଗୁରୁତ୍ୱ ପ୍ରଦାନ କରିଥିଲେ। ଢେଙ୍କାନାଳ ସହରର ପ୍ରବେଶଦ୍ୱାର ଆନନ୍ଦ ନଗରଠାରୁ ବାଇପାସ ଛକ ପର୍ଯ୍ୟନ୍ତ ଆପ୍ରୋଚ୍ ରୋଡର ଉନ୍ନତିକରଣ ତୁରନ୍ତ ସାରିବା ଉପରେ ଏସ୍‌ପି ଅଭିନବ ସୋନକର ଗୁରୁତ୍ୱ ପ୍ରଦାନ କରିଥିଲେ। ଆବଶ୍ୟକ ପଡ଼ିଲେ ସେଥିପାଇଁ ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି ସେ କହିଥିଲେ। ସେହିପରି ଜାତୀୟ ରାଜପଥରେ ଆଲୋକିକରଣ କାର୍ଯ୍ୟକ୍ରମ ବିଦ୍ୟୁତ ବିଭାଗର ଅସହଯୋଗ ଯୋଗୁ ଅଟକି ରହିଛି ବୋଲି ଜାତୀୟ ରାଜପଥ କର୍ତ୍ତୃପକ୍ଷ କହିଥିଲେ। ଏହି ଜାତୀୟ ରାଜପଥର ରସାସିଂହ, ପଶାସିଂହ ଏବଂ ଓଡାପଡାଠାରେ ହାତୀ ଚଲାପଥ କାର୍ଯ୍ୟ ଶେଷ ହୋଇଥିବା ଜାତୀୟ ରାଜପଥ ପ୍ରାଧିକରଣର ଅଧିକାରୀ ମାନେ ସୂଚନା ଦେଇଥିଲେ। ସେହିପରି କୋଠିଆ ବାଇପାସ ଛକ ନିକଟରେ କାମାକ୍ଷାନଗରକୁ ଆଡ଼କୁ ଯିବା ପାଇଁ ଏକ ବ୍ୟବସ୍ଥା କରିବା ନିମନ୍ତେ ଏସ୍‌ପି କହିଥିଲେ। ଢେଙ୍କାନାଳ କଲେଜ ବାଇପାସର ଫ୍ଲାଏଓଭର କାର୍ଯ୍ୟ ଶେଷ ହୋଇଥିବା ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଥିଲା। ସେହିପରି ଢେଙ୍କାନାଳ ଦେଇ ରାଉରକେଲା, ଭିଲାଇ, ରାୟପୁର, ବରଗଡ଼, ସମ୍ବଲପୁର ଆଦି ଅଞ୍ଚଳକୁ ଯାଉଥିବା କିଛି ଦୂରଗାମୀ ବସ ମାନଙ୍କର ଢେଙ୍କାନାଳ ସହର ଦେଇ ଯିବା ପାଇଁ ପରମିଟ୍ ଥିବା ବେଳେ କିଛି ବସ୍ ପୁରୁଣା କଟକ-ସମ୍ବଲପୁର ରାସ୍ତାଦେଇ ଯାଉଥିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଯୋଗୁ ଏ ସମ୍ପର୍କରେ ଯାଞ୍ଚ କରିବା ପାଇଁ ସଦସ୍ୟମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ୫୫ନଂ ଜାତୀୟ ରାଜପଥ ଓଡାପଡା ଓ ୫୩ନଂ ଜାତୀୟ ରାଜପଥର ଭୁବନ ଅଂଚଳରେ ପାନିଯଜଳ ଯୋଗାଣ ପାଇଁ ପାଇପ୍ ବସାଇବା କାର୍ଯ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅସହଯୋଗରେ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେବାରୁ ଏ ସମ୍ପର୍କରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ, ଆଞ୍ଚଳିକ ପରିବହନ ଅଧିକାରୀ ଓ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଘଟଣା ସ୍ଥଳରେ ପରିଦର୍ଶନ କରି ମିଳିତ ଭାବେ ପଦକ୍ଷେପ ନେବା ପାଇଁ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ ଗତ ବୈଠକର ଆଲୋଚନା ଓ ପ୍ରସ୍ତାବ ଗୁଡ଼ିକ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ବୈଠକରେ ନୂତନ ରୂପେ ଭାବେ ଯୋଗ ଦେଇଥିବା ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁ, ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବେପରୁଆ ଓ ନିଶାସକ୍ତ ହୋଇ ଗାଡିଚାଳନା ଉପରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ପାଇଁ ସୂଚନା ଦେଇଥିଲେ। ମୋଟରଯାନ ନିରୀକ୍ଷକ ଦେବାଶିଷ ସ୍ୱାଇଁ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ସାର୍ଥକ ଦତ୍ତ, କମିଟିର ସଦସ୍ୟ ଅପର୍ଣ୍ଣା ରଥ, ବିରଞ୍ଚି ନାରାୟଣ ପାଣି, ପ୍ରଦ୍ୟୁମ୍ନ ରଥ, ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପ ନିର୍ଦ୍ଦେଶକ ବିନେଶ କୁମାର ଚୌଧୁରୀ, ସାଇଟ୍ ଇଞ୍ଜିନିୟର ଉତ୍ପଳ ମଣ୍ଡଳ, ଓଏସ୍ଆରଟିସି ଢେଙ୍କାନାଳ ପରିଚାଳିକା ରଶ୍ମୀ ପ୍ରିୟଦର୍ଶିନୀ ଓ ବସ ମାଲିକ ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

# ହାତୀଙ୍କ ସୁରକ୍ଷା, ସଂରକ୍ଷଣ ସମସ୍ତଙ୍କ ଦାୟିତ୍ୱ

**କପିଳାସରେ ବିଶ୍ୱ ହାତୀ ଦିବସ**

ଗଣ୍ଡିଆ,୧୨।୮ (ବିଶ୍ୱମୋହନ ସାହୁ) ଢେଙ୍କାନାଳ ଜିଲାର କପିଳାସ ଠାରେ ଥିବା ହାତୀ ଉଦ୍ଧାର କେନ୍ଦ୍ରରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ପାଳିତ ହେଉଛି ବିଶ୍ୱ ହାତୀ ଦିବସ। ବନ ବିଭାଗ ପକ୍ଷରୁ ହାତୀ ମାନଙ୍କୁ ସୁସଜ୍ଜିତ କରାଯାଇ ବିଭିନ୍ନ ସୁସ୍ୱାଦ ଫଳ ସହ କଦଳୀ ଖାଇବା ପାଇଁ ଦିଆଯାଇଥିଲା। ଏହା ସହିତ ସାଧାରଣ ଲୋକମାନେ ସହ ସ୍କୁଲ ଛାତ୍ରଛାତ୍ରୀ ମାନେ ଆସି ହାତୀମାନଙ୍କୁ ଅତି ପାଖରୁ ଦେଖି ଖୁସି ମନାଇଥିଲେ। ହାତୀ ମାନଙ୍କ ବିଷୟରେ ପିଲାମାନଙ୍କୁ ଅବଗତ କରାଇବା ସହ ହାତୀ ମଣିଷ ସଂଘର୍ଷରେ ସଚେତନ କରାଯାଇଥିଲା। ହାତୀ ଆମ ସାଥି ଏହାକୁ ସୁରକ୍ଷା ପ୍ରଦାନ କରିବା ସମସ୍ତଙ୍କର ଦାୟିତ୍ୱ ବୋଲି ବନ ବିଭାଗ ଅଧିକାରୀ ପ୍ରକାଶ କରିଛନ୍ତି। ମଙ୍ଗଳବାର ସକାଳୁ ହାତୀକୁ ଗାଧୁଆ କରିବାପରେ ଚନ୍ଦନ ସିନ୍ଦୁର ଦେଇ ସଜାଯିବା ସହ ସୁସ୍ୱାଦ ଫଳ ପ୍ରଦାନ କରାଯାଇଥିଲା। କପିଳାସ ହାତୀ ଉଦ୍ଧାର କେନ୍ଦ୍ରରେ ୩ଗୋଟି ହାତୀ ଶିବା, ପଦ୍ମା ଓ ଶ୍ୟାମାଙ୍କୁ ସୁସଜ୍ଜିତ ବେଶରେ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ସହକାରୀ ବନ ସଂରକ୍ଷକ ଡ. ଶ୍ୟାମା ଭାରତୀ, ଷଡଙ୍ଗୀ ଓ କପିଳାସ ବନାଂଚଳ ଅଧିକାରୀ ଗିରିଶ ଚନ୍ଦ୍ର ନାୟକ, ହାତୀଙ୍କ କେୟାର ଟେକର ଅନୀଲ କୁମାର ଦାସ, ସମସ୍ତ ପରେଷ୍ଟର ଓ ଅନ୍ୟ ବନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ସହକାରୀ ବନ ସଂରକ୍ଷକ ଡ଼. ଶ୍ୟାମା ଭାରତୀ କୁହନ୍ତି ଯେ, ଆଜି ବିଶ୍ୱ ହାତୀ ଦିବସ' ପାଳନ କରୁଛି ସାରା ବିଶ୍ୱ। ବିଶ୍ୱ ହାତୀ ଦିବସ ୧୨ ଅଗଷ୍ଟ ୨୦୧୨ରେ ଆରମ୍ଭ ହୋଇଥିଲା। ହାତୀ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାରା ବିଶ୍ୱରେ ହାତୀଙ୍କ ପାଇଁ ସଚେତନତା ଏବଂ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା। ହାତୀକୁ ଜାତୀୟ ଐତିହ୍ୟ ପ୍ରାଣୀ ଭାବେ ଘୋଷଣା କରାଯାଇଛି। ଏପରି ପରିସ୍ଥିତିରେ, ହାତୀଙ୍କୁ ସୁରକ୍ଷା ଦେବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ। ଜଙ୍ଗଲ ନଷ୍ଟ ହେବା ଦ୍ୱାରା ହାତୀମାନେ ଗାଁ ମୁହାଁ ହେଉଛନ୍ତି। ଯଦି ଆମେ ପୁଣି ଜଙ୍ଗଲ ସୃଷ୍ଟି କରି ପରିବେଶ ସୁନ୍ଦର ରୂପ ଦେବା ପୁଣି ହାତୀ ମାନେ ଜଙ୍ଗଲରେ ରହିବେ। ତେଣୁ ସମସ୍ତେ ଗଛ ଲଗାଇ ପରିବେଶକୁ ସୁନ୍ଦର କରନ୍ତୁ। ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି ଯେ, ଅଗଷ୍ଟ ୧୨ରେ ଆମେ ବିଶ୍ୱ ହାତୀ ଦିବସ ପାଳନ କରୁ। ଓଡ଼ିଶାର ଢେଙ୍କାନାଳ ଏକ ହାତୀବହୁଳ ଅଂଚଳ। ଆଗରୁ ୨୧୦ ପାଖାପାଖି ହାତୀ ଥିବା ବେଳେ ଏବେ ୩୦୦ ରୁ ଊର୍ଦ୍ଧ୍ୱ ହାତୀ ରହିଛନ୍ତି। ଭୋର ୪ଟା ରୁ ସକାଳ ୭ଟା ପର୍ଯ୍ୟନ୍ତ ହାତୀ ମଣିଷ ମୁହାଁମୁହିଁ ହେବା ଘଟଣା ଅଧିକ ହେଉଛି। ତେଣୁ ଲୋକମାନେ ଏହି ସମୟରେ ବାହାରକୁ ଶୌଚ ପାଇଁ ନଯିବାକୁ ବାର୍ତ୍ତା ଦେଇଥିଲେ। ବନାଞ୍ଚଳ ଅଧିକାରୀ ଗିରିଶ ଚନ୍ଦ୍ର ନାୟକ କୁହନ୍ତି ଯେ, ଆଜି ଆମେ ଯେପରି ଜନ୍ମଦିନ ପାଳୁ ସେହିପରି ହାତୀ ମାନଙ୍କର ଆଜି ଜନ୍ମ ଦିନ ଭଳି ଲାଗୁଛି। ହାତୀମାନେ କେବଳ ପ୍ରାଣୀ ନୁହେଁ, ସେମାନେ ପ୍ରକୃତିର ଅମୂଲ୍ୟ ଧନ। ଆସନ୍ତୁ ସେମାନଙ୍କୁ ସୁରକ୍ଷା କରିବାରେ ଆମର ଦାୟିତ୍ୱ ପୁରଣ କରିବା। ହାତୀଙ୍କର କେୟାର ଟେକର ଅନୀଲ କୁମାର ଦାସ କୁହନ୍ତି ଯେ ସବୁଦିନ ହାତୀଙ୍କ ସହ ଆମେ ସାଙ୍ଗ ଭଳି ମିଶିଥାଉ। ଆଜି ତାଙ୍କ ମାନଙ୍କ ପାଇଁ ଖୁସିର ଦିନ ଆଜି ତାଙ୍କୁ ସଜେଇଛୁ ଆଉ ସେମାନେ ବହୁତ ଖୁସି ଅଛନ୍ତି। ସର୍ବଶେଷରେ ସମସ୍ତ ହାତୀ କେୟାର ଟେକର ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ଢେଙ୍କାନାଳ,୧୨।୮(ରତନ ନାୟାର) ଢେଙ୍କାନାଳ ସହରରେ ଭାଜପା ନଗର ମଣ୍ଡଳ, ଭାପୁର ମଣ୍ଡଳ, ଶଙ୍କରପୁର ମଣ୍ଡଳ ଓ ଗୋବିନ୍ଦପୁର ମଣ୍ଡଳ ତରଫରୁ ତ୍ରିରଙ୍ଗା ଯାତ୍ରା ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବାଜିଚୌକ ଠାରେ ସହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଦେବା ପରେ ପତାକା ଦେଖାଇ 'ତ୍ରିରଙ୍ଗା ଯାତ୍ରା'ର ଶୁଭାରମ୍ଭ କରିଥିଲେ। ଏହାପରେ ଭାଜପାର କାର୍ଯ୍ୟକର୍ତ୍ତା, ବିଭିନ୍ନ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ ଓ ସମସ୍ତ ବର୍ଗର ଜନସାଧାରଣ ହାତରେ ତ୍ରିରଙ୍ଗା ପତାକା ଧରି ଦେଶାତ୍ମବୋଧ ନାରା, ଗୀତ ଓ ବାଦ୍ୟ ସହିତ ଏକ ବିଶାଳ ଶୋଭାଯାତ୍ରାରେ ବାଜିଚୌକ ଠାରୁ ମୁଖ୍ୟ ରାସ୍ତା ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଭାରତ ମାତାଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲେ। ସେଠାରେ ଭାରତମାତା, ଅନ୍ୟାନ୍ୟ ମହାପୁରୁଷ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଶୋଭାଯାତ୍ରା ଅବସରରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲା ମିଡିଆ ପ୍ରଭାରୀ ନବ କିଶୋର ଗୁରୁ, ଜିଲା ଉପସଭାପତି ମାତୃପ୍ରସାଦ ନନ୍ଦ, ବିଷ୍ଣୁ ପ୍ରସାଦ ଲେଙ୍କା, ଭାରତୀ ସ୍ୱାଇଁ, ଜିଲା ସାଧାରଣ ସଂପାଦକ ରତିକାନ୍ତ ସାହୁ, ଓଡିଶା ସମବାୟ ବ୍ୟାଙ୍କ ପୂର୍ବତନ ସଭାପତି ଅକ୍ଷୟ କୁମାର ମହାନ୍ତି, ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂହଦେଓ, ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ଅନୁସୂଚିତ ଜାତି ଜିଲା ସଭାପତି ଲକ୍ଷ୍ମୀଧର ଦଲେଇ, ନଗରମଣ୍ଡଳ ସଭାପତି ବିକାଶ ଚନ୍ଦ୍ର ସାହୁ, ଶଙ୍କରପୁର ମଣ୍ଡଳ ସଭାପତି ସୁଶିଲ୍ ରାଉତ, ଭାପୁର ମଣ୍ଡଳ ସଭାପତି ଲକ୍ଷ୍ମୀଧର ରାଉତ, ଗୋବିନ୍ଦପୁର ମଣ୍ଡଳ ସଭାପତି ରଞ୍ଜିତ୍ ବିଶାଲ, କାଉନ୍‌ସିଲର ନିରୋଦ କୁମାର ସାହୁ, ସୂର୍ଯ୍ୟପ୍ରତାପ ରାଉତ, ଲକ୍ଷ୍ମୀପ୍ରିୟା ଦଲେଇ, ବଳରାମ ସେଠୀ, ମମତା ମଲ୍ଲିକ, ସୁମିତ୍ରା ମଲ୍ଲିକ, ମନ୍ତ୍ରୀଙ୍କ ପ୍ରତିନିଧି ସନ୍ତୋଷ କୁମାର ରାଉତ, ଜ୍ଞାନ ରଞ୍ଜନ ନାୟକ, ଏମ୍‌ପିଙ୍କ ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ, ବରିଷ୍ଠ ନେତା ସତ୍ୟବାନ ପାତ୍ର, ରଞ୍ଜନ ସାହୁ, ନଗର ଓବିସି ସଭାପତି ସନ୍ତୋଷ ବେହେରା, ଧ୍ରୁବଚରଣ ସ୍ୱାଇଁ, ବିଭୁତି ଷେଣ୍ଢେ, ପଦ୍ମଭୂଷଣ ସାହୁ, ମହାଦେବ ପାତ୍ର, ସୁନିଲ୍ ବେହେରା, ସନ୍ତୋଷ ମହାଖୁଡ, ସୁଚିତ୍ର ବେହେରା, ଉଲି ନାୟକ, ମାଳବିକା ସ୍ୱାଇଁ, ସୋନି ସାହୁ, ଦୀପକ ପଟ୍ଟନାୟକ, ରବି ନାରାୟଣ ମିଶ୍ର ଓ ପପୁ ପାଣିଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ତ୍ରିରଙ୍ଗା ଯାତ୍ରାରେ ସାମିଲ୍ ହୋଇଥିଲେ।



ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା।

# ଢେଙ୍କାନାଳ ପୋଲିସର ଅପରେଶନ 'ଗରୁଡ଼'

**୬ ମାରଣାସ୍ତ୍ର ଜବତ, ୭ ଗିରଫ**

ଢେଙ୍କାନାଳ,୧୨।୮ (ରତନ ନାୟାର) ଢେଙ୍କାନାଳ ଜିଲା ପୋଲିସର ଏକ ସ୍ୱତନ୍ତ୍ର ଚଢ଼ଉ ଅପରେଶନ 'ଗରୁଡ଼' ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ଅଭିନବ ସୋନକରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଚଢାଉରେ ୭୩ଟି ୱାରେଣ୍ଟ ଏକ୍‌ଜିକ୍ୟୁଟ୍ କରାଯାଇଥିବା ବେଳେ ୬ଟି ମାରଣାସ୍ତ୍ର ଜବତ କରାଯାଇ ୭ଜଣଙ୍କୁ ଗିରଫ କରାଯାଇଛି। ବେନିୟମ ଭାବେ ମାରଣାସ୍ତ୍ର ରଖିବାରୁ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି। ସେହିପରି ୩୬ ଜାମିନ ବିହୀନ ପରୱାନା ଜାରି କରାଯାଇଛି। ସେହିପରି ୪୧ଟି ଅବକାରୀ ମାମଲା ରୁଜୁ ହୋଇଥିବା ବେଳେ ଏଥିରେ ୧୨ଜଣଙ୍କୁ ଗିରଫ କରାଯାଇଥିବା ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ବ୍ରାହ୍ମଣୀ ନଦୀରୁ ମୃତଦେହ ଜବତ

**ଓଡ଼ାପଡ଼ା, ୧୨।୮ (ରଞ୍ଜିତ ନାୟକ):** ହିନ୍ଦୋଳ ରୋଡ ଅଗ୍ନିଶମ ବାହିନୀ ପକ୍ଷରୁ ସୋମବାର ସକାଳେ ବ୍ରାହ୍ମଣୀ ନଦୀରୁ ଏକ ମୃତଦେହ ଜବତ କରାଯାଇଛି। ହିନ୍ଦୋଳ ରୋଡ ଫାଣ୍ଡି ଅନ୍ତର୍ଗତ ଏକଘରିଆ ଗ୍ରାମର ସନ୍ତୋଷ ବେହେରା (୫୮) ନିକଟସ୍ଥ ବ୍ରାହ୍ମଣୀ ନଦୀକୂଳ ନିକଟରେ ଗାଈ ଚରାଇବା ପାଇଁ ଯାଇ ଘରକୁ ଫେରିନଥିଲେ। ଫଳରେ ପରିବାର ଲୋକେ ଖୋଜାଖୋଜି କରିବା ପରେ ସନ୍ତୋଷଙ୍କୁ ନ ପାଇବାରୁ ନଦୀରେ ପଡିଯାଇଥିବା ସନ୍ଦେହ କରି ହିନ୍ଦୋଳ ରୋଡ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଅଧିକାରୀ ନବଘନ ମଲ୍ଲିକଙ୍କ ନେତୃତ୍ୱରେ ବ୍ରାହ୍ମଣୀ ନଦୀରେ ଖୋଜାଖୋଜି କରିଥିଲେ ମଧ ଅନ୍ଧାର ରାତିରେ ସନ୍ତୋଷଙ୍କୁ ପାଇ ନ ଥିଲେ। ମଙ୍ଗଳବାର ସକାଳେ ଖୋଜାଖୋଜି କରିବା ପରେ ସନ୍ତୋଷଙ୍କ ମୃତଦେହ ଜବତ କରିଥିଲେ। ତେବେ ହିନ୍ଦୋଳ ରୋଡ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଢେଙ୍କାନାଳ ଡାକ୍ତରଖାନାକୁ ପଠାଇ ତଦନ୍ତ ଚଳାଇଥିବା ଜଣାପଡିଛି।

# ବିଦ୍ୟୁତ୍ ଆଘାତରେ ଜନସ୍ୱାସ୍ଥ୍ୟ ବିଭାଗର ଅସ୍ଥାୟୀ କର୍ମଚାରୀ ମୃତ

**ଭୁବନ, ୧୨।୮ (ବିପିନ ବିହାରୀ ସେଠୀ):** ଢେଙ୍କାନାଳ ଜିଲା ଭୁବନ ଏନଏସି ୧୫ ନମ୍ବର ଓାର୍ଡ ବାରିଜଙ୍ଗ ଗ୍ରାମର ନିରଞ୍ଜନ ନାୟକ (୪୮) ବିଦ୍ୟୁତ ଆଘାତରେ ମଙ୍ଗଳବାର ସକାଳେ ମୃତ୍ୟୁବରଣ କରିଛନ୍ତି। ନିରଞ୍ଜନ ଭୁବନ ଜନସ୍ୱାସ୍ଥ୍ୟ ବିଭାଗର ଜଣେ ଅସ୍ଥାୟୀ କର୍ମଚାରୀ। ସେ ମଙ୍ଗଳବାର ଭୋର ସମୟରେ ପାଣି ପମ୍ପ ଚଳାଇବାକୁ ଯାଇଥିଲେ। ସେଠାରେ ସେ ଅଚେତ ଅବସ୍ଥାରେ ପଡ଼ିଥିଲେ। ସେହି ରାସ୍ତା ଦେଇ ଗ୍ରାମର କିଛି ମହିଳା ସ୍ନାନ କରିବାକୁ ଯାଉଥିଲେ। ନିରଞ୍ଜନ ଅଚେତ ହୋଇ ପଡିଥିବା ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ତାଙ୍କୁ ଭୁବନ ଡାକ୍ତରଖାନାକୁ ନେଇ ଆସିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ପକ୍ଷରୁ ଭୁବନ ଥାନାରେ ଅଭିଯୋଗ ପରେ ପୋଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ସିଡିଏ ବିଡାନାସୀ ଶାଖା**
ସିଡିଏ, ସେକ୍ଟର-୬, ମର୍କତ ନଗର, ବିଡାନାସୀ, କଟକ,
ଇମେଲ: ubin0558869@unionbankofindia.bank, ମୋ: ୯୩୯୮୨୬୩୭୯୯

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୯.୦୮.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ଋଣଗ୍ରହୀତାମାନେ: ମେସର୍ସ ସାଗର ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଶ୍ରୀ ବିରାଜ ଛୋଟରାୟ,** ସମ୍ରାଟ ହଲ୍ ନିକଟ, ସା/ପୋ/ଥାନା: ମଧୁପାଟଣା, ଜିଲ୍ଲା: କଟକ - ୭୫୩୦୧୦, **ଶ୍ରୀ ବିରାଜ ଛୋଟରାୟ,** ପିତା: ୰ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଡ଼େଇସାହି, ମାଛୁଆ ବଜାର, ପୋ: ବକ୍ସି ବଜାର, କଟକ - ୭୫୩୦୦୧ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅଜୟ କୁମାର ମହାନ୍ତି,** ପିତା: ସୁରେନ୍ଦ୍ର ମହାନ୍ତି, ସା: ନିମାଇସାପୁର, ପୋ: ଆୟତପୁର, ଭାୟା: କିଶାନନଗର, କଟକ ସଦର, କଟକ - ୭୫୪୧୩୧ / **ବକେୟା ରାଶି: ଟ.୧୧,୦୯,୧୯୧.୦୨ +** ତତ୍ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ବିରାଜ ଛୋଟରାୟ,** ପିତା: ୰ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଡ଼େଇସାହି, ମାଛୁଆ ବଜାର, ବକ୍ସି ବଜାର, କଟକ - ୭୫୩୦୦୧ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୯୭, ଖାତା ନଂ.: ୩୪୨, ଥାନା ନଂ.: ୪, ଥାନା: ମଙ୍ଗଳାବାଗ, ମୌଜା: କଟକ ସଦର ୟୁନିଟ୍-୧୮ ବକ୍ସି ବଜାର, **ମୋଟ ଜମିର କ୍ଷେତ୍ର: ଏକର ୦.୦୯୭ ଡିସିମିଲି ଯାହା ୪୨୨୫ ବର୍ଗଫୁଟ,** ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୬୧୩, ଦକ୍ଷିଣ: ପ୍ଲଟ୍ ନଂ.: ୫୯୮, ପୂର୍ବ: ପ୍ଲଟ୍ ନଂ.: ୫୯୬, ପଶ୍ଚିମ: ପ୍ଲଟ୍ ନଂ.: ୬୧୨ | ଟ.୭୯,୦୫,୦୦୦/- / ଟ.୭,୯୦,୫୦୦/- / ଟ.୭୯,୦୫୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା

ଇ-ନିଲାମ ତାରିଖ ଏବଂ ସମୟ: ତା. ୨୯.୦୮.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ/ମ୍ୟାପ୍‌ଡ୍ କରି ଦାଖଲ କରିବେ

ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍:
https://baanknet.com & https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: କଟକ
ତାରିଖ: ୧୨.୦୮.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

DSPL-203

Government of Odisha


# ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମରେ ପଞ୍ଜୀକରଣ

ଏତଦ୍ୱାରା ଓଡିଶାର ସମସ୍ତ ମତ୍ସ୍ୟକ୍ଷେତ୍ରରେ କାର୍ଯ୍ୟରତ ଅଣସଙ୍ଗଠିତ ମତ୍ସ୍ୟଜୀବୀ, ମାଛଧରାଳୀ, ମତ୍ସ୍ୟପାଳକ, ବ୍ୟବସାୟୀ, ପ୍ରକ୍ରିୟାକରଣକାରୀ, ମତ୍ସ୍ୟ ଉପାଦାନ ଉତ୍ପାଦନକାରୀ ଓ ଅନ୍ୟାନ୍ୟ ସମସ୍ତ ହିତାଧିକାରୀ ମାନଙ୍କୁ ଏକତ୍ରିତ କରି ଗୋଟିଏ ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ପଞ୍ଜୀକରଣ କରି ଏହି କ୍ଷେତ୍ରକୁ ସୁସଂଗଠିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଅଟେ।

ଏଥି ନିମନ୍ତେ ମତ୍ସ୍ୟ କ୍ଷେତ୍ର ସହିତ ଜଡିତ ସମସ୍ତଙ୍କୁ ନିଜ ମୋବାଇଲ ମାଧ୍ୟମରେ ସ୍ୱୟଂ ପଞ୍ଜୀକରଣ କିମ୍ବା ଜନସେବା କେନ୍ଦ୍ର ସହାୟତାରେ ପଞ୍ଜୀକୃତ ହେବା ପାଇଁ ନିମ୍ନ ପ୍ରଦତ୍ତ ୱେବ ସାଇଟ ରେ(nfdp.dof.gov.in) କ୍ଲିକ କରି ନିଜର ଆବଶ୍ୟକୀୟ ତଥ୍ୟ ପ୍ରଦାନ କରନ୍ତୁ।

ଏଥି ନିମନ୍ତେ ଆବଶ୍ୟକ ହେଉଥିବା ଦସ୍ତାବିଜ ଗୁଡିକ ହେଲା:

୧) ପାସପୋର୍ଟ ଫଟୋ
୨) ମୋବାଇଲ ପଞ୍ଜୀକୃତ ଆଧାର ନମ୍ବର
୩) ବ୍ୟାଙ୍କ ପାସ ବହି
୪) ଜାତିଗତ ପ୍ରମାଣ ପତ୍ର
୫) ଦିବ୍ୟାଙ୍ଗ ପ୍ରମାଣ ପତ୍ର



**ପଞ୍ଜୀକରଣ କରିବାଦ୍ୱାରା ମିଳୁଥିବା ଲାଭଗୁଡିକ ନିମ୍ନରେ ପ୍ରଦତ୍ତ ହେଲା:**

- ସ୍ୱୟଂ ପଞ୍ଜୀକରଣ ସଂପୂର୍ଣ୍ଣ କଲେ ପ୍ରତି ବ୍ୟକ୍ତିଙ୍କୁ ଏକଶହ ଟଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରାପ୍ତ ହେବ। ଜନସେବା କେନ୍ଦ୍ର ମାଧ୍ୟମରେ ପଞ୍ଜୀକରଣ କରାଇଲେ ପ୍ରତି ବ୍ୟକ୍ତିଙ୍କୁ ଟ ୭୬.୪୦ ଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରାପ୍ତ ହେବ।
- ୨୦୨୫-୨୬ ବର୍ଷଠାରୁ ସମସ୍ତ NFDP ପଞ୍ଜୀକୃତ ବ୍ୟକ୍ତିହିଁ GAIS ବୀମାଭୁକ୍ତ ହେବେ । ପୂର୍ବର ସମସ୍ତ GAIS ହିତାଧିକାରୀ ନିଶ୍ଚିତ ପଞ୍ଜୀକୃତ ହୁଅନ୍ତୁ ନଚେତ ସେମାନେ ଏହି ଯୋଜନାରୁ ବଞ୍ଚିତ ହେବେ।
- ମତ୍ସ୍ୟ କ୍ଷେତ୍ରକୁ ଅନୁଷ୍ଠାନିକ ବ୍ୟାଙ୍କ ଋଣ ପ୍ରଦାନ, ଅଣୁ ଉଦ୍ୟୋଗ ପ୍ରବେଶ ନିମନ୍ତେ ସହାୟତା ତଥା ଆନୁସଙ୍ଗିକ ସହାୟତା ମିଳିବାରେ ସୁବିଧା ପ୍ରଦାନ ।
- ଜଳକୃଷି ବୀମାକରଣ ନିମନ୍ତେ ଏହି NFDP ପଞ୍ଜୀକରଣ ବାଧ୍ୟତାମୂଳକ ଅଟେ।
- ମତ୍ସ୍ୟଚାଷ ମୂଲ୍ୟ ଶୃଙ୍ଖଳର ଦକ୍ଷତା ବୃଦ୍ଧି ପାଇଁ ସହାୟତା ପାଇବାକୁ ହେଲେ ଏହି ପଞ୍ଜୀକରଣ ନିତାନ୍ତ ଆବଶ୍ୟକ।
- ମତ୍ସ୍ୟ ଓ ମତ୍ସ୍ୟ ଉତ୍ପାଦର ସୁରକ୍ଷା ଓ ଗୁଣାତ୍ମକ ନିଶ୍ଚିତତା ଗ୍ରହଣ ଓ ବିସ୍ତାରର ଲାଭ ଉଠାଇବା ପାଇଁ ଏହି ପଞ୍ଜୀକରଣର ଆବଶ୍ୟକତା ପଡିବ।

ଉପରୋକ୍ତ ଲାଭ ହାସଲ କରିବା ପାଇଁ ନିଜେ ପଞ୍ଜୀକୃତ ହେବା ସହ ଅନ୍ୟ ସମସ୍ତଙ୍କୁ ପଞ୍ଜୀକୃତ ହେବା ପାଇଁ ଉତ୍ସାହିତ କରନ୍ତୁ।

**ମତ୍ସ୍ୟକ୍ଷେତ୍ରକୁ ସୁସଙ୍ଗଠିତ କରିବା ଓ ମତ୍ସ୍ୟକ୍ଷେତ୍ରର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା।**

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡିଶା, କଟକ**

OIPR-06030/13/0048/2526

# ପାଳଛତୁ ଚାଷ ପ୍ରସ୍ତୁତି



ପାଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ଼ ଓସାରିଆ ଟିଣ ପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡ଼ାବିଡ଼ାଗୁଡ଼ିକୁ (୩୦ ବିଡ଼ା) ୧୨ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା' ପରେ ନଡ଼ା ଛାଣି ନଡ଼ାରୁ ଅଧିକ ପାଣି ନିଗାଡ଼ିଦେବା ପାଇଁ ବିଡ଼ାଗୁଡ଼ିକୁ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡ଼ାକରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡ଼ି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାରକରି ତାକୁ ଭାଗ କରନ୍ତୁ। ଭାଡ଼ି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡ଼ା ନଡ଼ାକୁ ଖୋଲି ବିଛାଇଦିଅନ୍ତୁ। ଯେପରି ନଡ଼ା ମୂଳଭାଗ ବାହାରକୁ ରହିବ। ତା'ପରେ ସେହି ଛତୁମଞ୍ଜି ଖଣ୍ଡଗୁଡିକ ଉପରେ ଏକ ଭାଗ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ବୁଣିଦିଅନ୍ତୁ। ବର୍ତ୍ତମାନ ୨ୟ ସ୍ତର ନଡ଼ା(୯ ବିଡ଼ାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା' ପରେ ତୃତୀୟ ସ୍ତର ନଡ଼ା (୯ ବିଡ଼ାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡ଼େ ଓ ମଝିରେ ମଧ୍ୟ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡ଼ଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡ଼ା ନଡ଼ାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ – ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡ଼ାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢି ଦିଅନ୍ତୁ। ପଲିଥିନ୍ କାଢ଼ିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ – ୪ ଥର ପାଣି ସ୍ପ୍ରେ କରନ୍ତୁ।

# ବର୍ଷାଦିନେ ପ୍ରାଣୀଙ୍କ ରୋଗ ଓ ପ୍ରତିକାର



ବର୍ଷାଦିନେ ଗୋରୁଙ୍କୁ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗ ହୋଇଥାଏ। ସେଥିମଧ୍ୟରୁ ସାହାଣା ଓ ଫାଟୁଆ ଚଉଆ ପ୍ରଧାନ ।

**ସାହାଣା ରୋଗ:** ଏହା ପ୍ରାପ୍ତ ବୟସ୍କ ଗୋରୁଙ୍କଠାରେ ଦେଖାଯାଏ। ଏହି ରୋଗ ହେଲେ ଗୋରୁଙ୍କ ଶାରୀରିକ ଉତ୍ତାପ ବୃଦ୍ଧି ପାଇ ୧୦୪ରୁ୧୦୬ ଡିଗ୍ରୀ ଫାରେନ୍‌ହାଇଟ୍ ହୋଇଥାଏ। ନାକରୁ ପ୍ରଥମେ ପତଳା ଓ ପରେ ମୋଟା ବହଳ ସିଙ୍ଘାଣି ବାହାରେ।

**ଚିକିତ୍ସା ପଦ୍ଧତି:** ବିଭିନ୍ନ ଆଣ୍ଟିବାଓଟିକ୍ସ ଇଞ୍ଜେକ୍ସନ୍ ଯଥା ସଲ୍‌ଫାମିଡିନ୍, ଆମ୍ପିସିଲିନ୍, ଅକ୍ସିଟେଟ୍ରାସାଇକ୍ଲିନ୍ ଇତ୍ୟାଦି ୩–୫ ଦିନ ପର୍ଯ୍ୟନ୍ତ ଦିଆଗଲେ ସୁଫଳ ମିଳେ।

**ପ୍ରତିଷେଧକ ବ୍ୟବସ୍ଥା:** ୨ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ଗୋରୁଙ୍କୁ ବର୍ଷାଦିନ ଆରମ୍ଭରୁ ଏଚ୍.ଏସ୍. ଟିକା ଦେଇଦେବା ଦରକାର।

**ଫାଟୁଆ ଚଉଆ:** ଏହି ରୋଗରେ ଶାରୀରିକ ଉତ୍ତାପ ୧୦୪ ରୁ ୧୦୬ ଡିଗ୍ରୀ ଫାରେନ୍‌ହାଇଟ୍ ହୋଇଥାଏ। ହଠାତ୍ ଗାଈ ଦୁଗ୍ଧ ଦେବା ବନ୍ଦ କରିଦିଏ। ଖୁରା, ପାଟି, ପହ୍ନା ବା ଚିରରେ ଫୋଟକା ହୋଇ ୨ ରୁ ୩ ଦିନ ମଧ୍ୟରେ ଫାଟି ଘା ସୃଷ୍ଟି ହୁଏ।

**ଚିକିତ୍ସା ପଦ୍ଧତି:** ଆକ୍ରାନ୍ତ ଗୋରୁର ଖୁରାକୁ ନଖ ଉଷୁମ ପାଣିରେ ୨ ରୁ ୫ ପ୍ରତିଶତ ଖାଇବା ସୋଡ଼ା ସହ ମିଶାଇ ଭଲ ଭାବେ ଧୋଇଦିଅନ୍ତୁ ଓ ସେଥିରେ ହିମ୍‌କ୍ସ ମଲମ ଲଗାନ୍ତୁ। ପାଟିରେ ଘା ହୋଇଥିଲେ ଖାଇବା ସୋଡ଼ା ନଖ ଉଷୁମ ପାଣିରେ ଭଲ ଭାବରେ ଧୋଇ ବୋରୋଗ୍ଲିସେରିନ୍ ତରଳ ଲଗାନ୍ତୁ। ସଂକ୍ରମଣରୁ ରକ୍ଷାପାଇବା ପାଇଁ ଆଣ୍ଟିବାୟୋଟିକ୍ ଇଞ୍ଜେକ୍ସନ୍ ଦିଅନ୍ତୁ।

# ଅର୍ଥକରୀ ଫଳଚାଷ



ଡ. ପରେଶ କୁମାର ପଣ୍ଡା

ଫଳଚାଷ ବହୁ ପୁରାତନ ସମୟରୁ ଚାଲିଆସିଛି। ଏପରିକି ୩୫୦୦ ବର୍ଷ ତଳୁ ଲୋକମାନେ ବିଭିନ୍ନ ପ୍ରକାର ଫଳଚାଷ କରୁଥିବାର ଅନେକ ପ୍ରମାଣ ତଥ୍ୟ ମିଳୁଛି। ଆମ ରାଜ୍ୟରେ ବିଶେଷଭାବରେ ଆମ୍ବ, ନଡ଼ିଆ, ପିଜୁଳି, ଲେମ୍ବୁଜାତୀୟ, ସପେଟା, କଦଳୀ, ଲିଚୁ, ଅମୃତଭଣ୍ଡା, ସପୁରି, ଡାଳିମ୍ବ, ଆତ ଓ ପଣସ ଉତ୍ପାଦିତ ହୋଇଥାଏ। ଏହିସବୁ ଫଳ ବିଶେଷଭାବରେ କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ସମ୍ବଲପୁର, ରାୟଗଡ଼ା, ଫୁଲବାଣୀ ଏବଂ ସୁନ୍ଦରଗଡ଼ ଜିଲାରେ ଅଧିକ ଚାଷ ହୋଇଥାଏ। ଆହୁରି ମଧ୍ୟ ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ଼, ରାୟଗଡ଼ା, କୋରାପୁଟ ଏବଂ ବାଲେଶ୍ୱର ଜିଲାରେ କଦଳୀଚାଷ, ଗଞ୍ଜାମ, ପୁରୀ, କଟକ ଏବଂ ବାଲେଶ୍ୱର ଜିଲାରେ ସପେଟା, ଅନୁଗୋଳରେ ଲିଚୁ ଚାଷ ଖୁବ୍ ଲୋକପ୍ରିୟ। ଆମ ରାଜ୍ୟରେ ପ୍ରାୟ ୩, ୪୦, ୪୮୦ ହେକ୍ଟର ଫଳ ଚାଷ ଅଞ୍ଚଳ ଏବଂ ୨୪, ୦୨,୩୦୦ ମେଟ୍ରିକ ଟନ୍ ଫଳ ଉତ୍ପାଦିତ ହେଉଛି।

ଦେଶରେ ନାନା ପର୍ବପର୍ବାଣିରେ ବିଭିନ୍ନ ପ୍ରକାର ଫଳ ପୂଜାରେ ଲାଗିଥାଏ। ଏଥିରେ ବିଭିନ୍ନ ପ୍ରକାର ଧାତବ ଲବଣ ଓ ଭିଟାମିନ୍ ରହିଥାଏ, ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ ଏକାନ୍ତ ଆବଶ୍ୟକ। ଫଳ ଗଛର ଚେର, ମୂଳ, ପତ୍ର, ଛେଲି ଇତ୍ୟାଦିକୁ ଔଷଧ ରୂପେ ବ୍ୟବହାର କରାଯାଏ। ଫଳଚାଷ ଖୁବ୍ ଲାଭଜନକ। ଫଳରେ ଜୈବିକ ଅମ୍ଳ ରହିଥାଏ। ଫଳ ଖାଇଲେ ହଜମ ଶକ୍ତି ବଢ଼ିଯାଏ ଓ ଭୋକ ଠିକ୍ ସମୟରେ ହୋଇଥାଏ। ଫଳରସ ରୋଗୀମାନଙ୍କ ପାଇଁ ଖୁବ୍ ଉପକାରୀ। ଫଳ ବଗିଚାରେ ମହୁଚାଷ କରି ଅଧିକ ଲାଭବାନ୍ ହେବାର ସୁଯୋଗ ରହିଛି। ଫଳଚାଷ ହେଉଥିବା ଅଞ୍ଚଳରେ ନାନା ପ୍ରକାର ଶିଳ୍ପ ପ୍ରତିଷ୍ଠା କରି ବହୁ ଲୋକଙ୍କୁ ନିଯୁକ୍ତି ଦିଆଯାଇପାରେ। ଫଳଗଛ ବୟସ୍କ ହେଲେ ତାହାର କାଠରୁ ଆସବାବପତ୍ର ତିଆରି ହୁଏ। ତାଳପତ୍ରକୁ ଜାଳେଣି ରୂପେ ବ୍ୟବହାର କରାଯାଇଥାଏ। ଆହୁରି ମଧ୍ୟ ଫଳକୁ ସଂରକ୍ଷଣକରି ରଖିପାରିଲେ ବର୍ଷର ଯେକୌଣସି ସମୟରେ ତାହାକୁ ବ୍ୟବହାର କରାଯାଇପାରିବ। ଫଳଚାରା ରୋପଣ ବର୍ଷାଦିନେ କରାଯାଏ। ଜଣେ ପ୍ରାପ୍ତ ବୟସ୍କ ଲୋକ ଦିନକୁ ୮୫ ଗ୍ରାମ ଫଳ ଖାଇବା ଦରକାର। ରୋଗ ହେଲେ ଆମ ଦେଶର ଲୋକମାନେ ଫଳକୁ ପଥ୍ୟ ହିସାବରେ ଖାଇଥାଆନ୍ତି। ଭିଟାମିନ୍–ଏ ଅଭାବରୁ ଅନ୍ଧାରକଣା, ଭିଟାମିନ୍–ବି ଅଭାବରୁ ବେରିବେରି ଓ ପାଲେଗ୍ରା ରୋଗ ହୁଏ। ଭିଟାମିନ୍–ସି ଅଭାବରୁ ସ୍କର୍ଭି ହୋଇଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତି କମିଯାଏ। ଅମୃତଭଣ୍ଡା, ଆମ୍ବ, କମଳା, ଗାଜର ପ୍ରଭୃତି ପାଚିଲା ଫଳରୁ ଯଥେଷ୍ଟ ପରିମାଣ ଭିଟାମିନ୍–ଏ ମିଳିଥାଏ। କାଜୁବାଦାମ, ସେଓ, ନାସ୍‌ପାତିରୁ ଭିଟାମିନ୍–ବି ମିଳିଥାଏ। କମଳା, ଲେମ୍ବୁ, ଅଁଳା, ପିଜୁଳି ପ୍ରଭୃତିରୁ ପ୍ରଚୁର ପରିମାଣର ଭିଟାମିନ୍–ସି ମିଳିଥାଏ। ପନିପରିବା ଓ ଫଳରୁ ବିଭିନ୍ନ ଧାତବ ଲବଣ ମିଳିଥାଏ। ଏଥିଲାଗି ଖରାଦିନେ ଥଣ୍ଡା ଫଳରସ ପିଇଲେ ଶରୀର ସୁସ୍ଥ ରହେ। ମନୁଷ୍ୟ ଶରୀରର ବିକାଶ ପାଇଁ ସ୍ରଷ୍ଟା ବିଭିନ୍ନ ଖାଦ୍ୟପଦାର୍ଥ ସୃଷ୍ଟି କରିଛନ୍ତି। ଏହି ପରିପ୍ରେକ୍ଷୀରେ କଞ୍ଚାଫଳ ଶରୀର ପାଇଁ ନିହାତି ଜରୁରୀ। ଏଥିରେ ଥିବା ପୋଷକ ତତ୍ତ୍ୱ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। କଞ୍ଚାଫଳ ସେବନ ଦ୍ୱାରା ମୋଟାପଣରୁ କେତେକାଂଶରେ ରକ୍ଷା ମିଳେ। ଜଣେ ସୁସ୍ଥ ମଣିଷ ପ୍ରତିଦିନ ସକାଳେ କଞ୍ଚାଫଳ ସେବନ କଲେ ଅନେକାଂଶରେ ନୀରୋଗ ଜୀବନ ବିତାଇପାରିବ ବୋଲି ସ୍ୱାସ୍ଥ୍ୟ ବିଜ୍ଞାନୀମାନେ ମତ ଦିଅନ୍ତି। ଫଳ ହୃଦ୍‌ରୋଗୀଙ୍କ ପାଇଁ ବେଶ୍ ଉପକାରୀ। ତା'ସହ ଉଚ୍ଚ ରକ୍ତଚାପ ଏବଂ କୋଲେଷ୍ଟରଲ ସମସ୍ୟାକୁ ଏହା ନିୟନ୍ତ୍ରଣରେ ରଖେ।

ଫଳ ସ୍ୱାସ୍ଥ୍ୟ ପାଇଁ ଯେତିକି ଉପାଦେୟ ଏହାର ଚାଷ ମଧ୍ୟ ସେପରି ଲାଭଜନକ। ୧ ଏକର ଅମୃତଭଣ୍ଡା ଲଗାଇଲେ ବର୍ଷକୁ ୧୫୦–୨୨୦ କୁଇଣ୍ଟାଲ ଫଳ ମିଳେ, ଯାହାର ଆନୁମାନିକ ମୂଲ୍ୟ ୧.୫ ଲକ୍ଷ ହେବ। ସେହିପରି ୧ ଏକର ନଡ଼ିଆ ବଗିଚାରୁ ବର୍ଷକୁ ପଇଡ଼ ଏବଂ ନଡ଼ିଆ ବାବଦରେ ପ୍ରାୟ ୨ ଲକ୍ଷ ଟଙ୍କା ମିଳିଥାଏ।

ପନିପରିବା ଓ ଶସ୍ୟଜାତୀୟ ଖାଦ୍ୟ ରୋଷେଇ ଦ୍ୱାରା ଭିଟାମିନ୍ କେତେକାଂଶରେ ହରାଇବସନ୍ତି। କିନ୍ତୁ ଫଳ ଆହାର ଦ୍ୱାରା ଆମକୁ ଭିଟାମିନ୍ ସହଜରେ ମିଳିଥାଏ। ଆମ ରାଜ୍ୟ ପାଇଁ ଫଳଚାଷ ଅତି ଗୁରୁତ୍ୱପୂର୍ଣ୍ଣ। ସେ ବିଷୟରେ କେତୋଟି କଥା–

**ମରୁଡ଼ି ଅଞ୍ଚଳରେ ଫଳଚାଷ**

ଆମ ରାଜ୍ୟର ୬୦ ଭାଗ ଜମିରେ ଜଳସେଚନର ସୁବିଧା ନାହିଁ। ସେସବୁ ଜମି ପାହାଡ଼ିଆ ଅଞ୍ଚଳ ଯେଉଁଥିରେ ଫଳଚାଷ ଭଲ ହୁଏ। ଫଳ ଗଛ ଲଗାଇବା ଦ୍ୱାରା ମାଟିରେ ପାଣି ସଞ୍ଚୟ ବୃଦ୍ଧି ଘଟିବା ସହ ଉର୍ବରିଆ ମାଟି ସଂରକ୍ଷିତ ହୋଇ ରହେ। ଅଧିକନ୍ତୁ, ଫଳ ଗଛ ମରୁଡ଼ି ସହିପାରେ। ତେଣୁ ଖାଦ୍ୟ ନିରାପତ୍ତା ପାଇଁ ସେସବୁ ଅଞ୍ଚଳରେ ଆମ୍ବ, ପିଜୁଳି, ଡାଳିମ୍ବ, ସୀତାଫଳ ଓ ଲେମ୍ବୁ ଇତ୍ୟାଦିର ବ୍ୟବସାୟିକ ଫଳଚାଷ ବ୍ୟାପକସ୍ତରରେ କରାଯାଇପାରିବ।

**ବନ୍ୟାଞ୍ଚଳ ଫଳଚାଷ**

ବନ୍ୟାପ୍ଲାବିତ ଅଞ୍ଚଳରେ ନଡ଼ିଆ, ଆମ୍ବ, ପିଜୁଳି ଓ ଅମୃତଭଣ୍ଡା ଇତ୍ୟାଦି ଚାଷକଲେ ସେଥିରୁ ଭଲ ଆୟ ମିଳିଥାଏ। ବାଡ଼ି ବଗିଚାରେ କିଛି ଫଳଗଛ ଲଗାଇଲେ, ସେଥିରୁ ହେଉଥିବା ଆୟରେ ବୁଢ଼ା କାଳେ ଯେନତେନ ପ୍ରକାରେ ଚାଷୀମାନେ ଚଳିଯାଆନ୍ତି।

**ସୁସ୍ଥ ପରିବେଶ**


ଫଳଚାଷ ରାଜ୍ୟରେ ଚାଷୀମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବା ସହ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇଥାଏ।

**ଅମଳ ଓ ବିପଣନ**

ପରିବା ପାଇଁ ବ୍ୟବହୃତ ଫଳ କଞ୍ଚା ଅବସ୍ଥାରେ ତୋଳାଯାଏ। ପାକଳ ଫଳକୁ ତୋଳି କାଗଜରେ ଗୁଡ଼ାଇ କାଠ କିମ୍ବା ପ୍ଲାଷ୍ଟିକ୍ ଝୁଡ଼ିରେ ପ୍ୟାକିଂକରି ବଜାରକୁ ପଠାଯାଏ ଓ ଭଲ ରୋଜଗାର ହୋଇଥାଏ। ଉଦ୍ୟାନ ଫସଲଗୁଡ଼ିକୁ ଥରେ ଲଗାଇଲେ ବେଶିଦିନ ରହିପାରେ। ତେଣୁ ତାହାର ପରିଚାଳନା ସହଜ ଓ କମ୍ ବ୍ୟୟସାପେକ୍ଷ ହୋଇଥାଏ। ଅନେକ ଅଞ୍ଚଳରେ ଲୋକ ଫଳ ଓ ପନିପରିବା ଚାଷକରି ଯଥେଷ୍ଟ ଉନ୍ନତ ହୋଇପାରିଛନ୍ତି। କେତେକ ଫଳ ପତିତ ଜମିରେ ଭଲ ରୂପେ ଚାଷ କରାଯାଇପାରିବ। ଫଳ ଓ ପନିପରିବା ପରିବହନ ପାଇଁ ଅନେକ ଯାନବାହନ ଦରକାର ହେଉଥିବାରୁ ଲୋକଙ୍କୁ କର୍ମନିଯୁକ୍ତି ଦିବସ ଅଧିକ ମିଳିଥାଏ। ସୁତରାଂ, ଉଦ୍ୟାନ ଫସଲ ବିଲ ଫସଲଠାରୁ ଅଧିକ ଲାଭଦାୟକ।

–ଜିଲା କୃଷି ଅଧିକାରୀ, ସାକ୍ଷୀଗୋପାଳ, ପୁରୀ
ମୋ : ୯୪୩୭୧୧୨୭୦୪

"ଫଳ ସ୍ୱାସ୍ଥ୍ୟ ପାଇଁ ଯେତିକି ଉପାଦେୟ ଏହାର ଚାଷ ମଧ୍ୟ ସେପରି ଲାଭଜନକ। ଏକ ଏକର ଅମୃତଭଣ୍ଡା ଲଗାଇଲେ ବର୍ଷକୁ ୧୫୦-୨୨୦ କୁଇଣ୍ଟାଲ ଫଳ ମିଳେ, ଯାହାର ଆନୁମାନିକ ମୂଲ୍ୟ ୧.୫ ଲକ୍ଷ ହେବ। ସେହିପରି ଏକ ଏକର ନଡ଼ିଆ ବଗିଚାରୁ ବର୍ଷକୁ ପଇଡ଼ ଏବଂ ନଡ଼ିଆ ବାବଦରେ ପ୍ରାୟ ୨ ଲକ୍ଷ ଟଙ୍କା ମିଳିଥାଏ। ପନିପରିବା ଓ ଶସ୍ୟଜାତୀୟ ଖାଦ୍ୟ ରୋଷେଇ ଦ୍ୱାରା ଭିଟାମିନ୍ କେତେକାଂଶରେ ହରାଇ ବସନ୍ତି। କିନ୍ତୁ ଫଳ ଆହାର ଦ୍ୱାରା ଆମକୁ ଭିଟାମିନ୍ ସହଜରେ ମିଳିଥାଏ। ଆମ ରାଜ୍ୟ ପାଇଁ ଫଳଚାଷ ଅତି ଗୁରୁତ୍ୱପୂର୍ଣ୍ଣ।"



## ଚାଷୀଙ୍କ ପାଇଁ..



ବାଇଗଣ ମଞ୍ଜି ହେକ୍ଟର ପ୍ରତି ୨୫୦ ଗ୍ରାମ୍ ଏବଂ ଲଙ୍କାମରିଚ ମଞ୍ଜି ହେକ୍ଟର ପ୍ରତି ୩୫୦ ଗ୍ରାମ୍ ଆବଶ୍ୟକ। ଯଦି ସଙ୍କର କିସମର ବିହନ ବ୍ୟବହାର କରୁଥାନ୍ତି ତେବେ ବାଇଗଣ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଓ ଲଙ୍କାମଞ୍ଜି ୩୦୦ ଗ୍ରାମ୍ ବ୍ୟବହାର କରନ୍ତୁ। ବାଇଗଣର ଉନ୍ନତ କିସମଗୁଡ଼ିକ ହେଲା – ମୁକ୍ତକେଶୀ, ପୁଷା କ୍ରାନ୍ତି, ଉତ୍କଳ ମାଧୁରୀ, ଉତ୍କଳ ତାରିଣୀ, ବ୍ଲୁଷ୍ଟାର୍, ଗ୍ରୀନ୍ ଷ୍ଟାର୍। ସଙ୍କର ଜାତୀୟ କିସମ ହିସାବରେ ଜେକେ–୮୦୩୧, ଜେକେ–୮୦୩୫, ତାରିଣୀ, ଅକ୍ଷିତା, ସୁଗ୍ରୋ–୧୩୨, ସୁଗ୍ରୋ–୩୮, ଭିଏନ୍‌ଆର୍–୦୦୫ ଆଦି ଚାଷ କଲେ ଭଲ ଅମଳ ମିଳିପାରିବ । କଖାରୁ, ଜହ୍ନି, କାକୁଡ଼ି, କଲରା, ପୋଟଳ, ଛଚିନ୍ଦ୍ରା ଆଦି ଲଗାସରିଥିଲେ କୋଡ଼ାଖୁସାକରି ପ୍ରଥମ କିସ୍ତି ସାର ଦେଇ ହୁଡ଼ା ଟେକି ରଞ୍ଚା ଦିଅନ୍ତୁ। ବର୍ଷାଦିନେ ଡଙ୍କ ଜାତୀୟ ଫସଲକୁ ତଳେ ମଡ଼ାନ୍ତୁ ନାହିଁ। ଭେଣ୍ଡି ଫସଲ କୋଡ଼ାଖୁସାକରି ସାର ଦେଇ ହୁଡ଼ା ଟେକନ୍ତ। ପନିପରିବା ଫସଲରେ ବର୍ଷାଜଳକୁ ଠିକ୍ ଭାବରେ ନିଷ୍କାସନ କରନ୍ତୁ।

# ମୁଗ ଫସଲରେ ରୋଗପୋକ ପରିଚାଳନା



ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ଏକ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଛୁଇଁ ପାକଳହେବା ମାତ୍ରେ ତୋଳି ଦିଅନ୍ତୁ । ଧାନ ବିଲ ହିଡ଼ ମାନଙ୍କରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ । ମୁଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସାକରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମିଲି ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନକରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ ସହ କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ। ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ଆଖୁ କିଆରିରୁ ଜଳ ନିଷ୍କାସନ

ଜମିରେ ଅଧିକ ପାଣି ହେଲେ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ଫସଲ ୪–୫ ମାସର ହୋଇଗଲେ ଭେଳା ବନ୍ଧା କାମ କରନ୍ତୁ। ଅତ୍ୟଧିକ ବର୍ଷା ପରେ ଶୁଖିଲା ପାଗ ଅଧିକ ଦିନ ରହିଲେ ଅଗବିନ୍ଧା ପୋକର ପ୍ରାଦୁର୍ଭାବ ବଢ଼ିଥାଏ। ସଅଳ କାଣ୍ଡବିନ୍ଧା ଓ ଅଗବିନ୍ଧା ପୋକର ଦମନ ପାଇଁ ହେକ୍ଟର ପ୍ରତି ୧୨୫୦ ମି.ଲି. ଫିପ୍ରୋନିଲ୍ x ଇଣ୍ଡକ୍ସାକାର୍ବ ୫୦୦ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ଫସଲ ଉପରେ ସିଞ୍ଚନ କରନ୍ତୁ। ସଅଳ କାଣ୍ଡବିନ୍ଧା କୀଟକୁ ଦମନ କରିବା ପାଇଁ ହେକ୍ଟର ପ୍ରତି ୨୦ଟି ହିସାବରେ ଟ୍ରାଇକୋକାର୍ଡ ଫସଲରେ ବାନ୍ଧନ୍ତୁ । ପ୍ରତି କନ୍ଦାରେ ଫିପ୍ରୋନିଲ୍ ଦାନାଦାର ବିଷର ୩–୪ଟି ଦାନା ପ୍ରୟୋଗ କରନ୍ତୁ। ଶେଷ ଦଫା ସାର ପ୍ରୟୋଗ କରା ନ ହୋଇଥିଲେ ହେକ୍ଟର ପ୍ରତି ୬୬ କି.ଗ୍ରା. ଯବକ୍ଷାରଜାନ ସାର ୧୨୦ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ। ଆଖୁ ଫସଲରେ ଯବକ୍ଷାରଜାନ ଜାତୀୟ ସାରକୁ ୧୨୦ ଦିନ ପରେ ପ୍ରୟୋଗ କରାଯିବା ଉଚିତ ନୁହେଁ ।

# ବର୍ଷାଋତୁରେ ଧାନଜମିର ଯତ୍ନ



ସାଧାରଣତଃ ଅଗଷ୍ଟ ମାସରେ ବହୁତ ବର୍ଷା ହୁଏ। ତେଣୁ ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ଜଳସେଚିତ ଅଞ୍ଚଳରେ ଧାନଜମିରେ କରନାଳୀଗୁଡ଼ିକୁ ସଫାକରନ୍ତୁ । ଫସଲରେ କୀଟ ଓ ରୋଗର ମାତ୍ରା ସୀମା ଅତିକ୍ରମକଲେ ଯଥାକ୍ରମେ ଉପଯୁକ୍ତ କୀଟନାଶକ ଓ କବକନାଶୀ ବ୍ୟବହାର କରନ୍ତୁ। ତା' ପରେ ଫସଲ ଅବସ୍ଥା ଅନୁଯାୟୀ ଉପଯୁକ୍ତ ଯତ୍ନ ନିଅନ୍ତୁ। ଢିପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୦ କେ.ଜି. ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗ କରନ୍ତୁ । ଧାନ ରୁଆ ସରିଥିଲେ ପିଲସାର ହିସାବରେ ହେକ୍ଟର ପ୍ରତି ୪୦ କେ.ଜି. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ବୁଣାଧାନରେ ବେଉଷଣ ପରେ ହେକ୍ଟର ପିଛା ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗକରି ବଛାବଛି ଓ ଖେଳୁଆ କାମ ସାରି ଦିଅନ୍ତୁ। ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବା ପରେ ସଅଳ କିସମ ଧାନ ଯଥା–ଖଣ୍ଡଗିରି, ପାରିଜାତ, କଳିଙ୍ଗ–୩, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ । ଧାନଚାଷରେ କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ଏକର ପ୍ରତି ୬ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ।

# ମେସ୍ ବାଥ୍‌ରୁମ୍‌ରେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ

ଭଦ୍ରକ,୧୨।୮
(ସନାତନ ରାଉତ)

## ମୋବାଇଲ ଜବତ କରି ପୋଲିସର ତଦନ୍ତ



ଘଟଣାସ୍ଥଳରେ ଏସ୍‌ପି ମନୋଜ ରାଉତ ତଦନ୍ତ କରୁଛନ୍ତି।

ପାରିବାରିକ କଳହ କି ପ୍ରେମଜନିତ ହେଉ ବା ଅନ୍ୟ କୌଣସି କାରଣ ହେଉ ଛାତ୍ରୀଛାତ୍ର ଏହାକୁ ଧୈର୍ଯ୍ୟର ସହ ମୁକାବିଲା ନ କରି ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଭଳି ଚରମ ପନ୍ଥା ବାଛି ନେଉଛନ୍ତି। ଭଦ୍ରକ ସହରରେ ମଙ୍ଗଳବାର ଏଭଳି ଏକ ଦୁଃଖଦ ଘଟଣା ଘଟିଛି। ଭଦ୍ରକ କଲେଜ ନିକଟସ୍ଥ ଏକ ଘରୋଇ ମେସ୍ ବାଥ୍‌ରୁମ୍‌ରୁ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ମୃତା ଛାତ୍ରୀ ହେଲେ ଭଦ୍ରକ କଲେଜର ଯୁକ୍ତ ୩ ପ୍ରଥମ ବର୍ଷର କଳା ଛାତ୍ରୀ ପୁଷ୍ପଲତା ମଲିକ(୧୮)। ସେ ମେସ୍‌ର ବାଥ୍‌ରୁମ୍‌ରେ ନିଜ ଆପ୍ରୋନରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜାଣିବାକୁ ମିଳିଛି। ଖବରପାଇ ଭଦ୍ରକ ଏସ୍‌ପି ମନୋଜ ରାଉତ ଓ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ପୁଷ୍ପଲତାଙ୍କ ପକେଟ୍‌ରେ ଥିବା ମୋବାଇଲ ଜବତ କରିଛନ୍ତି। ତାଙ୍କ ରୁମରେ ଥିବା ସହପାଠୀମାନଙ୍କୁ ପୋଲିସ ପଚରାଉଚରା କରିବା ସହ ମା' ବାପାଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

ସୂଚନା ଅନୁଯାୟୀ, ବାସୁଦେବପୁର ବ୍ଲକ ଲୁଙ୍ଗା ଗ୍ରାମର ଉମାକାନ୍ତ ମଲିକଙ୍କ ଏକମାତ୍ର ଝିଅ ପୁଷ୍ପଲତା ଭଦ୍ରକ କଲେଜରେ ପଢୁଥିବା ବେଳେ ଗତ ୨ ମାସ ହେବ ସେ ନିକଟସ୍ଥ ଜଗନ୍ନାଥପୁରରେ ଏକ ଲେଡିଜ୍ ମେସ୍‌ରେ ରହୁଥିଲେ। ରକ୍ଷାବନ୍ଧନ ପାଇଁ ଘରକୁ ଯାଇଥିବା ବେଳେ ସୋମବାର ମେସ୍‌କୁ ଫେରିଥିଲେ। ବାପା ଉମାକାନ୍ତଙ୍କ କହିବା ଅନୁଯାୟୀ, ମଙ୍ଗଳବାର ସକାଳେ ପୁଷ୍ପଲତା କୋଚିଂ କ୍ଲାସ୍ ଯାଇଥିଲେ। କୋଚିଂରୁ ଫେରି ଝିଅ ତାଙ୍କ ମା'ଙ୍କ ସହ ଫୋନ୍‌ରେ ଭଲ କଥାବାର୍ତ୍ତା ହୋଇଥିଲେ। ପୂର୍ବାହ୍ନ ୧୦ଟା ପରେ ଅନ୍ୟ ସହପାଠୀମାନେ କଲେଜ ଯାଇଥିବାବେଳେ ସେ ଏକୁଟିଆ ମେସ୍‌ରେ ଥିଲେ। ସହପାଠୀମାନେ କଲେଜରୁ ଫେରିବା ପରେ ବାଥ୍‌ରୁମ୍‌ରେ ସାୱାର ଚାଲିଥିବା ବେଳେ ପୁଷ୍ପଲତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ମଧ୍ୟାହ୍ନ ୧୨ଟା ବେଳକୁ ସେ ବାଥ୍‌ରୁମ୍‌ରେ ଆତ୍ମହତ୍ୟା କରିଥିବା ନେଇ ମେସ୍‌ର ମାଲିକ ଫୋନ୍ ମାଧ୍ୟମରେ ଜଣାଇଥିଲେ। ତାଙ୍କ ଝିଅ ଆତ୍ମହତ୍ୟା କରିବା ପଛରେ କୌଣସି କାରଣ ସେ ଜାଣି ନାହାନ୍ତି। ପୋଲିସ ତଦନ୍ତ କରି ଆଇନ ଅନୁଯାୟୀ ଯାହା ପଦକ୍ଷେପ ନେବ ବୋଲି ଉମାକାନ୍ତ କହିଛନ୍ତି। ଅପରପକ୍ଷରେ ମେସ୍‌ରେ ଥିବା ସହପାଠୀ ଓ ପରିବାର ଲୋକେ ଆତ୍ମହତ୍ୟାର କାରଣ ବିଷୟରେ କିଛି କହିପାରୁ ନାହାନ୍ତି। ପୁଷ୍ପଲତାଙ୍କ ମୋବାଇଲ ପାସୱାର୍ଡ ମିଳିବା ପରେ କଲ୍ ରେକର୍ଡ ଯାଞ୍ଚ କରିବା ପରେ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହେବ ବୋଲି ଏସ୍‌ପି ରାଉତ କହିଛନ୍ତି। ଏନେଇ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ କହିଛନ୍ତି, ଯେଉଁ ବୟସରେ ପାଠପଢ଼ା ପାଇଁ ଛାତ୍ରୀମାନେ ସଂଘର୍ଷ କରିବା କଥା, ସେହି ସମୟରେ ଆତ୍ମହତ୍ୟା କରିବା ଏକ ଦୁଃଖଦ ଘଟଣା। ଏହାର ନିରପେକ୍ଷ ତଦନ୍ତ କରି ପୋଲିସ ପ୍ରଶାସନ ଉପଯୁକ୍ତ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ଏନେଇ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫୬/୨୫) ରୁଜୁ ହୋଇଥିବା ଥାନାଧିକାରୀ ମିଶ୍ର କହିଛନ୍ତି।

# ଋଣ ଭାର ସହି ନ ପାରି ମହିଳା ଆତ୍ମହତ୍ୟା ଉଦ୍ୟମ

ଭୁବନ, ୧୨।୮ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲ୍ଲା ଭୁବନ ଏନଏସି ୨ ନମ୍ବର ୱାର୍ଡର ଅଜୟ କୁମାର ବେହେରାଙ୍କ ସ୍ତ୍ରୀ ପ୍ରେମଲତା ନାୟକ (୩୭) ସୋମବାର ରାତିରେ ନିଜ ଦେହରେ କିରୋସିନି ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରେମଲତା ଏଲ୍‌ଏଣ୍ଡଟି ଘରୋଇ ସଂସ୍ଥାରୁ ୮୦ ହଜାର ଟଙ୍କାର ଋଣ କରିଥିଲେ। ତାଙ୍କର ମାସିକ ୪ ହଜାର ଟଙ୍କା କିସ୍ତି ଦେଉଥିଲେ। ପ୍ରତ୍ୟେକ ମାସ ୧୦ ତାରିଖ ଦିନ କିସ୍ତି ଦେବା ପାଇଁ ତାଙ୍କ ସ୍ୱାମୀଙ୍କୁ ମାଗିଥିଲେ। ସ୍ୱାମୀ ଦରମା ପାଇଲେ ଦେବା ପାଇଁ କହିଥିଲେ। ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ହଠାତ ପ୍ରେମଲତା ତାଙ୍କ ଦେହରେ କିରୋସିନି ଢାଳି ନିଆଁ ଲଗାଇ ଦେଇଥିଲେ। ତାଙ୍କୁ ପରିବାର ଲୋକେ ଭୁବନ ଡାକ୍ତରଖାନାକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ତାଙ୍କ ଦେହର ୬୦ ଭାଗ ପୋଡ଼ିଯାଇଥିବା ଭୁବନ ଡାକ୍ତରଖାନା କର୍ମଚାରୀମାନଙ୍କ ପକ୍ଷରୁ କୁହାଯାଇଛି। ଖବର ପାଇ ଭୁବନ ଥାନା ଅଧିକାରୀ ଧିରେନ ସ୍ୱାଇଁ ଡାକ୍ତରଖାନାରେ ପହଞ୍ଚିଥିଲେ।

# ଗାନ୍ଧୀମାର୍ଗରେ ଶିଶୁକନ୍ୟାଙ୍କୁ ଧରି ଦମ୍ପତିଙ୍କ ଆତ୍ମାହୁତି ଧମକ

- ବିଧାନସଭା ଆଡ଼କୁ ଅଗ୍ରସର ବେଳେ ଅଟକାଇଲା ପୋଲିସ
- କୁନିଝିଅଙ୍କ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲ ପଠାଗଲା

ଭୁବନେଶ୍ୱର,୧୨।୮
(ସତ୍ୟଜିତ୍ ରାଉତ)



ଦୂରାରୋଗରେ ପୀଡ଼ିତ ୭ବର୍ଷୀୟା ଶିଶୁକନ୍ୟାଙ୍କ ଚିକିତ୍ସା ପାଇଁ ନୟାନ୍ତ ହୋଇପଡ଼ିଲେଣି ଦମ୍ପତି। କୁନିଝିଅଙ୍କୁ ଭଲ କରିବା ପାଇଁ ବହୁ ଡାକ୍ତରଙ୍କୁ ଦେଖାଇଥିଲେ ମଧ କୌଣସି ସୁଫଳ ମିଳିଲାନାହିଁ। ଶେଷରେ ଉପାୟଶୂନ୍ୟ ହୋଇ ସବୁ ଆଶା ଭରସା ତୁଟାଇଦେଲେ ଦମ୍ପତି। ଗାଁରୁ ରାଜଧାନୀରୁ ଆସି ଆତ୍ମାହୁତି ଧମକ ଦେବାବେଳେ ପୋଲିସ ସେମାନଙ୍କୁ ଅଟକାଇଛି। ମଙ୍ଗଳବାର ମଧ୍ୟାହ୍ନରେ ଗାନ୍ଧୀମାର୍ଗରେ ଏଭଳି ଘଟଣା ଘଟିଛି। ଉକ୍ତ ଦମ୍ପତି ହେଲେ ବୌଦ୍ଧ ଜିଲ୍ଲା କୋଟଗିଙ୍ଗା ଗ୍ରାମର ତୀର୍ଥ ମଲ୍ଲିକ ଓ ତାଙ୍କ ସ୍ତ୍ରୀ ରିନି। ସବୁଆଡୁ ନିରାଶ ହେବା ପରେ ଆତ୍ମାହୁତି ଶେଷବାଟ ବୋଲି ତୀର୍ଥ କହିଛନ୍ତି। ଜନ୍ମରୁ ରୋଗରେ ପଡ଼ିଥିବା ଝିଅ ଭଲ ହେଉନାହିଁ। ପରେ ଗାଁରୁ ଟଙ୍କା ଯୋଗାଡ଼ କରି ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରି ସାହାଯ୍ୟ ମାଗିବାକୁ ଆସିଥିଲେ ତୀର୍ଥ ଓ ରିନି। ଆତ୍ମାହୁତି ଧମକ ଦେଇ ବିଧାନସଭା ଆଡ଼କୁ ଯାଉଥିବାବେଳେ ସେମାନଙ୍କୁ ପୋଲିସ ଅଟକାଇଥିଲା। ଏପରିକି ପୋଲିସ ସେମାନଙ୍କୁ କିଛି ସମୟ ବୁଝାଶୁଝା କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସହ ଯୋଗାଯୋଗ କରାଯାଇ ତୀର୍ଥଙ୍କ ଅସୁସ୍ଥ ଝିଅଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଥିଲା। ପରେ ଆମ୍ବୁଲାନ୍ସ ଯୋଗେ ଦମ୍ପତିଙ୍କୁ ତାଙ୍କ ଝିଅ ସହ କଟକସ୍ଥିତ ଏସ୍‌ସିବି ମେଡିକାଲକୁ ପଠାଯାଇଛି। ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଏହି ଦମ୍ପତିଙ୍କୁ ପ୍ରତିଶ୍ରୁତି ଦିଆଯାଇଥିବା ସୂଚନା ମିଳିଛି।

# ଡକାୟତି ପ୍ରସ୍ତୁତି ବେଳେ ୫ ଗିରଫ, ମାରଣାସ୍ତ୍ର ଜବତ





ଢେଙ୍କାନାଳ,୧୨।୮
(ରତନ ନାୟାର)

## ଲୁଟ୍ ସୁନା, ଅଳଙ୍କାର ଓ ୩ ବାଇକ ଜବତ, ଜଣେ ଗିରଫ

ଢେଙ୍କାନାଳ ଟାଉନ ଥାନା ପୋଲିସର ବିଭିନ୍ନ ଅଞ୍ଚଳରେ ଚଢାଉ କରି କିଛିଦିନ ଧରି ସହରରେ ମହିଳାଭମାନଙ୍କ ଠାରୁ ସୁନାଚେନ୍ ଲୁଟୁଥିବା ଅଭିଯୁକ୍ତ ଆକା ଓରଫ୍ ରାକେଶ ସାହୁ(୨୬)ଙ୍କୁ ଗିରଫ କରିଥିବା ବେଳେ ତାଙ୍କ ଠାରୁ ୩ଟି ୩୭ଗ୍ରାମର ସୁନାଚେନ୍, ଗୋଟିଏ ଛିଣ୍ଡି ଯାଇଥିବା ୪.୫ ଗ୍ରାମର ସୁନାଚେନ୍, ୨ଟି କାନଫୁଲ ସହିତ ଓଡି.୦୬–ପି–୩୦୨୨ନଂ ଥିବା ଏକ ସ୍କୁଟି, ଓଆର.୦୫–ବି–୧୭୨୬ ଏବଂ ଓଡି.୦୬–ଏମ୍–୨୫୦୬ନଂ ଥିବା ଦୁଇଟି ବାଇକକୁ ଜବତ କରାଯାଇଛି । ଏ ସଂକ୍ରାନ୍ତରେ ମଙ୍ଗଳବାର ଅପରାହ୍ନ ସାଢେ ୫ଟାରେ ଜିଲା ପୋଲିସ କାର୍ଯ୍ୟାଳୟରେ ସୂଚନା ପ୍ରଦାନ କରି ଏସ୍‌ପି ଅଭିନବ ସୋନକର କହିଲେ ଯେ, ଅଭିଯୁକ୍ତ ରାକେଶଙ୍କୁ ତାଙ୍କର ଘର ସହରସ୍ଥିତ ରଗଡିସାହି ଅଂଚଳରୁ ପୋଲିସ ଗିରଫ କରିଥିଲେ । ଅଭିଯୁକ୍ତ ମହିଳା ମାନଙ୍କୁ ଏକୁଟିଆ ପାଇ ସେମାନଙ୍କ ଠାରୁ ସୁନାଚେନ୍ ଓ ବିଭିନ୍ନ ସୁନା ଅଳଙ୍କାର ଲୁଟୁଥିବା ବେଳେ ଅସଦାଚରଣ କରୁଥିଲେ । ଧାରୁଆ ଖଣ୍ଡାଧରି ଆକ୍ରମଣ କରୁଥିଲେ । ଆକାଙ୍କୁ ଧରିବା ପରେ ତାଙ୍କୁ ପଚରାଉଚରା କରିବାରୁ ସେ ଲୁଟ୍ ସୁନାଚେନ୍ ଗୁଡିକ ଆଣି ଦେଇଥିଲେ । ଏହିସବୁ ଘଟଣାରେ ଅନ୍ୟତମ ଅଭିଯୁକ୍ତ ତଥା ଆକାଙ୍କ ସହଯୋଗୀ ବାପୁନୀ ଓରଫ୍ ସନ୍ଦିପ କୁମାର ସ୍ୱାଇଁ ଅନ୍ୟଏକ ମାମଲାରେ ଜେଲରେ ଥିବା ବେଳେ ତାଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସ୍‌ପି କହିଥିଲେ । ଆକାଙ୍କ ନାମରେ ଟାଉନ ଥାନାରେ ନିଶାଦ୍ରବ୍ୟ କାରବାର ଠାରୁ ଆରମ୍ଭ କରି ତାଙ୍କ ନାମରେ ୪ଟି ମାମଲା ରହିଥାବ ବେଳେ ବାପୁନୀଙ୍କ ନାମରେ ଟାଉନ ଥାନାରେ ୧୬ଟି ମାମଲା, ସଦର ଥାନାରେ ୨ଟି ମାମଲା ଏବଂ ଏସ୍‌ଟିଏଫ୍ ଭୁବନେଶ୍ୱର ଥାନାରେ ଗୋଟିଏ ମାମଲା ରହିଥିବା ଜଣାପଡିଛି । କୌଣସି ସୂତ୍ରରୁ ଖବର ପାଇବା ପରେ ଏସ୍‌ଡିପିଓ ରମେଶ ଚନ୍ଦ୍ର ଦୋରା ଓ ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ଉତ୍କଳ ବିଜୟ ମହାନ୍ତି ଓ ପ୍ରତାପ ସାହୁ ଅଭିଯୁକ୍ତଙ୍କୁ ଧରିଥିଲେ । ଏ ସଂକ୍ରାନ୍ତରେ ଟାଉନ ଥାନାରେ କେସ୍ ନଂ–୪୦୪।୨୫ରେ ଏକ ମାମଲା ରୁଜୁ କରାଯାଇଛି । ସେହିପରି ଆଉଏକ ଘଟଣାରେ ୧୧ ତାରିଖ ବିଳମ୍ବିତ ରାତିରେ ମହିଷାପାଟସ୍ଥିତ ଜିଲା ଆଂଚଳିକ ପରିବହନ ବିଭାଗର ଟେଷ୍ଟିଂ ସେଂଟର ନିକଟରେ ୫ଜଣ ଅଭିଯୁକ୍ତ ଡକାୟତି ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଟାଉନ ଥାନା ପୋଲିସ କୌଣସି ସୂତ୍ରରୁ ଖବରପାଇ ସେମାନଙ୍କୁ ମାଡି ବସିଥିଲେ । ଏହି ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ସହର ଗୋପବନ୍ଧୁ ବଜାର ଅଂଚଳର ମିଲୁଆ ଓରଫ୍ ଶ୍ରୀପତି ମଲ୍ଲିକ(୨୮), ସୁଦାମ ମଲ୍ଲିକ(୨୩), କାରୀଗର ସାହିର ମଂଟୁ ଓରଫ୍ ଦେବାଶିଷ ବେହେରା(୩୨), ଚାନ୍ଦମାରୀ ସାହିର ଚିଲା ଓରଫ୍ ରଜତ ବାହାଦୂର(୨୨) ଓ ରାଜା ଓରଫ୍ ରାଜେଶ ବାହାଦୁର(୨୩) । ସେମାନଙ୍କ ଠାରୁ ଦୁଇଟି ଧାରୁଆ ଖଣ୍ଡା, ଦୁଇଟି ଲୁହା ପଂଚ୍, ନାଲି ଲଙ୍କାଗୁଣ୍ଡ, ମଦ ବୋତଲ ଓ ଟର୍ଚ୍ଚ ଲାଇଟ୍ ଜବତ ହୋଇଥିଲା । ଏହି ଅଭିଯୁକ୍ତମାନେ ମଧ ରାତି ସମୟରେ ବିଭିନ୍ନ ଅପରାଧରେ ସମ୍ପୃକ୍ତ ବୋଲି ପୋଲିସ ସୂତ୍ରରୁ ଜଣାପଡିଛା ଏ ସଂକ୍ରାନ୍ତରେ ଟାଉନ ଥାନାରେ କେସ୍ ନଂ–୫୫୦।୨୫ରେ ଏକ ମାମଲା ରୁଜୁ କରାଯାଇଛି । ଏହି ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ରମେଶଚନ୍ଦ୍ର ଦୋରା ଓ ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁ ଉପସ୍ଥିତ ଥିଲେ ।

# ଅନ୍‌ଲାଇନ ଗେମ୍ ହେଲା କାଳ | ଜୀବନ ହାରିଲେ ୮ମ ଶ୍ରେଣୀ ଛାତ୍ର

ବାଲେଶ୍ୱର(ବାଞ୍ଛାନିଧି ଦେ)/ଲଙ୍ଗଳେଶ୍ୱର (କମଳାକାନ୍ତ ଦାସ), ୧୨।୮

ଅନ୍‌ଲାଇନ ଗେମ ଖେଳିବାକୁ ମା' ବାପା ବାରଣ କରିବାରୁ ମଙ୍ଗଳବାର ଜଣେ ୮ମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣା ଘଟିଛି ବାଲେଶ୍ୱର ଜିଲା ସିଂଲା ଥାନା ଗୁହାଳିପଦା ଗ୍ରାମରେ। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୬/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଉକ୍ତ ଛାତ୍ର ଅଧିକାଂଶ ସମୟରେ ଅନଲାଇନ୍ ଗେମ୍ ଖେଳିବା ସହ ମୋବାଇଲ ଦେଖିବାରେ ବ୍ୟସ୍ତ ରହୁଥିଲେ। ପରିବାର ଲୋକେ ଏହାକୁ ବାରମ୍ବାର ବିରୋଧ କରି ଆସୁଥିଲେ। ମଙ୍ଗଳବାର ସକାଳେ ସେ ପାଠ ନ ପଢ଼ି ଗେମ୍ ଖେଳୁଥିବାରୁ ମା' ବିରକ୍ତ ହୋଇଥିଲେ। ଏଥିରେ ସେ ରାଗିଯାଇ ଗାଧୁଆଘର ଭିତରେ ବେକରେ ଗାମୁଛା ଲଗାଇ ଝୁଲି ପଡ଼ିଥିଲେ। ବହୁ ସମୟ ଧରି ବାଥରୁମରୁ ନ ବାହାରିବାରୁ ପରିବାର ଲୋକେ କବାଟ ଭାଙ୍ଗି ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ସିଂଲା ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଯୁବକଙ୍କୁ ହତ୍ୟା ଅଭିଯୋଗ

କବିସୂର୍ଯ୍ୟନଗର,୧୨।୮(କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଖାଡବନ୍ଧ ଗାଁ ଛକରେ ବାଇକ୍‌ରେ ଯାଉଥିବା ଜଣେ ଯୁବକଙ୍କୁ ମଙ୍ଗଳବାର ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଖାଡ଼ବନ୍ଧ ଗ୍ରାମର କୃଷ୍ଣ ପାତ୍ର। କାରରେ ଧକ୍କାଦେଇ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିଛନ୍ତି। ଏପରିକି ତାଙ୍କ ପେଟରେ ଛୁରିମାଡ ହୋଇଥିବା ଜଣାପଡିଛି। କୃଷ୍ଣ ଓ ତାଙ୍କୁ କାରରେ ଧକ୍କା ଦେଇଥିବା ବ୍ୟକ୍ତିଙ୍କ ମଧ୍ୟରେ ପାରିବାରିକ ଶତ୍ରୁତା ରହିଥିବା ଅଭିଯୋଗରେ ଦର୍ଶାଯାଇଛି।


**OFFICE OF THE CHIEF CONSTRUCTION ENGINEER**
**KHORDHA (R&B) CIRCLE, KHORDHA**
1st Corrigendum to Tender Call Notice
Bid Identification No. CCE-Khordha (R&B) Circle-05/2025-26 dt.25.07.2025
No.B-391
No.2169 Dt.06.08.2025

1. The tender for the works invited vide Bid Identification No. CCE-Khordha (R&B) Circle-05/2025-26 dt 25.07.2025 vide letter no. 2029 dt 25.07.2025 have been modified as follows.

Modification in Critical dates:-
1) Date and Time of sale and receipt of Bids : From 10.00 AM of Dt. 21.08.2025 to 5.00 PM of Dt. 08.09.2025 instead of from 10.00 AM of dt 07.08.2025 to 05.00 PM of dt 21.08.2025.
2) Last Date for Submission of Bid : 5.00 PM of Dt. 08.09.2025 instead of from 05.00 PM of dt 21.08.2025.
3) Date of Opening of the Bid : 11.30 AM of 22.08.2025 instead of from 11.30 AM of dt 22.08.2025.

The other terms & conditions stipulated in the Original tender call notice remain unchanged.
Sd./- Chief Construction Engineer
Khordha (R&B) Circle, Khordha
OIPR-34127/11/0045/2526

**GOVERNMENT OF ODISHA**
**HOUSING & URBAN DEVELOPMENT DEPARTMENT**
**OFFICE OF THE NOTIFIED AREA COUNCIL, PADAMPUR**
At-Padampur, Po-Rajborasambar, Dist-Bargarh, Pin-768036
Ph.No.06683-223436, E-mail:nac.padampur@gmail.com
No.2285/NACP Date:08.08.25
National Competitive Bidding through e-Procurement
Bid Identification No.NAC-PDP-02/2025-26

No.C-845:The Executive Officer, N.A.C. Padampur on behalf of NAC invites Percentage bid through e-procurement in single cover system according to norm of e-Procurement system in on-line mode.
1. Nature of Work : Civil Work
2. No. of Works : 10 (Ten Nos.)
3. Estimate Cost : Rs.1,57,428/- to Rs.16,34,241/-
4. Class of Contractor : "C" or "D" Class
5. Date & Time of availability of Bid Documents in the Portal : 9.00 AM on dt.11.08.2025 upto 05.00 PM on dt.20.08.2025
6. Last date & time for receipt of Bids in the Portal : 20.08.2025 at 05.00 P.M.
7. Original Bids document received : Before 05.00 PM on Dt.21.08.2025
8. Bid Opening Date : Dt.22.08.2025 at 11.00 AM

The bidders have to participate in online bidding only. Further details can be seen from the website https://www.tendersodisha.gov.in.
Sd./- Executive Officer
N.A.C., Padampur
OIPR-13118/11/0037/2526

**Kotpad NAC**
**Government of Odisha**
Main Road, Kotpad, Dist-Koraput, Odisha, E-mail:kotpadnac@gmail.com
Letter No.1705/2025 Date:08.08.2025
QUOTATION CALL NOTICE

No.C-847: Sealed quotations are invited to reach by Speed Post/ Registered Post/ Courier by hand from interested agencies/firms/companies for "15 KW on GRID SOLAR SYSTEM NON DCR WITH SUPPLY, ERECTION COMMISSIONING, Kotpad NAC." The quotation will be dropped in the drop box kept in the office of the Executive Officer, Kotpad, with supporting documents like copy of PAN, GST, Authorized Certificate of Govt. and dealership certificate on or before 13.08.2025 and shall be opened on the same day at 5.00 P.M. in the presence of the bidder and the tender committee. The authority has reserved the right to cancel or modify or accept any or all quotation without assigning any reason thereof.
OIPR-13182/11/0013/2526 Sd./-Executive Officer, Kotpad NAC

**NOTICE INVITING BID (TENDER)**
Reference No.1859/Dr ACHMC Dt.11-08-2025
TENDER FOR SUPPLY OF EXTRA NEUTRAL ALCOHOL (ENA) FOR PREPARATION OF HOMOEOPATHIC MEDICINES AT THE MINI PHARMACY ATTACHED TO DR ABHIN CHANDRA HOMOEOPATHIC MEDICAL COLLEGE & HOSPITAL, BHUBANESWAR FOR THE YEAR 2025-26.

No.E-305 : Sealed tenders are invited from reputed manufacturers/ authorized dealers/ traders including wholesale co-operative organizations and Government/ Semi Govt. agencies for supply of Extra Neutral Alcohol (ENA) to the Mini Pharmacy attached to Dr Abhin Chandra Homoeopathic Medical College & Hospital, Bhubaneswar for the financial year 2025-26.

| | | |
|---|---|---|
| 1. | Value of Tender | Rs 1180852 /-) ( Eleven lakhs eighty thousands eight hundred fifty two only) |
| 2. | Cost of Tender Book | Rs. 500.00 (Five hundred only including GST) |
| 3. | Availability of tender book | In the office of the Principal Dr Abhin Chandra Homoeopathic Medical College & Hospital, Bhubaneswar / downloaded from the website - www.ayushodisha.nic.in |
| 4. | Mode of payment of cost of Tender Book | In shape of Demand Draft in favor of Principal Dr Abhin Chandra Homoeopathic Medical College & Hospital, Bhubaneswar |
| 5. | Date of commencement of sale of Tender Book | From Dt: 12-08-2025 at 11.00 A.M. to 03-09-2025 up to 4.00 P.M. |
| 6. | Last date & time for submission of tender | Dt 03-09-2025 up to 5.00 P.M. |
| 7. | Mode of submission of tender | To be submitted through a sealed Tender box kept in the office chamber of the Principal Dr Abhin Chandra Homoeopathic Medical College & Hospital, Bhubaneswar. |
| 8. | Mode of submission of sealed samples | To be submitted to the Principal Dr Abhin Chandra Homoeopathic Medical College & Hospital, Bhubaneswar |
| 9. | Date, Time & Place for opening of tenders | Technical bids will be opened on Dt 04-09-2025 at 11.30 A.M. at office of the Principal Dr Abhin Chandra Homoeopathic Medical College & Hospital, Bhubaneswar. The date, time & place of opening of the Financial Bids of the technically qualified bidders will be intimated later on. |

The tender Inviting Authority reserves the right to accept / reject any or all the bids without assigning any reason thereof.
For more details contact - 9937103803, 9583550609
Sd./- Principal,
Dr. Abhin Chandra Homeopathic Medical College & Hospital, Bhubaneswar
OIPR-10030/11/0009/2526

**DEPUTY DIRECTOR**
**NANDANKANAN ZOOLOGICAL PARK**
P.O-BARANG, DIST-KHURDA, PIN-754005
PHONE/FAX No-0674-2466075, 9437022023 (M)
Email: deputydirector.kanan@gmail.com
NANDANKANAN CONSERVE | EDUCATE | INSPIRE
Web: www.nandankanan.org
e-PROCUREMENT NOTICE
No.MM-155
e-Tender No.DD-NKN-19/NKZP-2025-26 Dt.11.08.2025

| | | |
|---|---|---|
| 1 | Name of the Work | EXPRESSION OF INTEREST-CUM-REQUEST FOR PROPOSAL (RFP) FOR ENGAGEMENT OF AN AGENCY FOR SOURCING, HANDLING, CRATING, TRANSPORTATION AND DOCUMENTATION OF ANIMALS FROM INDIA OR ABROAD FOR NANDANKANAN ZOOLOGICAL PARK, ODISHA, BHUBANESWAR THROUGH PATRONS OF NANDANKANAN |
| 2 | No. of Works | 1 (One) No. |
| 3 | Date of availability of bid document in the portal | 13.08.2025 |
| 4 | Last date for receipt of bids in the portal | 29.08.2025 upto 5.00 P.M. |
| 5 | Date of Opening of Technical Bid (Cover-I) | 30.08.2025 at 3.30 P.M. |
| 6 | Name & Address of Officer Inviting Tender (OIT) | Deputy Director, Nandankanan Zoological Park, P.O-Barang, Dist- Khordha, Pin-754005 |

Further details can be seen from the e-Procurement portal https/www.tendersodisha.gov.in.
Sd./- Deputy Director,
Nandankanan Zoological Park
OIPR-08070/11/0100/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, MAYURBHANJ**
Tel. No. (06792)260788, e-Mail ID : mi.mayurbhanj@yahoo.co.in
1st Corrigendum Notice
To
Identification No. - S.E.M.I.D.MBJ. No.-05/MID,MBJ/2025-26
Letter No.2933 Date.10.08.2025
No.A-487 : The E-procurement Notice No. S.E.M.I.D.MBJ. No.-05/MID,MBJ/2025-26 invited by the Superintending Engineer, M.I.Division, Mayurbhanj is hereby modified as follows.

| Sl. no. as per e-TCN | Particulars | Date & Time As per TCN | Modified Date & Time |
|---|---|---|---|
| 6 | date & time of Availability of Bid Document in the Portal | 11.08.2025 at 10.00 A.M. to 22.08.2025 up to 5.00 P.M. | 14.08.2025 at 10.00 A.M. to 25.08.2025 up to 5.00 P.M. |
| 7 | Last date / Time for receipt of Bids in the Portal | 22.08.2025 up to 5.00 P.M. | 25.08.2025 up to 5.00 P.M. |
| 8 | Date/Time of opening of Bid | 25.08.2025 at 11.00 A.M. | 26.08.2025 at 11.00 A.M. |

Further details can be seen from the "e" Procurement Portal "https://tendersorissa.gov.in"
N.B. - All other terms and conditions will remain same as per the e-tender notice S.E.M.I.D.MBJ. No. 05/MID,MBJ/2025-26
Sd./- Superintending Engineer
M.I.Division, Mayurbhanj
OIPR-32041/11/0013/2526

**GOVERNMENT OF ODISHA** No.A-485
**DEPARTMENT OF WATER RESOURCES**
'e' Procurement Notice No.05 (NGR) / 2025-26

| | | |
|---|---|---|
| 1 | Type of work | Electrical Work |
| 2 | Total No. of work | 1 (One) |
| 3 | Estimated cost | Rs.29.61 Lakhs |
| 4 | Period of completion | (01) Calendar Month |
| 5 | Date & time of availability of Bid Document in the portal | 15.00 hours of 11.08.2025 to 17.00 hours of 20.08.2025 |
| 6 | Last date/Time for receipt of Bids in the Portal | 20.08.2025 up to 17.00 hours |
| 7 | Date and place of opening of Technical Bid | Dt.21.08.2025 at 11.00 Hours in the office of the Superintending Engineer, Nayagarh Irrigation Division, Nayagarh |
| 8 | Name and address of the O.I.T (Officer Inviting Tender) | Superintending Engineer, Nayagarh Irrigation Division, Nayagarh |

Further details can be seen from the e-Procurement Portal "https://tendersodisha.gov.in".
Superintending Engineer, Nayagarh
Irrigation Division, Nayagarh
OIPR-32303/11/0021/2526

**Department of Tourism**
**Government of Odisha**
ODISHA India's best kept secret
Paryatan Bhawan, Lewis Road, Bhubaneswar - 751014
Phone : (0674) 243 2177 I Fax : (0674)-243887
https://dot.odishatourism.gov.in
No.9833 Date : 11.08.2025
REQUEST FOR PROPOSAL FOR SELECTION OF AN AGENCY FOR REDESIGN, REDEVELOPMENT, AUGMENTATION AND OPERATION & MAINTENANCE OF ODISHA TOURISM WEBSITE, MOBILE APP AND BOOK ODISHA PORTAL & APP

No.R- : Department of Tourism (DoT) invites proposals from prospective applicant (s) for Request for Proposal for Selection of an agency for Redesign, Redevelopment, Augmentation and Operation & Maintenance of Odisha Tourism Website, Mobile App and Book Odisha Portal & App for DoT in accordance with the conditions and manner prescribed in the RFP document. The proposals should be submitted by the interested parties to The Director Tourism, Paryatan Bhawan, Lewis Road, Bhubaneswar - 751014 on or before 09.09.2025 up to 15:00 Hrs. The detailed RFP may be downloaded from DoT's website: https://odishatourism.gov.in/content/tourism/en/dot/quickLinks/tender.html
Sd./- Deputy Secretary to Govt.
Department of Tourism
OIPR-37001/11/0055/2526

**DIRECTORATE OF ECONOMICS AND STATISTICS**
**ODISHA, BHUBANESWAR**
Parisankshyan Bhawan, Heads of Department Building Campus
Unit-V, Bhubaneswar, PIN-751001, Ph.-0674-2391295
e-Mail:desbbsr@gmail.com, desbbsr@gov.in
Letter No.5009/DES-VSSS-TEND-0005-2025/Date:11.8.25
No.X-31:
TENDER NOTICE
(For award of contract for outsourcing of Light Vehicle Driving Services of Drivers for Directorate of Economics and Statistics, Bhubaneswar)

Sealed tenders are invited from intending service providing agencies and Travel agencies for the outsourcing of Light vehicle Driving Services of Drivers in the Directorate of Economics & Statistics, Odisha, Bhubaneswar.

The detail information for outsourcing the services of aforesaid work has been given in the tender document which may either be downloaded from the P&C Department's website https://pc.odisha.gov.in or can be obtained from office on any working day from 08.08.2025 at 10.30 A.M. to 20.08.2025 till 5.30 P.M. The downloaded Tender document from the website should be submitted alongwith a Bank Draft/ Bankers Cheque of Rs.500/- (Non-Refundable) in favour of Establishment Officer-cum-DDO, Directorate of Economics and Statistics, Odisha, Bhubaneswar.

The tender document will be received only through Speed Post/ Registered Poer during office hours only. The last date and time for receipt of filled-in Tender documents are 21.05.2025 by 5.00 P.M. The office shall not be responsible for any kind of postal delay. The authority reserves the right to cancel any or all the tender without assigning any reason thereof.
OIPR-21002/11/0011/2526 Sd./- DIRECTOR

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଲ୍ ନ୍ୟୁ ୟେଜ୍‌ଦି ରୋଡ୍‌ଷ୍ଟରର ଅନାବରଣ

**ଭୁବନେଶ୍ୱର,୧୨।୮ (ଅଭୟ ଦାଶ)**




କ୍ଲାସିକ୍ ଲିଜେଣ୍ଡସ ପ୍ରାଇଭେଟ ଲିମିଟେଡ୍‌ର ପ୍ରମୁଖ ବ୍ରାଣ୍ଡ ତଥା ଜାୱା ୟେଜ୍‌ଦି ମୋଟରସାଇକେଲର ବହୁ ପ୍ରତୀକ୍ଷିତ ମଡେଲ 'ଅଲ ନ୍ୟୁ ୟେଜ୍‌ଦି ରୋଡ୍‌ଷ୍ଟର (୨୦୨୫ ୟେଜ୍‌ଦି ରୋଡ୍‌ଷ୍ଟର)'ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମୁମ୍ବାଇଠାରେ ମଙ୍ଗଳବାର କମ୍ପାନୀ ପକ୍ଷରୁ ଏକ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଥିଲା। ଏହି ଅବସରରେ କମ୍ପାନୀର ବରିଷ୍ଠ ଅଧିକାରୀ ଓ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଏହାର ଅନାବରଣ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ୟେଜ୍‌ଦି ରୋଡ୍‌ଷ୍ଟର ସ୍ୱତନ୍ତ୍ର ଥିମ୍ 'ବର୍ନ ଆଉଟ୍ ଅଫ ଲାଇନ୍'ରେ ଡିଜାଇନ କରାଯାଇଛି। ଏଥିରେ ସମସ୍ତ ପ୍ରକାରର ସୁରକ୍ଷା ବ୍ୟବସ୍ଥା ଓ ଫିଚର ସାମିଲ ରହିଛି। ସେହିଭଳି ଏହି ମଡେଲ ଏକ ଶକ୍ତିଶାଳୀ ଇଞ୍ଜିନ ଓ ବୃହତ୍ ଅଏଲ ଟ୍ୟାଙ୍କ(୧୨.୫ ଲି. କ୍ଷମତା) ସହ ଆକର୍ଷଣୀୟ ଡିଜାଇନ୍‌ରେ ସଜ୍ଜିତ ହୋଇଛି। ସେହିପରି ୨ଟି ଭାରିଆଣ୍ଟ ଓ ୪ଟି ଚିତ୍ତାକର୍ଷକ କଲରରେ ଏହି ମଡେଲ ସବୁବର୍ଗର ଗ୍ରାହକ ଓ ଯୁବବର୍ଗଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି ବ୍ରାଣ୍ଡ ପକ୍ଷରୁ ଆକଳନ କରାଯାଇଛି। ଏପରିକି ଏହାର ପ୍ରାରମ୍ଭିକ ବଜାର ମୂଲ୍ୟ ୨,୦୯,୯୬୯ ଟଙ୍କା ରହିଛି।

### 'ବର୍ନ ଆଉଟ୍ ଅଫ ଲାଇନ୍'

ଏ ସମ୍ପର୍କରେ ଜାୱା ୟେଜ୍‌ଦି ମୋଟରସାଇକେଲର ସହପ୍ରତିଷ୍ଠାତା ଅନୁପମ ଥାରେଜା କହିଥିଲେ, ଆମେ ଆମର ନୂତନ ମଡେଲ 'ଅଲ୍ ନ୍ୟୁ ୟେଜ୍‌ଦି ରୋଡ୍‌ଷ୍ଟର'କୁ ଆନୁଷ୍ଠାନିକ ଭାବେ ଅନାବରଣ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ଏହି ମଡେଲ ବଜାରରେ ଏକ ନୂଆ ଓ ବୈପ୍ଳବିକ ପରିବର୍ତ୍ତନ ସହ ଗାଡ଼ିଚାଳନା (ରାଇଡିଂ)ରେ ଏକ ସମ୍ଭାବନା ସୃଷ୍ଟି କରିବ। ଏହାର ଡିଜାଇନ ଓ କଲର ବେଶ୍ ଆକର୍ଷଣୀୟ ହୋଇଥିଲାବେଳେ ଲମ୍ବାରାସ୍ତାର ଯାତ୍ରା ପାଇଁ ଏହା ଏକ ଅଭିନବ ଅନୁଭବ ଦେବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୧୨।୮**

ଦିନକପରେ ପୁଣିଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନସେକ୍ସ ୩୬୮(୩୬୮.୪୯) ପଏଣ୍ଟ ହ୍ରାସ ଘଟି ୮୦,୨୩୬ (୮୦,୨୩୫.୫୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୯୮ (୯୭.୬୫) ପଏଣ୍ଟ କମି ୨୪,୪୮୭ (୨୪,୪୮୭.୪୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ମାସି ଡାଇନାଷ୍ଟାର ସିଜନ-୨ ଉଦ୍‌ଯାପିତ

**ଭୁବନେଶ୍ୱର,୧୨।୮**

ଟ୍ରାକ୍ଟର ଆଣ୍ଡ ଫାର୍ମ ଇକ୍ୱିପ୍‌ମେଣ୍ଟ ଲିମିଟେଡ୍ ବା ଟାଫେର ପ୍ରମୁଖ ଟ୍ରାକ୍ଟର ବ୍ରାଣ୍ଡ ତଥା ମାସି ଫର୍ଗୁସନର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ମାସି ଡାଇନାଷ୍ଟାର ପ୍ରତିଯୋଗିତା'ର ୨ୟ ସଂସ୍କରଣ ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ଶୀର୍ଷକ 'ସବ୍‌ସେ ବଡ଼ା ଅଲ୍‌ରାଉଣ୍ଡର କି ତଲାସ୍' ରହିଥିଲାବେଳେ ଟାଫେ ଦ୍ୱାରା ଏହି ଅଗ୍ରଣୀ ପଦକ୍ଷେପ ବହୁମୁଖୀ ମାସି ଫର୍ଗୁସନ ଡାଇନାଟ୍ରାକ୍ ୨୪୧ ଟ୍ରାକ୍ଟର ଦ୍ୱାରା ପରିଚାଳିତ ହୋଇଥିଲା। ସେହିଭଳି ସିଜନ-୨କୁ ମୋଟ୍ ୨୬ ରାଜ୍ୟ ଏବଂ ୫ କେନ୍ଦ୍ରଶାସିତ ଅଞ୍ଚଳର ୧୬,୦୦୦ରୁ ଅଧିକ ପ୍ରବେଶ ମିଳିଛି, ଯାହା ଭାରତର କୃଷି ଭୂଦୃଶ୍ୟର ଉଲ୍ଲେଖନୀୟ ବିବିଧତାକୁ ପ୍ରତିଫଳିତ କରିଛି। ଏହି ସିଜନରେ ଆସାମ, ଗୁଜରାଟ, କର୍ନାଟକ, ମଧ୍ୟପ୍ରଦେଶ,

### ଟାଫେର 'ସବ୍‌ସେ ବଡ଼ା ଅଲ୍‌ରାଉଣ୍ଡର କି ତଲାସ୍'


ପଞ୍ଜାବ, ତାମିଲନାଡୁ ଏବଂ ଉତ୍ତରପ୍ରଦେଶ ଭଳି ପ୍ରମୁଖ ରାଜ୍ୟକୁ ପ୍ରତିନିଧିତ୍ୱ କରୁଥିବା ୧୨ଜଣ ଫାଇନାଲିଷ୍ଟଙ୍କୁ ଚୟନ କରାଯାଇଥିଲା। ଏହି ପ୍ରତିଯୋଗିତାର ଅଂଶଗ୍ରହଣକାରୀମାନେ ଚାଷୀ, ଗ୍ରାମୀଣ ଉଦ୍ୟୋଗୀ ଏବଂ ଉତ୍ସାହୀ କୃଷିଛାତ୍ରଙ୍କ ଏକ ଗତିଶୀଳ ମିଶ୍ରଣରେ ସାମିଲ ଥିଲେ, ଯେଉଁମାନେ ତୃଣମୂଳ ସ୍ତରରେ ନବସୃଜନର ଏକ ସ୍ପନ୍ଦନଶୀଳ ସଂସ୍କୃତି ପ୍ରଦର୍ଶନ କରିଥିଲେ।

ସେହିପରି ମାସି ଫର୍ଗୁସନ୍ ଡାଇନାଟ୍ରାକ୍ ୨୪୧ ଦ୍ୱାରା ପରିଚାଳିତ ଏକ ମୋବାଇଲ୍ ସ୍ଲରି ଡିୱାଟରିଂ ମେଶିନ୍ ପାଇଁ ଅଭିନବ ଧାରଣା ଉପସ୍ଥାପନ କରିଥିବା କର୍ନାଟକର ବେଲଗାମ୍‌ରୁ ଆଇଟି କର୍ମଚାରୀ ଅଭିନାଶ ଦେଶାଇଙ୍କୁ ପ୍ରାୟ ୮.୨ ଲକ୍ଷ ଟଙ୍କାର ଏକ ସମ୍ପୂର୍ଣ୍ଣ ନୂତନ ଏମ୍‌ଏଫ୍ ୨୫୪ ଡାଇନା ସ୍ମାର୍ଟ ୨ ଡବ୍ଲୁଡି ଟ୍ରାକ୍ଟର ସହିତ ସମ୍ମାନିତ କରାଯାଇଥିଲାବେଳେ ୨ୟ ପୁରସ୍କାର ଆସାମର ହୋଜାଇର ପ୍ରତୀକ ଅଗ୍ରୱାଲଙ୍କୁ ଏକ ସୌରଚାଳିତ ସ୍ଥାୟୀ ଶକ୍ତିକେନ୍ଦ୍ରର ଧାରଣା ପାଇଁ ଦିଆଯାଇଥିଲା। ଏଥିପାଇଁ ତାଙ୍କୁ ୮ ଗ୍ରାମ୍ ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କରାଯାଇଥିଲା। ତୃତୀୟ ପୁରସ୍କାର ପଟିଆଲା ପଞ୍ଜାବର ଅମ୍ରିତ୍ ଜୋତ ସିଂହଙ୍କୁ ଏମ୍‌ଏଫ୍ ଡାଇନାଟ୍ରାକ୍ ୨୪୧ ଦ୍ୱାରା ଚାଳିତ ଜଳ ବିଶୋଧନ ୟୁନିଟ୍‌ର ଧାରଣା ପାଇଁ ୮ ଗ୍ରାମ୍ ସୁନାମୁଦ୍ରା ପ୍ରଦାନ କରାଯାଇଥିଲା।

ଅପରପକ୍ଷରେ ଜୁରିସ ଚଏସ୍ ପୁରସ୍କାର ଆସାମର କାମରୂପ ମେଟ୍ରୋପଲିଟାନର ଅବସରପ୍ରାପ୍ତ ଆଇଏଏସ୍ ଡକ୍ଟର ଜୟକୁମାର କାରୁପ୍ପୁସାମିଙ୍କୁ ପ୍ରଦାନ କରାଯାଇଥିଲା। ସେ ଏକ ବହୁମୁଖୀ କୃଷି ମେଶିନ ପ୍ରସ୍ତାବ କରିଥିଲେ ଏବଂ ତାଙ୍କୁ ୫୦ ଗ୍ରାମ୍ ରୁପା ମୁଦ୍ରାରେ ସମ୍ମାନିତ କରାଯାଇଥିଲା।


ବିଶେଷଜ୍ଞ
ଅର୍ଶ
ଭଗନ୍ଦର
ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଫ୍ୟାଶନ ଫ୍ୟାକ୍ଟ୍ରିର ନୋ କଣ୍ଡିସନ୍ସ ସେଲ୍




**ମୁମ୍ବାଇ,୧୨।୮**

ରିଲାଏନ୍ସ ରିଟେଲର ପ୍ରମୁଖ ଗାର୍ମେଣ୍ଟସ ବ୍ରାଣ୍ଡ ଫ୍ୟାଶନ୍ ଫ୍ୟାକ୍ଟ୍ରିର ବହୁ ପ୍ରତୀକ୍ଷିତ ତଥା ଏକ ୪ ଦିନିଆ ସ୍ୱତନ୍ତ୍ର ଅଫର 'ନୋ କଣ୍ଡିସନ୍ସ ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଫ୍ୟାଶନ୍ ଡିସକାଉଣ୍ଟର ଏହି ମେଗା ସେଲ ୨୦୨୫ ଅଗଷ୍ଟ ୧୪ ରୁ ୧୭ ପର୍ଯ୍ୟନ୍ତ ଉପଲବ୍ଧ। ଏହି ସେଲରେ ସମସ୍ତ ବଡ଼ ବ୍ରାଣ୍ଡ ଉପରେ ୫୦%ର ଏକ ସ୍ୱତନ୍ତ୍ର ରିହାତି ସହିତ ୨୪୯୯ ଟଙ୍କା ଏବଂ ତା'ଠାରୁ ଅଧିକ ମୂଲ୍ୟର ପୋଷାକ କ୍ରୟ ଉପରେ ମାଗଣା ଉପହାର ମଧ୍ୟ ଉପଲବ୍ଧ। ସେହିଭଳି ଏହି ସେଲରେ ଲେଭିସ୍, ପେପେ, ପାର୍କ ଆଭେନ୍ୟୁ, ରେମଣ୍ଡ, କଲର ପ୍ଲସ୍, ପାର୍କ୍ସ, ଟର୍ଟଲ୍, ଗ୍ୱିଲ୍ସ, ହୁର, ଲି କୁପର, ଇଣ୍ଡିବି, ଜନ୍ ପ୍ଲେୟର୍ସ, ନେଟପ୍ଲେ, ପିଟର ଇଂଲଣ୍ଡ , କିଲର, ପାଇନ୍ କ୍ଲବ୍, ସାଡଲ୍ ଏଣ୍ଡ ମାଲେଟ୍ ଭଳି ବ୍ରାଣ୍ଡ ଅନ୍ତର୍ଭୁକ୍ତ ରହିଛି। ଏପରିକି କ୍ଲାସିକ୍ ଫର୍ମାଲ୍‌ଠାରୁ ସ୍ମାର୍ଟ କାଜୁଆଲ୍ କିମ୍ବା ସପ୍ତାହାନ୍ତ ପୋଷାକ ପର୍ଯ୍ୟନ୍ତ ଫ୍ୟାଶନ୍ ପ୍ରେମୀଙ୍କ ପାଇଁ ସମସ୍ତ ପ୍ରକାରର ଉତ୍ପାଦ ଏହି ସେଲରେ ଉପଲବ୍ଧ ହେଉଛି। ସେହିପରି ୨୦%ରୁ ୭୦% ପର୍ଯ୍ୟନ୍ତ ମେଗା ରିହାତି ଅଫର ବର୍ଷକ ବାର ମାସ ବା ୩୬୫ ଦିନ ଆଉଟଲେଟରେ ଉପଲବ୍ଧ।

# ନିସାନ ପକ୍ଷରୁ ୱାରେଣ୍ଟି ଯୋଜନାର ଶୁଭାରମ୍ଭ

**ଭୁବନେଶ୍ୱର,୧୨।୮**

ନିସାନ ମୋଟର(ଇଣ୍ଡିଆ)ର ବହୁ ପ୍ରତୀକ୍ଷିତ ଅଫର ତଥା ୱାରେଣ୍ଟି ଯୋଜନାର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହି ଅଫର ନୂତନ ନିସାନ ମାଗ୍ନାଇଟ ପାଇଁ ଡିଜାଇନ କରାଯାଇଥିବାବେଳେ ଏହା ଏକ ପ୍ରଥମ ଧରଣର ଏବଂ ୧୦ ବର୍ଷର ଏକ୍ସଟେଣ୍ଡେଡ ୱାରେଣ୍ଟି ପ୍ଲାନ ଭାବେ ଶୁଭାରମ୍ଭ କରାଯାଇଛି। ଏହା ହେଉଛି ଏକ ସେଗ୍‌ମେଣ୍ଟ ପ୍ରଥମ ଗ୍ରାହକ-କେନ୍ଦ୍ରିତ ପଦକ୍ଷେପ। ଯାହା ଗୁଣବତ୍ତା, ନିର୍ଭରଯୋଗ୍ୟତା ଓ ମାନସିକ ଶାନ୍ତି ପାଇଁ ବ୍ରାଣ୍ଡର ଦୀର୍ଘାବଧି ପ୍ରତିବଦ୍ଧତାକୁ ସୂଚିତ କରୁଛି। ନୂଆ ନିସାନ ମାଗ୍ନାଇଟ ଆଡଲ୍ଟ ଅକ୍ୟୁପାଣ୍ଟ ସେଫ୍ଟି (ଏଓପି)ରେ ୫ ଷ୍ଟାର ରେଟିଂ ସହିତ ସାମଗ୍ରିକ ଯାତ୍ରୀ ସୁରକ୍ଷା କ୍ଷେତ୍ରରେ ୫ ଷ୍ଟାର ରେଟିଂ ହାସଲ କରିବାର ତତ୍କାଳ ପରେ ଏହି ପ୍ଲାନ ସମ୍ପର୍କରେ ଘୋଷଣା କରାଯାଇଛି।

ସେହିଭଳି ଏହି ପ୍ଲାନ ୩ ବର୍ଷର ଷ୍ଟାଣ୍ଡାର୍ଡ ୱାରେଣ୍ଟି ପ୍ରଦାନ କରୁଛି, ଯାହାକି ୧୦ ବର୍ଷ ପର୍ଯ୍ୟନ୍ତ ଏକ ବର୍ଦ୍ଧିତ ୱାରେଣ୍ଟି ପ୍ଲାନର ନମନୀୟ ଯୋଜନା ମାଧ୍ୟମରେ ବୃଦ୍ଧି କରାଯାଇପାରିବ। ଏହି ପ୍ଲାନର ସୁରକ୍ଷା କେବଳ ୨୨ ପଇସା/ପ୍ରତି କିମି କିମ୍ବା ୧୨ଟଙ୍କା/ପ୍ରତି ଦିନର ଏକ ସୁଲଭ ମୂଲ୍ୟରେ ୧୦ବର୍ଷ/୨ଲକ୍ଷ କିଲୋମିଟର ପର୍ଯ୍ୟନ୍ତ ଅବଧି ପାଇଁ ପ୍ରଯୁଜ୍ୟ ରହିବ। ନିସାନ ମୋଟର ଇଣ୍ଡିଆର ଏମ୍‌ଡି ସୌରଭ ବସ କହିଛନ୍ତି, ନୂଆ ନିସାନ ମାଗ୍ନାଇଟ ଭାରତୀୟ ଗ୍ରାହକଙ୍କ ପାଇଁ ଗୁଣବତ୍ତା, ନିର୍ଭରଯୋଗ୍ୟତା, ସୁରକ୍ଷା ଓ ଦୀର୍ଘାବଧି ମୂଲ୍ୟର ଏକ ପ୍ରତୀକ ଭାବେ ଉଭା ହୋଇଛି। ଗ୍ଲୋବାଲ ଏନ୍‌ସିଏପିଠାରୁ ଏହା ସମ୍ମାନଜନକ ୫ଷ୍ଟାର ସେଫ୍ଟି ରେଟିଂ ହାସଲ କରିଥିବାରୁ ଆମେ ଖୁବ୍ ଗର୍ବିତ ଅନୁଭବ କରୁଛୁ।

# Classified Everyday

**0674-2580101, 9692975378**



MATRIMONIAL

### BRIDE WANTED

Handsome Brahmin boy "1989, 5.6' B.tech, serving software Engineer CTS Bangalore. "SUNASANSAR" ,9937512659. D-1615



### REAL ESTATE SALE

Prime stithiban plot for sale- Airport area, Bhubaneswar near Naveen Niwas, 2178sqft., excellent connectivity, developed area. Ideal for residential construction. The property is guarded and secluded by boundarywall around it. Expected possession of property immediately. Deal directly with the owner. No brokers involved, Contact-9439861119. D-76071

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Sum Hospital-2** ଏବଂ **Grand Bazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। **8249422604.** D-1622

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। ୯୧୭୮୬୬୦୬୬୬. D-1617

ଭୁବନେଶ୍ୱର ମଞ୍ଚେଶ୍ୱର, ବାଲିଅନ୍ତା ନିକଟରେ ଘରବାରୀ ପ୍ଲଟ୍ ବିକ୍ରି କରାଯାଉଅଛି। ଯୋଗାଯୋଗ- **7735922768.** D-1572

**Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call-9861642492.** D-1376

**Duplex sale with gated Society near Allms Hospital, Bhubaneswar-9777433701.** D-1614

### LOST

ମୁଁ ଲିଙ୍ଗରାଜ ରାଉତ, ପି- କେଳା ରାଉତ, ଚନ୍ଦନପୁର ଥାନା ଦଣ୍ଡା ଗ୍ରାମ ଅଧିବାସୀ ଅଟେ। ଦାସଗୋବାରେ ଥିବା ମୋର ଖାତା ନଂ.- 215/372, ପ୍ଲଟ୍ ନଂ- 126 (ଘରବାରି) ମୌଜା ଦାସଗୋବା, ତହସିଲ- ପୁରୀର ପୂର୍ବ ଦଲିଲ ନଂ.- 11481403092ଟି ଭୁଲ୍‌ବଶତଃ କେଉଁଠାରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ଦଲିଲଟିକୁ ପାଆନ୍ତି ତେବେ ନିମ୍ନଲିଖିତ ନଂରେ ଯୋଗାଯୋଗ କରିବାକୁ ଅନୁରୋଧ।
ଦୀପକ କୁମାର ସାହୁ
9937058785
D-1628

By the virtue of an affidavit in the Court of Executive Magistrate, Banpur, vide general station diary No.- 007/6.8.2025 15.00 hrs. near Entry Officer name with rank: Akshaya Pradhan, ASI, we describe that: By this time one person namely Krushna Chandra Guru (54), S/o- Gobardhan Guru, At- Badapadar, Banpur, Khorda appeared at PS and presented a written report that on date 27.07.2025 at 11AM while he was travelling from Vani Vihar to Acharya Vihar, his bag was lest some where along with Khata No. 294/23, Gangadharpur Sasan. He attached an affidavit Copy with his report. Brought the matter notice of IIC Directed enter the fact as GD for further references. Therefore if anybody has found the same, please contact with the area Manager, Chandrasekharpur, Bhubaneswar Mob-9778970930 or N.C. Pattnaik lawyer with mobile number within 7days to take further course of action. D- 1626

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, Dushasan Tarai, S/o- Late Bidyadhar Tarai, At- Madan Mohan Nagar, Tinigharia, P.O.- Nayabazar, P.S.- Madhupatna, Dist.- Cuttack- 753004 States that I am owner of property Khata No.- 941/30, Plot No.- 1602, area AC 0.040 dec., Kisam-Gharabari, Mouza- Bidyadharpur Tahasil- Cuttack Sadar, Dist.- Cuttack on 26.05.25, Original Regd Sale Deed No.- 2532, dt- 03.06.1988 executed by Trilochan Sahoo in favour of Sri Jogendra Behera and record of right having Mouza Bidyadharpur, Khata No.- 348, Plot No.- 1602, area- Ac0.040dec. recorded in the name of Jogendra Behera (which is the Link Deed of my property) has been missed when transit from Nuapada Chhak to my residence. The finder please contact soon above address. D-1627

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

### AFFIDAVIT

By virtue of an affidavit before Notary Public, Chandikhole 11.08.25, I, Shaikh Khurban, aged about (59), S/o- Shaikh Habib, At- Matakatpur, P.o.- Palai, P.S.- Balichandrapur, Dist.- Jajpur, Odisha-754205 declare that Shaikh Khurban and Shaikh Khorban same and one person and there is no difference in it, Date of Birth 15.03.1966. D-1633

By virtue of an affidavit sworn before the Executive Magistrate, Jharsuguda, No.- 9334, date 11.08.26, I, Tuleswar Sa, S/o- Adikanta Sa, R/o. Vill- Kandsar, P.O.-Ubuda, P.S.-Lakhanpur, Dist.- Jharsuguda-768217 declare that, I have changed my name from Tuleswar Sa to Tuleswar AB Sa. Henceforth, I shall be known as Tuleswar AB Sa for all future purposes.
Tuleswar AB Sa
D-1634

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Bhadrak, dtd. 19.05.2025, I, Bharatilata Behera (33 yrs), W/o- Dhaneswar Parida, Vill/P.O.- Naami, P.S.- Bhandaripokhari, Dist.- Bhadrak, PIN-756121 declare that I have changed my name from Bharati Parida to Bharatilata Behera. Henceforth, I shall be known as Bharatilata Behera for all purposes. D-1629

By virtue of an affidavit sworn before Notary Public, Titilagarh, dated 09.08.2025, I, Manjushree Nayak, D/o- Sudarshan Nayak, At- Ghantasuni Pada, P.O.- Titilagarh, Dist.-Balangir, Odisha, 767033 declare that I have changed my name from Manju Sree Nayak to Manjushree Nayak. Henceforth, I shall be known as Manjushree Nayak for all purposes.
(Manjushree Nayak)
D-1630

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ମଞ୍ଜୁଲତା ବେହେରା**

ସ୍ୱାମୀ: ଗୌରାଙ୍ଗ ଚରଣ ବେହେରା
ସାଇଗୋଡ଼ା, ମନୋହରପୁର, ସାଲେପୁର, କଟକ
ଆବିର୍ଭାବ- ତା୨୧।୦୨।୧୯୭୩ରିଖ
ତିରୋଧାନ- ତା୧୩।୦୮।୨୦୨୨ରିଖ

ଚାହୁଁ ଚାହୁଁ ୩ବର୍ଷ ବିତିଗଲା। ଏବେବି ତୁମ କଥା ସବୁ ସମୟରେ ମନେପଡ଼େ। ତୁମ ସ୍ଥାନ ଅପୂରଣୀୟ। ତୁମ ସ୍ନେହ, ଆଦର୍ଶ, ଦିଗ୍‌ଦର୍ଶନ, କର୍ତ୍ତବ୍ୟନିଷ୍ଠା ଓ ଭଲପାଇବା ସଦାସର୍ବଦା ମନେ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଶ୍ରୁଳ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ ପରିବାରବର୍ଗ: ସ୍ୱାମୀ, ପୁଅ: ନୀହାର, ଚିଣ୍ଟୁ, ସୁସ୍ମିତା, ସାଇରିଡିସା, ପୁତୁରା, ପୁତୁରାବୋହୂ, ଭଣଜା, ଭାଣିଜୀ, ଝିଆରୀ, ଦେଢ଼ଶୁର, ଦିଅର, ଭାଇ, ଭାଉଜ, ବାପା, ମାଆ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୧୬୩୧


ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ନୂଆ କ୍ରୀଡ଼ା ବିଲ୍ ସ୍ୱଚ୍ଛତା ଆଣିବ: ଉଷା

ନୂଆଦିଲ୍ଲୀ,୧୨।୮(ପି.ଟି.)



ରାଜ୍ୟ ସଭାରେ ପିଟି ଉଷା ।

ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ସଭାପତି ତଥା ରାଜ୍ୟ ସଭା ସଦସ୍ୟ ପି ଟି ଉଷା ମଙ୍ଗଳବାର ଜାତୀୟ କ୍ରୀଡ଼ା ଶାସନ ବିଲ୍ ପ୍ରତି ସମର୍ଥନ ବ୍ୟକ୍ତ କରିବା ସହ କହିଛନ୍ତି, ଏହା ଦେଶର କ୍ରୀଡ଼ା ପ୍ରଶାସନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଆଣିବ। ନୂଆ ବିଲ୍ ଉପରେ ମଙ୍ଗଳବାର ରାଜ୍ୟ ସଭାରେ ଆଲୋଚନା ବେଳେ ଉଷା ଏଥିରେ ଦିଆଯାଇଥିବା ଜାତୀୟ କ୍ରୀଡ଼ା ବୋର୍ଡ(ଏନ୍ଏସ୍‌ବି), ଜାତୀୟ କ୍ରୀଡ଼ା ଟ୍ରିବ୍ୟୁନାଲ (ଏନ୍ଏସ୍‌ଟି) ଓ ଜାତୀୟ କ୍ରୀଡ଼ା ନିର୍ବାଚନ ପ୍ୟାନେଲ ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି।

'ଆଜିର ଦିନ ବ୍ୟକ୍ତିଗତ ଓ ଜାତୀୟ ଦୃଷ୍ଟିକୋଣରୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ମୁଁ ଏହି ମୁହୂର୍ତ୍ତ ଲାଗି ଦୀର୍ଘବର୍ଷ ହେଲା ଅପେକ୍ଷା କରିଛି। ୧୯୮୪ରେ ମୋତେ ୨୦ ବର୍ଷ ହୋଇଥିଲା, ଯେତେବେଳେ ମୁଁ ଲସ୍ ଏଞ୍ଜେଲ୍ସରେ ଅଲିମ୍ପିକ୍ ପଦକ ହାତଛଡ଼ା କରିଥିଲି। ସେହିଦିନ ମୋ ମନ ଭାଙ୍ଗିଯାଇଥିଲା। ସେତେବେଳେ ଆମ ହୃଦୟର ସ୍ୱପ୍ନକୁ ସାକାର କରିବା ପାଇଁ କୌଣସି କ୍ରୀଡ଼ା ଆଇନ ନ ଥିଲା। ସେହି ଘଟଣାକୁ ୪ ଦଶନ୍ଧି ବିତିବା ପରେ ବି ଆମ ପାଖରେ କୌଣସି ବ୍ୟବସ୍ଥା ନ ଥିଲା। ଏବେ ଏହି ଆଶା କାର୍ଯ୍ୟ ଓ ଆଇନରେ ପରିଣତ ହୋଇଛି।ଏହା ଏକ ଦୂରଦୃଷ୍ଟିସମ୍ପନ୍ନ ଓ ଦୀର୍ଘଦିନ ଧରି ବକେୟା ରହିଥିବା ବିଲ୍। ଏହି ବିଲ୍ ଭାରତୀୟ କ୍ରୀଡ଼ା ପ୍ରଶାସନରେ ଉତ୍ତରଦାୟିତ୍ୱ ବୃଦ୍ଧି କରିବା ସହ ସ୍ୱଚ୍ଛତା ଓ ଲିଙ୍ଗଗତ ସମାନତା ଆଣିବ।ଏହା ଆଥ୍‌ଲେଟ୍‌ଙ୍କୁ ସଶକ୍ତ କରିବା ସହ ସ୍ୱନ୍‌ସର୍ସ ଓ ଫେଡେରେଶନ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିବ। ଏହା ନ୍ୟାୟ ଓ ନିରପେକ୍ଷତାର ବିଷୟ। ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ ସ୍ୱପ୍ନ ଦେଖୁଥିବା ବେଳେ ଏହି ଆଇନ ଆସିଛି। ଭାରତ ପାଇଁ ଏହା କେବଳ ଏକ ବିଲ୍ ନୁହେଁ, ବରଂ କାର୍ଯ୍ୟ ଲାଗି ଏକ ସ୍ପଷ୍ଟ ଆହ୍ୱାନ। ଏହି ବିଲ୍ ମହାନ୍ ଦୃଷ୍ଟିକୋଣରୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ଏହା ଏକ ନୈତିକ ପ୍ରତିଶ୍ରୁତି ଯେ, ଆଥ୍‌ଲେଟଙ୍କୁ ଆଉ ଉଦାସୀନ ବ୍ୟବସ୍ଥା ଦ୍ୱାରା ନିରାଶ ହେବାକୁ ପଡ଼ିବ ନାହିଁ। ମାଟି ରାସ୍ତାରେ ଖାଲିପାଦରେ ଦୌଡୁଥିବା କୁନି କୁନି ପିଲାଙ୍କ ଲାଗି ଏହି ବିଲ୍ ଜୀବନ ବଦଳାଇ ଦେବ' ବୋଲି ଉଷା କହିଛନ୍ତି।

## ସଂସଦରେ ପାରିତ

ଜାତୀୟ କ୍ରୀଡ଼ା ଶାସନ ବିଲ୍ ଓ ଜାତୀୟ ଡୋପିଂ ନିବାରଣ (ସଂଶୋଧିତ) ବିଲ୍ ମଙ୍ଗଳବାର ସଂସଦରେ ପାରିତ ହୋଇଯାଇଛି।ଲୋକସଭାରେ ପାରିତ ହେବାର ୨୪ ଘଣ୍ଟା ମଧ୍ୟରେ ଏହି ଦୁଇ ବିଲ୍‌କୁ ରାଜ୍ୟ ସଭାର ଅନୁମୋଦନ ମିଳିଛି। ଏହି ଦୁଇ ବିଲ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସ୍ୱାକ୍ଷର ପରେ ଆଇନରେ ପରିଣତ ହେବ। ଅପରାହ୍ନ ୩ଟାରେ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ ଉଭୟ ବିଲ୍ ଉପରେ ବିଚାର କରିବା ପାଇଁ ଉଚ୍ଚ ସଦନକୁ ପଠାଇଥିଲେ। ହେଲେ ବିହାରରେ ଭୋଟର ତାଲିକା ସଂଶୋଧନ ନେଇ ଆଲୋଚନା ଦାବିରେ କଂଗ୍ରେସ ସଭାପତି ମଲିକାର୍ଜୁନ ଖାର୍ଗେଙ୍କ ନେତୃତ୍ୱରେ ବିରୋଧୀ ଏମ୍‌ପିମାନେ ସଦନରୁ ଚାଲିଯାଇଥିଲେ।

'୨୦ ଦେଶରେ କ୍ରୀଡ଼ା ଆଇନ ରହିଛି। ଏହି ଧାରାରେ ଭାରତକୁ ୨୧ତମ ଦେଶ ଭାବେ ସାମିଲ କରିବା ପାଇଁ ମୁଁ ରାଜ୍ୟ ସଭାକୁ ଅନୁରୋଧ କରୁଛି' ବୋଲି ମାଣ୍ଡବ୍ୟ ସମ୍ବୋଧନ ଦେବା ପରେ ଦୁଇ ଘଣ୍ଟା ଧରି ବିଲ୍ ଉପରେ ଚର୍ଚ୍ଚା ହୋଇଥିଲା। ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନର ପୂର୍ବତନ ସଭାପତି ତଥା ଏନ୍‌ସିପି ନେତା ପ୍ରଫୁଲ୍ଲ ପଟେଲ ଓ ଇଣ୍ଡିଆନ ଅଲିମ୍ପିକ୍ ଆସୋସିଏଶନ ସଭାପତି ପିଟି ଉଷା ପ୍ରମୁଖ ନୂଆ କ୍ରୀଡ଼ା ବିଲ୍‌କୁ ପ୍ରଶଂସା କରିଥିଲେ। ଉଲ୍ଲେଖଯୋଗ୍ୟ, ଆମେରିକା, ବ୍ରିଟେନ, ଚାଇନା, ଜାପାନ ଭଳି ଦେଶରେ ଏହି କ୍ରୀଡ଼ା ଆଇନ ମଧ୍ୟ ରହିଛି।



ବାନ୍ଧବୀ ଜିଓର୍ଜିନା ରୋଡ୍ରିଗୁଏଜ୍‌ଙ୍କ ସହ କ୍ରିଷ୍ଟିଆନୋ ରୋନାଲ୍ଡୋ ।

# ରୋନାଲ୍ଡୋ-ରୋଡ୍ରିଗୁଏଜ୍‌ଙ୍କ ନିର୍ବନ୍ଧ

ୱାଶିଂଟନ,୧୨।୮(ଏପି)

କିମ୍ବଦନ୍ତୀ ଫୁଟ୍‌ବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ତାଙ୍କ ଦୀର୍ଘଦିନର ସାଥୀ ଜିଓର୍ଜିନା ରୋଡ୍ରିଗୁଏଜ୍‌ଙ୍କର ନିର୍ବନ୍ଧ ଶେଷ ହୋଇଛି। ୩୧ ବର୍ଷୀୟା ରୋଡ୍ରିଗୁଏଜ ହାତରେ ଏକ ବଡ଼ ହୀରାଖଚିତ ମୁଦିର ଫଟୋ ସହ ଇନ୍‌ଷ୍ଟାଗ୍ରାମରେ ନିର୍ବନ୍ଧ ସମ୍ପର୍କରେ ଘୋଷଣା କରିଛନ୍ତି। ରୋଡ୍ରିଗୁଏଜ ଓ ୪୦ ବର୍ଷୀୟ ରୋନାଲ୍ଡୋଙ୍କର ଦୁଇଟି ଝିଅ ଅଛନ୍ତି। ସେମାନଙ୍କ ବ୍ୟତୀତ ରୋନାଲ୍ଡୋଙ୍କ ୩ ଛୁଆଙ୍କୁ ପାଳିବାରେ ରୋଡ୍ରିଗୁଏଜ୍ ସହାୟତା କରୁଛନ୍ତି। ରୋନାଲ୍ଡୋ ୨୦୧୬ରେ ମାଡ୍ରିଡ୍‌ର ଏକ ଗୁସି ଷ୍ଟୋରରେ ରୋଡ୍ରିଗୁଏଜ୍‌ଙ୍କୁ ଭେଟିଥିଲେ। ପୂର୍ବତନ ରିୟଲ ମାଡ୍ରିଡ୍ ଓ ମାଞ୍ଚେଷ୍ଟର ୟୁନାଇଟେଡ୍ ଖେଳାଳି ଏବେ ସାଉଦି ଆରବରେ ଅଲ-ନାସର କ୍ଲବ ପାଇଁ ଖେଳୁଛନ୍ତି।

# ହରିୟାଣାକୁ ହରାଇ ଝାଡ଼ଖଣ୍ଡ ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଝାଡ଼ଖଣ୍ଡ ଦଳ।

ଜାତୀୟ ଜୁନିୟର ମହିଳା ହକି

କାକିନାଡା, ୧୨।୮ (ପି.ଟି.)

ଝାଡ଼ଖଣ୍ଡ ଏଠାରେ ଅନୁଷ୍ଠିତ ୧୫ତମ ଜାତୀୟ ଜୁନିୟର ମହିଳା ହକି ଚାମ୍ପିୟନଶିପ ଟାଇଟଲ ବିଜୟୀ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ଡିଭିଜନ 'ଏ' ଫାଇନାଲରେ ଦଳ ୨-୧ ଗୋଲ୍‌ରେ ହରିୟାଣାକୁ ପରାସ୍ତ କରିଛି। ଝାଡ଼ଖଣ୍ଡ ତରଫରୁ ପ୍ରଥମ କ୍ୱାର୍ଟରରେ ସ୍ୱିଟି ଡୁଙ୍ଗ୍‌ଡୁଙ୍ଗ୍ (୧୦ମ ମିନିଟ) ଓ ଶାନ୍ତି କୁମାରୀ (୧୨ତମ) ଗୋଲ ସ୍କୋର କରିଥିବା ବେଳେ ହରିୟାଣା ତରଫରୁ କୀର୍ତ୍ତ ୫୨ତମ ମିନିଟ୍‌ରେ ଏକମାତ୍ର ଗୋଲ୍ ଦେଇଥିଲେ। ଇଭେଣ୍ଟର ଅନ୍ତିମ ଦିବସରେ ପ୍ରଥମେ ୩ୟ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ଉତ୍ତର ପ୍ରଦେଶ ୨-୦ ଗୋଲ୍‌ରେ ଛତିଶଗଡ଼କୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛି। ଦଳ ପକ୍ଷରୁ ସୁନୀତା କୁମାରୀ (୧୦ମ) ଓ ମନୀଷା ପଟେଲ (୬୦ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ।

## ବିନି ବିସିସିଆଇ ସଭାପତି ରହିବେ

**ବେଙ୍ଗାଲୁରୁ,୧୨।୮ (ପି.ଟି.):** ପୂର୍ବତନ ଅଲ୍‌ରାଉଣ୍ଡର ରୋଜର ବିନି ଗତମାସରେ ୭୦ ବର୍ଷରେ ପାଦ ଦେଇଛନ୍ତି। ହେଲେ ସଂସଦରେ ପାସ୍ ହୋଇଥିବା ଜାତୀୟ କ୍ରୀଡ଼ା ଶାସନ ବିଲ୍ ଅନୁଯାୟୀ, ବିନି ବିସିସିଆଇ ସଭାପତି ଭାବେ କାର୍ଯ୍ୟ ଜାରି ରଖିବେ। ଅତିକମ୍‌ରେ ଆସନ୍ତା ସେପ୍ଟେମ୍ବରରେ ହେବାକୁ ଥିବା ଏଜିଏମ୍ ପର୍ଯ୍ୟନ୍ତ ସେ ଦାୟିତ୍ୱ ତୁଲାଇବେ। ଯଦି ବିସିସିଆଇର ରାଜ୍ୟ ସଦସ୍ୟ ରାଜି ହୁଅନ୍ତି, ତେବେ ବିନି ୭୫ ବର୍ଷ ବୟସ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବେ, ଯାହାକି ଜାତୀୟ କ୍ରୀଡ଼ା ମହାସଂଘର ଅଧିକାରୀଙ୍କ ଲାଗି ନୂଆ କଟ୍-ଅଫ୍ ବୟସ।

## ଇଣ୍ଡିଆନ ନେଭି କ୍ୱାର୍ଟର ଫାଇନାଲରେ

ଡୁରାଣ୍ଡ କପ୍ ଫୁଟ୍‌ବଲ

ଇମ୍ଫାଲ, ୧୨।୮(ପି.ଟି.)

ଇଣ୍ଡିଆନ୍ ନେଭି ଫୁଟ୍‌ବଲ ଟିମ୍ ୧୩୪ତମ ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଖେଳାଯାଇଥିବା ଗ୍ରୁପ୍ 'ଏଫ୍'ର ଏକ ମ୍ୟାଚ୍‌ରେ ବିଳମ୍ବରେ ପିଣ୍ଟୁ ମହାତା ଓ ଶ୍ରେୟସ ଭି.ଜିଙ୍କ ଗୋଲ୍ ବଳରେ ଦଳ ୨-୧ ଗୋଲ୍‌ରେ ଟ୍ରାଉ(ଟିଡିମ୍ ରୋଡ୍ ଆଥଲେଟିକ୍ ୟୁନିୟନ) ଏଫ୍‌ସିକୁ ପରାସ୍ତ କରିଛି। ଖେଳର ୨୯ତମ ମିନିଟ୍‌ରେ ଟ୍ରାଉ ମୋଇରାଙ୍ଗଥେମ୍ ନେଲସନ ସିଂଙ୍କ ଗୋଲ୍ ଜରିଆରେ ଅଗ୍ରଣୀ ଲାଭ କରିଥିଲା। ୮୭ତମ ମିନିଟ୍‌ରେ ପିଣ୍ଟୁଙ୍କ ଗୋଲ୍ ବଳରେ ଇଣ୍ଡିଆ ନେଭି ମ୍ୟାଚ୍‌କୁ ବରାବର ସ୍ଥିତିକୁ ନେଇଆସିଥିବା ବେଳେ ପିଣ୍ଟୁ ଇଞ୍ଜୁରି ଟାଇମ୍‌ର ୩ୟ ମିନିଟ୍‌ରେ ଆଉ ଏକ ଗୋଲ୍ କରି ଦଳକୁ ବିଜୟୀ କରାଇଥିଲେ। ଏହି ବିଜୟ ଦ୍ୱାରା ଇଣ୍ଡିଆନ ନେଭି ୭ ପଏଣ୍ଟ ସହ ଗ୍ରୁପ୍ 'ଏ' ପଏଣ୍ଟ ଟେବୁଲରେ ରିୟଲ କଶ୍ମୀର ଏଫ୍‌ସି(୬ ପଏଣ୍ଟ) ଆଗରେ ପ୍ରଥମ ସ୍ଥାନରେ ରହିଥିଲା।

## ଗୁକେଶ ମିଳିତ ତୃତୀୟ

**ସେଣ୍ଟ ଲୁଇସ୍, ୧୨।୮(ପି.ଟି.):** ସେଣ୍ଟ ଲୁଇସ୍ ରାପିଡ୍ ଆଣ୍ଡ ବ୍ଲିଜ୍ ଟୁର୍ନାମେଣ୍ଟର ପ୍ରଥମ ଦିବସ ଖେଳ ଶେଷସୁଦ୍ଧା ବିଶ୍ୱ ଚାମ୍ପିୟନ ଭାରତର ଡି. ଗୁକେଶ ମିଳିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଓପନିଂ ରାଉଣ୍ଡରେ ସେ ଆମେରିକାର ଲେଭନ ଆରୋନିଆନଙ୍କ ନିକଟରୁ ହାରିଯିବା ପରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରି ଗ୍ରିଗୋରି ଓପାରିନ୍ ଓ ଲିମ୍ ଲି' କ୍ୱାଙ୍ଗଙ୍କ ବିପକ୍ଷରେ ବିଜୟ ହାସଲ କରିଥିଲେ। ସେଣ୍ଟ ଲୁଇସ୍ ରାପିଡ୍ ଆଣ୍ଡ ବ୍ଲିଜ୍ ଟୁର୍ନାମେଣ୍ଟ ହେଉଛି ଗ୍ରାଣ୍ଡ ଚେସ୍ ଟୁର୍‌ର ଏକ ଅଂଶବିଶେଷ। ପ୍ରଥମ ଦିବସରେ ସମ୍ଭାବ୍ୟ ୬ ପଏଣ୍ଟରୁ ଗୁକେଶ ୪ ପଏଣ୍ଟ ଅର୍ଜନ କରିପାରିଛନ୍ତି। ଟୁର୍ନାମେଣ୍ଟରେ ପ୍ରତ୍ୟେକ ରାପିଡ୍ ବିଜୟ ପାଇଁ ଦୁଇ ପଏଣ୍ଟ ବ୍ୟବସ୍ଥା ରହିଥିବାବେଳେ ଆରୋନିଆନ ପ୍ରଥମ ଦିବସରେ ସମସ୍ତ ୩ଟି ଗେମ୍ ଜିତି ଅଗ୍ରଣୀ ଲାଭ କରିଛନ୍ତି। ନିକଟରେ ଲାସ୍‌ଭେଗାସ୍‌ଠାରେ ଅନୁଷ୍ଠିତ ଫ୍ରିଷ୍ଟାଇଲ ଚେସ୍ ଟୁର୍ନାମେଣ୍ଟରେ ସାନି ସଫଳତା ହାସଲ କରି ଫେରିଥିବା ଏହି ଆମେରିକୀୟ ଗ୍ରାଣ୍ଡମାଷ୍ଟର ପର୍‌ଫେକ୍ଟ ସ୍କୋର ବଜାୟ ରଖି ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଉଜ୍‌ବେକିସ୍ତାନର ନୋଦିରବେକ୍ ଅବଦୁସାତ୍ତୋରୋଭ ଓ ଫ୍ରାନ୍ସର ମାକ୍ସିମି ଭାଚିର ଲାଗ୍ରେଭଙ୍କୁ ପରାସ୍ତ କରିଥିଲେ। ଆରୋନିଆନ ୬ ପଏଣ୍ଟ ଅର୍ଜନ କରିପାରିଛନ୍ତି। ତାଙ୍କ ଦେଶର ଫାବିଆନୋ କାରୁଆନା ଦୁଇ ବିଜୟ ଓ ଗୋଟିଏ ଡ୍ର ସହ ୫ ପଏଣ୍ଟ ଅର୍ଜନ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଗୁକେଶ ଅନ୍ୟ ଜଣେ ଆମେରିକୀୟ ୱେସ୍‌ଲି ସୋ'ଙ୍କ ସହ ମିଳିତ ୩ୟ ସ୍ଥାନରେ ଥିବାବେଳେ ଭାଚିର ଲାଗ୍ରେଭ ଓ ଲିନର ବୋମିନ୍‌ଗୁଏଜ୍ ପେରେଜ ମିଳିତ ତୃତୀୟ ହୋଇଛନ୍ତି।

# ବେଙ୍ଗାଲୁରୁ ମ୍ୟାଚ୍ ସ୍ଥାନାନ୍ତର ହେବ

ନୂଆଦିଲ୍ଲୀ,୧୨।୮



ଆସନ୍ତା ସେପ୍ଟେମ୍ବର ୩୦ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ମହିଳା ଦିନିକିଆ ବିଶ୍ୱକପ୍‌ର ଭେନ୍ୟୁ ତାଲିକାରୁ ବେଙ୍ଗାଲୁରୁ ବାଦ୍ ପଡ଼ିବାକୁ ଯାଉଛି। ଶ୍ରୀଲଙ୍କାର କଲମ୍ବୋ ବ୍ୟତୀତ ଭାରତରେ ଗୌହାଟୀ, ବିଶାଖାପାଟଣା ଓ ଇନ୍ଦୋର ସହିତ ଅନ୍ୟ ଏକ ସହରରେ ବିଶ୍ୱକପ୍ ମ୍ୟାଚ୍ ଆୟୋଜନ କରାଯିବ। ଏ ସମ୍ପର୍କରେ ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ଅନ୍ତର୍ଜାତୀୟ କ୍ରିକେଟ୍ କାଉନସିଲ (ଆଇସିସି) ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ ବୋଲି ଆଶା କରାଯାଉଛି। ଥିରୁଭାନନ୍ତପୁରମ କିମ୍ବା ହାଇଦ୍ରାବାଦ୍‌କୁ ଚତୁର୍ଥ ଭେନ୍ୟୁ ଭାବେ ଚୟନ କରାଯାଇପାରେ।

ବେଙ୍ଗାଲୁରୁରେ ହେବାକୁ ଥିବା ମ୍ୟାଚ୍‌କୁ ସ୍ଥାନାନ୍ତର କରାଯିବ ବୋଲି ଏ ପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ ଘୋଷଣା ହୋଇ ନାହିଁ। କିନ୍ତୁ ବିସିସିଆଇ ପକ୍ଷରୁ ଅତିରିକ୍ତ ଦୁଇ ଦିନ ଦିଆଯିବା ସତ୍ତ୍ୱେ କର୍ଣ୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏଶନ (କେଏସ୍‌ସିଏ) ମ୍ୟାଚ୍ ଆୟୋଜନ ଲାଗି ସ୍ଥାନୀୟ ପୋଲିସଠାରୁ ଅନୁମତି ନେବାରେ ବିଫଳ ହୋଇଛି। ଅନୁମତି ନେବା ଲାଗି ପୂର୍ବରୁ ଅଗଷ୍ଟ ୯ ତାରିଖକୁ ଅନ୍ତିମ ଦିନ ଧାର୍ଯ୍ୟ କରାଯାଇଥିଲା। ପରେ କେଏସ୍‌ସିଏକୁ ସୋମବାର ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। ସେପ୍ଟେମ୍ବର ୩୦ ତାରିଖରେ ଉଦ୍‌ଘାଟନୀ ମ୍ୟାଚ୍ ସମେତ ୫ଟି ମ୍ୟାଚ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ହେବାର ଥିଲା। କିନ୍ତୁ ଜୁନ ୪ ତାରିଖରେ ଆର୍‌ସିବିର ଭିକ୍ଟ୍ରି ପରେଡ ବେଳେ ଦଳାଚକଟାରେ ୧୧ ପ୍ରଶଂସକଙ୍କ ମୃତ୍ୟୁ ଘଟିବା ପରେ ସହରରେ କ୍ରିକେଟ ମ୍ୟାଚ୍ ଆୟୋଜନ ସଂକ୍ରାନ୍ତରେ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଆପଣେଇଛନ୍ତି।

# ଦୀପ୍ତି ଶର୍ମା ଦ୍ୱିତୀୟ ସ୍ଥାନକୁ ଉନ୍ନୀତ

ଦୁବାଇ, ୧୨।୮(ପି.ଟି.)



ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି) ମହିଳା ଟି୨୦ ର୍‍ୟାଙ୍କିଙ୍ଗ୍ ତାଲିକା ପ୍ରକାଶ ପାଇଛି। ବୋଲିଂ ର୍‍ୟାଙ୍କିଙ୍ଗ୍‌ରେ ଭାରତର ଦୀପ୍ତି ଶର୍ମା ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହେବା ସହ ପ୍ରଥମ ସ୍ଥାନ ନିକଟତର ହୋଇଛନ୍ତି। ଦୀପ୍ତି ବର୍ତ୍ତମାନ ୭୩୨ ରେଟିଂ ପଏଣ୍ଟ ସହ ପାକିସ୍ତାନର ସାଦିଆ ଇକ୍‌ବାଲଙ୍କ ସହିତ ମିଳିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆର ଆନାବେଲ୍ ସଦରଲାଣ୍ଡ ପ୍ରଥମଥର ଅନ୍ତର୍ଜାତୀୟ ଟି୨୦ ର୍‍ୟାଙ୍କିଙ୍ଗ୍ ତାଲିକାରେ ପ୍ରଥମ ସ୍ଥାନ ଅଧିକାର କରିନେଇଛନ୍ତି। ଆୟର୍ଲାଣ୍ଡ ବିପକ୍ଷ ସିରିଜ୍‌ରେ ଇକ୍‌ବାଲ ମାତ୍ର ୩ଟି ଉଇକେଟ ନେଇଥିଲେ। ଫଳରେ ତାଙ୍କୁ ୧ ନମ୍ବର ସ୍ଥାନ ହରାଇବାକୁ ପଡ଼ିଛି। ବ୍ୟାଟର ତାଲିକାରେ ଓପନର ସ୍ମୃତି ମନ୍ଧାନା ଦ୍ୱିତୀୟ ସ୍ଥାନକୁ ଖସିଆସିଛନ୍ତି। ମାର୍ଚ୍ଚରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୪ ଉଇକେଟ ସଫଳତା ପରଠାରୁ ସଦରଲାଣ୍ଡ ଆଉ ଅନ୍ତର୍ଜାତୀୟ ଟି୨୦ ଖେଳିନାହାନ୍ତି। କିନ୍ତୁ ତାଙ୍କ ରେଟିଂ ପଏଣ୍ଟ ଅପରିବର୍ତ୍ତିତ ରହିଛି, କାରଣ ଟପ୍ ର୍‍ୟାଙ୍କିଙ୍ଗ୍‌ର ନିକଟତର ଥିବା ଗତ ସପ୍ତାହରେ ଭଲ ପ୍ରଦର୍ଶନ କରିପାରି ନ ଥିବାରୁ ସେମାନଙ୍କୁ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ହରାଇବାକୁ ପଡ଼ିଛି। ଅନ୍ତର୍ଜାତୀୟ ଟି୨୦ ଅଲ୍‌ରାଉଣ୍ଡର ର୍‍ୟାଙ୍କିଙ୍ଗ୍ ତାଲିକାରେ ଦୀପ୍ତି ୩୮୭ ରେଟିଂ ପଏଣ୍ଟ ସହ ୱେଷ୍ଟଇଣ୍ଡିଜ୍‌ର ହେଲି ମାଥ୍ୟୁସ୍(୫୦୫) ଓ ନ୍ୟୁଜିଲାଣ୍ଡର ଆମେଲିଆ କେର୍(୪୩୪)ଙ୍କ ପଛରେ ତୃତୀୟ ସ୍ଥାନରେ ରହିଛନ୍ତି।

# ସୁବ୍ରତ କପ୍ ଫୁଟ୍‌ବଲ ୧୯ରୁ

ନୂଆଦିଲ୍ଲୀ, ୧୨।୮(ପି.ଟି.)



ସୁବ୍ରତ କପ୍ ଫୁଟ୍‌ବଲର ୬୪ତମ ସଂସ୍କରଣ ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏୟାର ମାର୍ଶାଲ ଏସ୍. ଶିବକୁମାର ଏବଂ ଭାରତୀୟ ଫୁଟ୍‌ବଲର ଡାଲିମା ଛିବର।

ଅଗଷ୍ଟ ୧୯ରୁ ୬୪ତମ ସୁବ୍ରତ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଖେଳାଯିବ। ଏଥିରେ ତିନୋଟି କାଟେଗୋରିରେ ୪ ଅନ୍ତର୍ଜାତୀୟ ଦଳ ସହ ମୋଟ ୧୦୬ଟି ଦଳ ଅଂଶଗ୍ରହଣ କରିବେ। ଏହି ସମ୍ମାନ୍‌ଜନକ ଟୁର୍ନାମେଣ୍ଟରେ ଖେଳାଳିମାନେ ୩ଟି କାଟେଗୋରି ଯଥା ଜୁନିୟର ବାଳକ(୧୭ ବର୍ଷରୁ କମ୍), ଜୁନିୟର ବାଳିକା(୧୭ ବର୍ଷରୁ କମ୍) ଏବଂ ସବ୍‌ଜୁନିୟର ବାଳକ (୧୫ ବର୍ଷରୁ କମ୍)ରେ ଭାଗନେବେ। ଏୟାରଫୋର୍ସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡର ତତ୍ତ୍ୱାବଧାନରେ ସୁବ୍ରତ ମୁଖାର୍ଜୀ ସ୍ପୋର୍ଟ୍ସ ଏଜୁକେଶନ ସୋସାଇଟି (ଏସ୍ଏମ୍ଏସ୍ଇଏସ୍) ଦ୍ୱାରା ଆୟୋଜନ କରାଯାଉଥିବା ଏହି ଟୁର୍ନାମେଣ୍ଟ ସେପ୍ଟେମ୍ବର ୨୫ ପର୍ଯ୍ୟନ୍ତ ଦିଲ୍ଲୀ ଏନ୍‌ସିଆର ଓ ବେଙ୍ଗାଲୁରୁସ୍ଥିତ ଭେନ୍ୟୁଗୁଡ଼ିକରେ ଖେଳାଯିବ। ନେପାଳ ଓ ଶ୍ରୀଲଙ୍କାରୁ ଅନ୍ତର୍ଜାତୀୟ ଦଳଗୁଡ଼ିକ ଭାଗନେବେ ବୋଲି ଏୟାର ମାର୍ଶାଲ ଏସ୍. ଶିବକୁମାର ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତା ସ୍କୁଲ ପିଲାମାନଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବା, ଅଭିଜ୍ଞତା ହାସଲ କରିବା ତଥା ସିନିୟର ସ୍ତର ଫୁଟ୍‌ବଲ ପାଇଁ ପ୍ରସ୍ତୁତ ହେବାଲାଗି ଏକ ଉପଯୁକ୍ତ ପ୍ଲାଟ୍‌ଫର୍ମ। ଏହି ଟୁର୍ନାମେଣ୍ଟରୁ କେତେଜଣ ମନୋନୀତ ଖେଳାଳିଙ୍କୁ ଜର୍ମାନୀରେ ଟ୍ରେନିଂ ସୁଯୋଗ ମିଳିବ। ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭାରତୀୟ ମହିଳା ଫୁଟ୍‌ବଲର ଡାଲିମା ଛିବର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ୨୦୧୧ରେ ଏହି ଟୁର୍ନାମେଣ୍ଟ ଜରିଆରେ ତାଙ୍କ ଫୁଟ୍‌ବଲ କ୍ୟାରିୟର ଯାତ୍ରା ଆରମ୍ଭ ହୋଇଥିଲା। ଆମର ୨୦ ବର୍ଷରୁ କମ୍ ଦଳ ଏସିଆନ୍ କପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ଆମେ ଏକ ସୁବର୍ଣ୍ଣ ଭବିଷ୍ୟତ ଆଡ଼କୁ ଅଗ୍ରସର ହେଉଛେ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ୧୯୬୦ରେ ପ୍ରଥମକରି ଆୟୋଜିତ ଏହି ଟୁର୍ନାମେଣ୍ଟ ହେଉଛି ଏୟାର ମାର୍ଶାଲ ସୁବ୍ରତ ମୁଖାର୍ଜୀଙ୍କ ଏକ ପରିକଳ୍ପନା। ଭାରତରେ ତୃଣମୂଳସ୍ତରରେ ଫୁଟ୍‌ବଲ ଖେଳର ପ୍ରସାର ତାଙ୍କ ଉଦ୍ଦେଶ୍ୟ ଥିଲା। ପରବର୍ତ୍ତୀ ସମୟରେ ଏହା ଦେଶର ସବୁଠାରୁ ବଡ଼ ଆନ୍ତଃ-ସ୍କୁଲ ଟୁର୍ନାମେଣ୍ଟରେ ପରିଣତ ହୋଇପାରିଛି।

# ବ୍ରେଭିସ୍‌ଙ୍କ ବିସ୍ଫୋରକ ଶତକ

ଡାରୱିନ୍,୧୨।୮

ଦ୍ୱିତୀୟ ଟି୨୦ : ଦକ୍ଷିଣ ଆଫ୍ରିକା ଜିତିଲା



ଅପରାଜିତ ଶତକୀୟ ଇନିଂସ୍ ଅବସରରେ ଡିୱାଲ୍ଡ ବ୍ରେଭିସ୍।

ଡିୱାଲ୍ଡ ବ୍ରେଭିସ୍‌ଙ୍କ ବିସ୍ଫୋରକ ଶତକ ବଳରେ ଅଷ୍ଟ୍ରେଲିଆ ବିପକ୍ଷରେ ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍‌କୁ ଦକ୍ଷିଣ ଆଫ୍ରିକା ୫୩ ରନ୍‌ରେ ଜିତିନେଇଛି। ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌କୁ ୧-୧ରେ ବରାବର କରିଛି। ଅପରାଜିତ ଶତକୀୟ ଇନିଂସ୍ ଖେଳିଥିବା ବ୍ରେଭିସ୍‌ଙ୍କୁ ପ୍ଲେୟର ଅଫ୍ ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍ ଆସନ୍ତା ୧୬ ତାରିଖରେ କେର୍ନସରେ ଖେଳାଯିବ।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୧୮ ରନ୍ କରିଥିଲା। ଦଳ ପାଇଁ ବ୍ରେଭିସ୍ ୫୬ ବଲ୍‌ରେ ୧୨ ଚୌକା ଓ ୮ ଛକା ସହିତ ଅପରାଜିତ ୧୨୫ ରନ୍‌ର ପାଳି ଖେଳିଥିଲେ। ଏହା ତାଙ୍କ କ୍ୟାରିୟରର ପ୍ରଥମ ଟି୨୦ ଶତକ ଓ ଏହା ଅନ୍ତର୍ଜାତୀୟ ଟି୨୦ରେ ଦକ୍ଷିଣ ଆଫ୍ରିକୀୟ ବ୍ୟାଟରଙ୍କ ମଧ୍ୟରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ଅନ୍ୟମାନଙ୍କ ମଧ୍ୟରେ ଟ୍ରିଷ୍ଟାନ ଷ୍ଟବ୍ସ ୩୧ ଓ ଏଡେନ ମାରକ୍ରାମ ୧୮ ରନ୍ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଗ୍ଲେନ ମ୍ୟାକ୍ସୱେଲ ଓ ବେନ ଡ୍ୱାରଶୁଇସ୍ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୧୭.୪ ଓଭରରେ ୧୬୫ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ଲାଗି ଟିମ୍ ଡେଭିଡ୍ ୫୦(୪ ଲେଖାଏ ଚୌକା ଓ ଛକା), ଆଲେକ୍ସ କାରେ ୨୬ (୩ ଚୌକା) ଓ ଅଧିନାୟକ ମିଚେଲ ମାର୍ଶ ୨୨(୨ ଚୌକା ଓ ୧ ଛକା) ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କ୍ୱେନା ମାଫାକା ଓ କର୍ବିନ ବୋଶ୍ଚ ୩ ଲେଖାଏ ଉଇକେଟ ହାତେଇଥିଲେ। ଅନ୍ତର୍ଜାତୀୟ ଟି୨୦ କ୍ରିକେଟ୍‌ରେ ଏହା ଅଷ୍ଟ୍ରେଲିଆ ପାଇଁ ଦ୍ୱିତୀୟ ସର୍ବବୃହତ୍ ପରାଜୟ। ଏହି ପରାଜୟ ପରେ ଗତ ୯ ମ୍ୟାଚ୍‌ରେ ଚାଲିଆସିଥିବା ଅଷ୍ଟ୍ରେଲିଆର ବିଜୟଧାରା ଭଙ୍ଗ ହୋଇଯାଇଛି।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା: ୨୦ ଓଭରରେ ୨୧୮/୭(ଡିୱାଲ୍ଡ ବ୍ରେଭିସ-୧୨୫*, ଟ୍ରିଷ୍ଟାନ ଷ୍ଟବ୍ସ-୩୧, ବେନ ଡ୍ୱାରଶୁଇସ-୨/୨୪, ଗ୍ଲେନ ମ୍ୟାକ୍ସୱେଲ-୨/୪୪)।

ଅଷ୍ଟ୍ରେଲିଆ: ୧୭.୪ ଓଭରରେ ୧୬୫/ଅଲଆଉଟ୍ (ଟିମ୍ ଡେଭିଡ୍-୫୦, ଆଲେକ୍ସ କାରେ-୨୬, କର୍ବିନ ବୋଶ୍ଚ-୩/୨୦, କ୍ୱେନା ମାଫାକା-୩/୫୭)।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ




**SHOWROOMS: ODISHA:** RENAULT **CUTTACK** Ph: 9311772648. RENAULT **BHUBANESWAR** Ph: 8860076082, RENAULT **BHUBANESWAR CENTRAL** Ph: 7428190232. RENAULT **BHAWANIPATNA** Ph: 9438395880. RENAULT **JEYPORE** Ph: 9311596618. RENAULT **SAMBALPUR** Ph: 8448890323.